


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-140 ◆SUNDAY ◆16 NOVEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୪୦ ◆ରବିବାର ◆୧୬ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


ବିସ୍ଫୋରକ ଯାଞ୍ଚ ବେଳେ ବିସ୍ଫୋରଣ

# ଉଡ଼ିଗଲା ଥାନା; ୯ ମୃତ, ୩୨ ଆହତ

■ **ଶ୍ରୀନଗର, ୧୫ ।୧୧ (ଏଜେନ୍ସି):** ଜମ୍ମୁ-କଶ୍ମୀରର ଶ୍ରୀନଗରର ଏକ ପୁଲିସ ଥାନାରେ ଭୟଙ୍କର ବିସ୍ଫୋରଣ ଯୋଗୁଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି । ଗତକାଲି ରାତିରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସଂପୃକ୍ତ ଥାନା ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିବା ବେଳେ ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇଛି । ଏହି ବିସ୍ଫୋରଣର ଶବ୍ଦ ୧୫ କିଲୋମିଟର ଦୂରରେ ମଧ୍ୟ ଶୁଣାଯାଇଥିଲା । ଫରିଦାବାଦରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଥାନା ଭିତରେ ଯାଞ୍ଚ ଚାଲିଥିବା ବେଳେ ଏହି ବିସ୍ଫୋରଣ ହୋଇଛି । ଏହାକୁ ଦୁର୍ଘଟଣା ବୋଲି କହିଛନ୍ତି ପୁଲିସ ଡିଜି । ଏହପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ପାଇଁ

## ଫରିଦାବାଦ୍‌ରୁ ଜବତ ବିସ୍ଫୋରକର ନମୁନା ସଂଗ୍ରହ ବେଳେ ଅଘଟଣ

ଯୋଜନା କରୁଥିବା ବେଳେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ହରିଆଣାର ଫରିଦାବାଦରେ ଜଣେ ଡାକ୍ତରଙ୍କ କାରରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିଲା । ଏହାକୁ ଶ୍ରୀନଗରର ନାଓଗାମ୍ ଥାନାକୁ ଆଣି ଗୋଦାମ ଘରେ



ରଖାଯାଇଥିଲା । ପୁଲିସ ସହିତ ଫରେନସିକ୍ ଟିମ୍ ଗତକାଲି ରାତିରେ ଥାନାରେ ପହଞ୍ଚି ବିସ୍ଫୋରକର ଯାଞ୍ଚ କରିବା ସହିତ ନମୁନା ସଂଗ୍ରହ କରୁଥିଲେ । ଏହି ସମୟରେ ଭୀଷଣ ବିସ୍ଫୋରଣ ହୋଇଥିଲା । ଏଥିରେ ଯେଉଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ପୁଲିସ ଇନିସପେକ୍ଟର, ୩ ଜଣ ଫରେନସିକ୍ ଟିମ୍ ସଦସ୍ୟ, ୨ କ୍ରାଇମ୍ ବ୍ରାଞ୍ଚ୍ ଫଟୋଗ୍ରାଫର, ଜଣେ ତହସିଲଦାର ଓ ଦୁଇଜଣ ରାଜସ୍ୱ ଅଧିକାରୀ । ଆହତଙ୍କ ମଧ୍ୟରେ ଅଧିକାଂଶ ପୁଲିସ କର୍ମଚାରୀ ରହିଛନ୍ତି । ଆହତଙ୍କୁ ୯୨ ଆର୍ମି ବେସ୍ ଓ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଏହି ବିସ୍ଫୋରଣରେ ଆଉ ଜଣେ ବ୍ୟକ୍ତିର ମଧ୍ୟ ମୃତ୍ୟୁ ▶ପୃଷ୍ଠା-୭

ଘାତକ ସାଜିଲା ଇଡେନ୍ ପିଚ୍

# ଦୁଇ ଦିନରେ ୨୬ ୱିକେଟ୍

■ **କୋଲକାତା, ୧୫ ।୧୧ (ଏଜେନ୍ସି):** ପ୍ରାୟ ୯୦ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ କ୍ରୀଡ଼ାବିତ୍ ଓ ଦର୍ଶକଙ୍କ ପ୍ରଥମ ପସନ୍ଦ ଥିବା କୋଲକାତାର ଇଡେନ୍ ଗାର୍ଡେନ୍ସ ଷ୍ଟାଡିୟମ ବ୍ୟାଟ୍‌ସମ୍ୟାନ୍‌ଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଭାରତୀୟ କ୍ରିକେଟର ମକ୍କା କୁହାଯାଉଥିବା ଇଡେନ୍ କୌଣସି ଏକ ଟେଷ୍ଟରେ ଦୁଇ ଦିନରେ ୨୬ ଉଇକେଟ୍ ହରାଇ ନୂଆ ଇତିହାସ ଲେଖିଛି ।



ପ୍ରାୟତଃ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ସୁହାଉଥିବା ଏହି ପିଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ବୋଲର୍‌ଙ୍କ ରାଜୁତି ଜାରି ରହିଛି । ଗତକାଲି ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ଦଳର ଯଶପ୍ରୀତ୍ ବୁମ୍‌ରାଙ୍କ ସମେତ ପେସ୍ ବୋଲର୍‌ମାନେ ଘାତକ ସାଜିଥିଲେ । ପ୍ରଥମ ଦିନରେ ଦୁଇ ଦଳର ୧୧ଟି ଉଇକେଟ୍ ଯାଇଥିବାବେଳେ ଆଜି ଦ୍ୱିତୀୟ ଦିନରେ ଇଡେନ୍ ପିଚ୍‌ର ଆଶ୍ଚର୍ଯ୍ୟଜନକ ସ୍ୱଭାବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଆଜିର ପିଚ୍ ଅଚାନକ ସ୍ପିନର୍‌ମାନଙ୍କୁ ସୁହାଇଥିଲା । ଦ୍ୱିତୀୟ ଦିନରେ ଆଉଟ୍ ହୋଇଥିବା ୧୫ଜଣ ବ୍ୟାଟର୍‌ଙ୍କ ମଧ୍ୟରୁ ୧୨ଜଣ ସ୍ପିନର୍‌ଙ୍କ ଶିକାର ହୋଇଥିଲେ । ▶ପୃଷ୍ଠା-୭

# ଆଳୁ କେଜି ଲକ୍ଷେ



■ **ପ୍ୟାରିସ, ୧୫।୧୧ (ଏଜେନ୍ସି):**ଭାରତରେ ଆଳୁକୁ ପରିବା ମଧ୍ୟରେ ରାଜା କୁହାଯାଇଥାଏ । ପ୍ରାୟତଃ ସବୁ ବ୍ୟଞ୍ଜନରେ ଆଳୁ ବ୍ୟବହାର ହୋଇଥାଏ । ଆଉ ଏହି ପରିବା ଶସ୍ତାରେ ମଧ୍ୟ ଉପଲବ୍ଧ ହୋଇଥାଏ । କିନ୍ତୁ ବିଶ୍ୱରେ ଏଭଳି ଅନେକ ଦେଶ ରହିଛି, ଯେଉଁଠି ଆଳୁ ମୂଲ୍ୟ ଆକାଶଛୁଆଁ ରହିଛି । କୋରିଆରେ ଆଳୁ କେଜି ୪.୨୮ ଡଲାର ଅର୍ଥାତ ୩୮୦ ଟଙ୍କା ଥିବାବେଳେ ଫ୍ରାନ୍ସରେ ଏହାର ମୂଲ୍ୟ କଳନାଠାରୁ ବାହାରେ ରହିଛି । ଏହା ବିଶ୍ୱର ସବୁଠୁ ମହଙ୍ଗା ଆଳୁ ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛି । 'ଲେ ବୋନୋଟେ' କିସମର ଏହି ଆଳୁର ମୂଲ୍ୟ କେଜି ପିଛା ଲକ୍ଷେ ଟଙ୍କା ରହିଛି । ଏତେ ମହଙ୍ଗା ହେବା ସତ୍ତ୍ୱେ ଲୋକେ ଧାଡ଼ିରେ ଆସି ଏହି ଆଳୁ କିଣି ନେଉଛନ୍ତି । ତେବେ ଏହି ଆଳୁର ଉତ୍ପାଦନ ବହୁତ କମ୍ ରହିଛି । ସେଥିପାଇଁ ଏହା ମହଙ୍ଗା ହେବାରେ ଲାଗିଛି । ▶ପୃଷ୍ଠା-୭

# ପୁଲିସକୁ ପଥର ଛେଚି ହତ୍ୟା

## ୪ ଦିନ ପରେ ଅଳିଆଗଦାରୁ କନେଷ୍ଟବଲଙ୍କ ଶବ ଉଦ୍ଧାର

■ **ପୁରୁଣା କଟକ/ହରଭଙ୍ଗା, ୧୫।୧୧ (ସମିସ):** ଜଣେ ପୁଲିସ କର୍ମଚାରୀଙ୍କୁ ପଥରରେ ଛେଚି ହତ୍ୟା କରିବା ସହ ତାଙ୍କ ଶବକୁ ଅଳିଆ ଗଦାରେ ପୋତିଦେବା ଭଳି ଘଟଣା



ବୌଦ୍ଧ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପୁରୁଣା କଟକ ଥାନା ଅନ୍ତର୍ଗତ ବାଲିସାଇ ଗ୍ରାମରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ମୃତ ପୁଲିସ କର୍ମଚାରୀ ହେଲେ, ବାଲିସାଇ ଗ୍ରାମର ଉଦୟ ରଞ୍ଜନ ପଟ୍ଟନାୟକ । ବାଲିଗୁଡ଼ା ଥାନାରେ ସେ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ । ୪ ଦିନ ତଳେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ପୁଲିସ ଆଜି ତାଙ୍କ ଗଳିତ ଶବକୁ ଅଳିଆ ଗଦାରୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହାସହ ଏକ ହତ୍ୟା ମାମଲା ରୁଜୁ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ସେ ହେଲା, ସଞ୍ଜୟ ନାଏକ ।

ସୂଚନାନୁଯାୟୀ, ଉଦୟ ଓ ସଞ୍ଜୟ ଦୁଇ ପଡ଼ୋଶୀ । ୪ ଦିନ ତଳେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ସଂଜୟ ଉତ୍‌କ୍ଷିପ୍ତ ହୋଇ ଉଦୟଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିଲା । ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କ ଶବକୁ ଘର ପଛ ପାଖରେ ଥିବା ଏକ ଅଳିଆ ଗଦାରେ ପୋତି ଦେଇଥିଲା । ତେବେ ଉଦୟଙ୍କ ପୁଅ ଏ ସଂପର୍କରେ ଜାଣିବାରୁ ସଞ୍ଜୟ ତାକୁ ବି ହତ୍ୟା ଧମକ ଦେଇଥିଲା । ତେବେ ଆଜି ଉକ୍ତ ସ୍ଥାନରୁ ▶ପୃଷ୍ଠା-୭

ଆସନ୍ତା ବଜେଟରେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା

# ପ୍ରସ୍ତୁତ ହେବ ୩ ବର୍ଷୀୟା ଖସଡ଼ା

■ **ଭୁବନେଶ୍ୱର, ୧୫।୧୧ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଫେବ୍ରୁଆରୀ ତୃତୀୟ ସପ୍ତାହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିବେ । ବଜେଟ ପାଇଁ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆସନ୍ତା ଡିସେମ୍ବର ୨୫ ତାରିଖ ସୁଦ୍ଧା ବିଭାଗଗୁଡ଼ିକ ନିଜ ନିଜର ପ୍ରସ୍ତାବ ଦାଖଲ କରିବାକୁ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଏଥର ବଜେଟ ଖସଡ଼ା ପ୍ରସ୍ତୁତିରେ ସରକାର ଟିକେ ଭିନ୍ନତା ଆଣିବାକୁ ଯାଉଛନ୍ତି । ଆସନ୍ତା ବଜେଟରେ ବିଭାଗଗୁଡ଼ିକୁ ୨୦୨୬-୨୭ ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି ଏବଂ ଏଥିପାଇଁ ଖର୍ଚ୍ଚ କରିବାକୁ ଅନୁମତି ମିଳିବ । ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ଆସିବା ସହ ବିଭାଗଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି ।

**ଆଗୁଆ ଯୋଜନା ପ୍ରସ୍ତୁତି ସହ ବିଭାଗ ଦାଖଲ କରିବେ ବ୍ୟୟଅଟକଳ**

୨୦୩୬ ଆର୍ଥିକ ବର୍ଷ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟରେ ସରକାର ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରସ୍ତୁତ କରିଛନ୍ତି । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ବଜେଟ ପ୍ରସ୍ତୁତି ବେଳେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆପଣେଇବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ▶ପୃଷ୍ଠା-୭


सत्यमेव जयते
Government of India
क.रा.बी.नि.
E.S.I.C.

"କଲା ସବୁ କ୍ଷେତ୍ରରେ ଦ୍ରୁତ ସଂସ୍କାର କାର୍ଯ୍ୟକାରୀ କରିବା ଲାଗି ଆମେ ସଂକଳ୍ପବଦ୍ଧ, ଯାହାକି ସହଜ ଜୀବନଧାରଣ, ବ୍ୟବସାୟିକ ସୁଗମତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ସରଳ ଅନୁପାଳନ, ସଶକ୍ତ ବ୍ୟବସାୟ
ବିକଶିତ ଭାରତ ର ଆଧାର
ଇ.ଏସ୍.ଆଇ.ସି. ଏମ୍ନେଷ୍ଟି ସ୍କିମ୍ 2025
1, ଅକ୍ଟୋବର, 2025 ରୁ 30 ସେପ୍ଟେମ୍ବର 2026 ପର୍ଯ୍ୟନ୍ତ

ଇ.ଏସ୍.ଆଇ.ସି.ରେ ପଞ୍ଜିକୃତ କରିଥିବା ନିଯୁକ୍ତିଦାତାମାନଙ୍କ ପାଇଁ 31 ମାର୍ଚ୍ଚ, 2025 ପର୍ଯ୍ୟନ୍ତ ଦାଖଲ କରାଯାଇଥିବା ପୁରୁଣା ମାମଲାର ସମାଧାନ କରିବା ପାଇଁ ଏବଂ ନିଜର ବ୍ୟବସାୟକୁ ସୁରକ୍ଷିତ କରିବାର ସୁଯୋଗ



ଇ.ଏସ୍.ଆଇ.ସି ପଞ୍ଜିକୃତ କରିଥିବା ନିଯୁକ୍ତିଦାତାମାନଙ୍କ ପାଇଁ ପାରଦର୍ଶୀ ଏବଂ ସଠିକ ସମୟରେ(6 ମାସ ଭିତରେ)ମଧ୍ୟମରୁ ଦୀର୍ଘକାଳୀନ ମାମଲା/ଚାର୍ଜରୁ ମୁକ୍ତି ପାଇବାର ଏକ ସୁଯୋଗ, ଯାହା ବ୍ୟବସାୟ କରିବା ସହଜ ହେବ ।

ଏଥିରେ କଣ କଣ ସାମିଲ୍ ଅଛି ?

କଭରେଜ୍/ଅଂଶଦାନ ବିବାଦ : ସୁଧ ସହିତ ପ୍ରାପ୍ୟ ଅଂଶଦାନ ପରିଶୋଧ କରନ୍ତୁ : କୌଣସି ଜୋରିମନା ନିଆଯିବ ନାହିଁ । EPFO/ଆୟକର ରେକର୍ଡ ଗ୍ରହଣ କରାଯିବ ।

କ୍ଷତିପୂରଣ : ଯଦି ସଂଗୃହିତ ସୁଧ ସହିତ ଅବଦାନ ପୂର୍ବରୁ ପରିଶୋଧ କରାଯାଇଛି, ତେବେ କ୍ଷତିପୂରଣର 10% ଦେଇ ମାମଲାର ସମାଧାନ କରନ୍ତୁ ।

ପୁରୁଣା ମାମଲା : ବନ୍ଦ ୟୁନିଟ୍ ଗୁଡିକ ପାଇଁ ଯେଉଁଥିରେ ନିୟୋଜକଙ୍କ ଠିକଣା ମିଳୁନାହିଁ ଏବଂ ଦାବି ରାଶି Rs 25000 ରୁ କମ୍ ଅଛି ଏବଂ 15 ବର୍ଷରୁ ଅଧିକ ସମୟ ଧରି ବକେୟା ରହିଛି ସେମାନଙ୍କୁ ଛାଡ କରାଯାଇ ପାରିବ ।

ଅଭିଯୋଜନ ଫେରସ୍ତ : ଧାରା 84 (ରିଫଣ୍ଡ) ଧାରା 85 ଏବଂ 85A(ନିଯୁକ୍ତିଦାତା)- ଯେ କୌଣସି ନ୍ୟାୟାଳୟ ସ୍ତରରେ ଅନୁପାଳନର ଅଧିନ

ବିଳମ୍ବ ରିଟର୍ଣ୍ଣ/ଘୋଷଣା: ଅନୁପାଳନ ପରେ ସ୍ୱୀକାର କରାଯିବ ।

କିଏ ଆବେଦନ କରିପାରିବେ ?

ଧାରା 75, 82, 85, 86A ଏବଂ ଅନୁଛେଦ 226 ରେ ଦୀର୍ଘଦିନ ଧରି ବିବାଦ ଥିବା ନିଯୁକ୍ତିଦାତାମାନେ

ଧାରା 84 ଅନୁସାରେ ରିଫଣ୍ଡ ବାଲା ବିମୀତ ବ୍ୟକ୍ତି

ପୁରୁଣା ବାକି, ଜମା କରିନଥିବା, କିମ୍ବା ବିଳମ୍ବରେ ଘୋଷଣା କରିଥିବା ୟୁନିଟ୍‌ଗୁଡିକ

ଅଧିକ ଜାଣିବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

ଆବେଦନ କିପରି କରିବେ: ନିକଟତମ କ.ରାବି.ନି କ୍ଷେତ୍ରୀୟ/ଉପ କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ସଂପର୍କ କରନ୍ତୁ ।

ବିସ୍ତୃତ ବିବରଣୀ ପାଇଁ : www.esic.gov.in ଦେଖନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର 1800-11-2526 ରେ କଲ୍ କରନ୍ତୁ ।



# ଲାଲୁଙ୍କ ପରିବାରକୁ ନିର୍ବାଚନ ଝଟ୍‌କା

## ଝିଅ ରୋହିଣୀ ଛାଡ଼ିଲେ ରାଜନୀତି, ପରିବାର ସହ ସମ୍ପର୍କ ବି ତୁଟାଇଲେ

ପାଟନା, ୧୫ ।୧୧(ଏଜେନ୍ସି): ବିହାର ନିର୍ବାଚନରେ ଆରଜେଡିର ଶୋଚନୀୟ ପରାଜୟ ପରେ ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ଲାଗିଛି ବଡ଼ ଧରଣର ଝଟକା। ପରାଜୟକୁ ନେଇ ଲାଲୁ ପରିବାର ଚିନ୍ତାରେ ବୁଡ଼ି ରହିଥିବା ବେଳେ ଝିଅ ରୋହିଣୀ ଆଚାର୍ଯ୍ୟ ଆଜି ହଠାତ୍ ଆଉ ଏକ ଝଟକା ଦେଇଛନ୍ତି। ପିତା ଲାଲୁଙ୍କୁ କିଡନୀ ଦାନ କରି ଚର୍ଚ୍ଚାରେ ଥିବା ରୋହିଣୀ ଆଜି ରାଜନୀତିରୁ ସନ୍ୟାସ ଘୋଷଣା କରିବା ସହିତ ପରିବାର ସହିତ ସଂପର୍କ ତୁଟାଇବାକୁ ମଧ ଘୋଷଣା କରିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି କେବଳ ଲାଲୁ ପରିବାର ନୁହେଁ, ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡିରେ ମଧ କମ୍ପନ ସୃଷ୍ଟି କରିଛି। ସେ ଅଚାନକ ଏଭଳି ନିଷ୍ପତ୍ତି କାହିଁକି ନେଲେ, ତାହା ଜଣାପଡ଼ି ନାହିଁ। ତେବେ ସଂଜୟ ଯାଦବ ଏବଂ ରମିଜଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତି ନେଇଥିବା ସୂଚାଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏହି ଘୋଷଣା କରିଛନ୍ତି ରୋହିଣୀ। ସଞ୍ଜୟ ଯାଦବ ଓ ରମିଜଙ୍କ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ସବୁ ଦୋଷ ନିଜ ମୁଣ୍ଡ ଉପରକୁ ନେଉଛି ବୋଲି ମଧ ସେ ଉଲ୍ଲେଖ କରିଛନ୍ତି। ତେବେ ସେ କେଉଁ ଦୋଷ କଥା କହିଛନ୍ତି, ତାହା ସ୍ପଷ୍ଟ କରି ନାହାନ୍ତି। ପରିବାରରେ ଚାଲିଥିବା ଅଶାନ୍ତି ନା ନିର୍ବାଚନରେ ଦଳର ପରାଜୟ? ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କୁ ପରବିାରରୁ ବାହାର କରିଦେଇଥିଲେ। ପରିବାରର ଏହି ନିଷ୍ପତ୍ତିକୁ ନେଇ ରୋହିଣୀ ଅସନ୍ତୁଷ୍ଟ ଥିଲେ। ତେଜ ପ୍ରତାପ ଗତ ନିର୍ବାଚନରେ ପିତାଙ୍କ ପ୍ରାର୍ଥୀ ବିରୋଧରେ ପ୍ରାର୍ଥୀ ଦେଇଥିଲେ।

ତେବେ ରୋହିଣୀ ତାଙ୍କର ନୋଟ୍‌ରେ ଯେଉଁ ସଞ୍ଜୟ ଓ ରମିଜଙ୍କ କଥା କହିଛନ୍ତି, ସେମାନେ କିଏ? ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ସଞ୍ଜୟ ଆରଜେଡିର ରାଜ୍ୟସଭା ସାଂସଦ ଅଛନ୍ତି। ସେ ହେଉଛନ୍ତି ତେଜସ୍ୱୀଙ୍କ ରାଜନୈତିକ ପରାମର୍ଶଦାତା। ସେହିପରି ଉତ୍ତର ପ୍ରଦୋର ବଳରାମପୁରରେ ରହୁଥିବା ରମିଜ ମଧ ତେଜସ୍ୱୀଙ୍କ ପୁରୁଣା ଓ ଘନିଷ୍ଠ ବନ୍ଧୁ ବୋଲି କହାଯାଉଛି। ସେ ହେଉଛନ୍ତି ଜେଲ୍‌ରେ ଥିବା ପୂର୍ବ ସାଂସଦ ରିଜୱାନ ଜାହିରଙ୍କ ଜ୍ୱାଇଁ। ସେ ଆରଜେଡିର ସୋସିଆଲ ମିଡିଆ ଓ ନିର୍ବାଚନ କାର୍ଯ୍ୟକ୍ରମ ଦାୟିତ୍ୱରେ ରହିଛନ୍ତି। ରମିଜଙ୍କ ପତ୍ନୀ ମଧ ନିର୍ବାଚନ ଲଢ଼ିଛନ୍ତି। ଉଲ୍ଲେଖଥାଉ କି ଗତ ମେ ୨୫ରେ ଲାଲୁ ତାଙ୍କର ବଡ଼ ପୁଅ ତେଜପ୍ରତାପ ଯାଦବଙ୍କୁ ପାର୍ଟି ଓ ପରିବାରରୁ ବହିଷ୍କାର କରିଥିଲେ। ଏଥିପାଇଁ ତେଜପ୍ରତାପ ସଞ୍ଜୟଙ୍କୁ ଦାୟୀ କରିଥିଲେ। ନିର୍ବାଚନରେ ତେଜପ୍ରତାପ ପରାସ୍ତ ହୋଇଥିବା ବେଳେ ତେଜସ୍ୱୀ ଯାଦବ ବିଜୟୀ ହୋଇଛନ୍ତି।

## ନିଲମ୍ବନ ପରେ ବିଜେପି ଛାଡ଼ିଲେ ଆରକେ ସିଂହ

ପାଟଣା, ୧୫ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପରେ ବିଜେପି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର (ଆରକେ) ସିଂଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବିତ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ତାଙ୍କୁ ସସପେଣ୍ଡ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଏ ସଂପର୍କରେ ତାଙ୍କୁ ନୋଟିସ ଦିଆଯାଇଛି ଏବଂ



୭ ଦିନ ମଧରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ ପାଇବା ପରେ ଶ୍ରୀ ସିଂହ ବିଜେପିରୁ ଇସ୍ତଫା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ସେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ବିହାରରେ ୬୦ ହଜାର କୋଟି ଟଙ୍କାର ବିଜୁଳୀ ଦୁର୍ନୀତିରେ ନୀତୀଶ କୁମାର ସରକାର ବିରୋଧରେ ସେ ଗୁରୁତର ଅଭିଯୋଗ ଆଣିଥିଲେ। ସେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଜେଡିୟୁ ପ୍ରାର୍ଥୀ ଆନନ୍ଦ ସିଂ, ଆରଜେଡିର ସୂରଜଭାନ ସିଂଙ୍କୁ ହତ୍ୟା ଅଭିଯୁକ୍ତ ବୋଲି କହିଥିଲେ। ଆରକେ ସିଂ ୧୯୭୫ ବ୍ୟାଚ୍‌ର ବିହାର କ୍ୟାଡରର ଆଇପିଏସ୍ ଅଧିକାରୀ ଥିଲେ।

## ଅର୍ଦ୍ଧାଧିକଙ୍କ ବିରୋଧରେ ଆପରାଧିକ ମାମଲା

ପାଟନା, ୧୫ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ଫଳାଫଳ ବାହାରିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଅର୍ଦ୍ଧାଧିକ ଅର୍ଥାତ ୫୩ ପ୍ରତିଶତ ନବ- ନିର୍ବାଚିତ ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ବୋଲି ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଦ୍ୱାରା ପ୍ରକାଶିତ ନୂଆ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିର୍ବାଚିତ ୨୪୩ ବିଧାୟକଙ୍କ ମଧ୍ୟରୁ ୧୩୦ ଜଣଙ୍କ ଆପରାଧିକ ମାମଲା ଥିବା କଥା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତେବେ ଏହି ସଂଖ୍ୟା ଗତ ନିର୍ବାଚନ ତୁଳନାରେ ଅପେକ୍ଷାକୃତ କମ୍ ବୋଲି କୁହାଯାଇଛି। ଗତ ୨୦୨୦ ନିର୍ବାଚନରେ ୨୪୧ ଜଣ ବିଧାୟକଙ୍କ ମଧ୍ୟରୁ ୧୬୩ ଜଣ ଅର୍ଥାତ ୬୮ ପ୍ରତିଶତ ସଦସ୍ୟଙ୍କ ବିରୋଧରେ ଆପରାଧିକ ମାମଲା ଥିଲା। ଏଥର ୧୦୨ ଅର୍ଥାତ ୪୨ ପ୍ରତିଶତ ବିଧାୟକଙ୍କ ବିରୋଧରେ ଗୁରୁତର ମାମଲା ରହିଛି। ୨୦୨୦ରେ ଏହା ୫୧ ପ୍ରତିଶତ ଥିଲା। ଏଥର ବିଜେପିର ୮୯ ବିଧାୟକଙ୍କ ମଧ୍ୟରୁ ୪୩ ଜଣ (୪୮%), ଜେଡିୟୁର ୮୫ରୁ ୨୩ ଜଣ (୨୭%), ଆରଜେଡିର ୨୫ରୁ ୧୪ ଜଣ (୫୬%), ଏଲ୍‌ଜେପିର ୧୯ରୁ ୧୦ ଜଣ (୫୩%), କଂଗ୍ରେସର ୬ରୁ ୩ ଜଣ (୫୦%), ଏଆଇଏମ୍‌ଆଇଏମ୍‌ର ୫ରୁ ୪ ଜଣ (୮୦%)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।

## ବିହାର ନିର୍ବାଚନ
# କାରଣ ଖୋଜୁଛନ୍ତି ବିରୋଧୀ ଦଳ

ନୂଆଦିଲ୍ଲୀ, ୧୫ ।୧୧(ଏଜେନ୍ସି): ବିହାର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ବିପୁଳ ବିଜୟ ନେଇ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାର ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନର କିଛିଦିନ ପୂର୍ବରୁ ବିହାରରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ୧୦-୧୦ ହଜାର ଲେଖାଏ ପଠାଯାଇଥିଲା। ଏହିକାରଣରୁ ଏନ୍‌ଡିଏ ବିପୁଳ ବିଜୟ ହାସଲ କରିଛି ବୋଲି ସେ କହିଛନ୍ତି। ନିର୍ବାଚନ ପୂର୍ବରୁ ଏହି ଟଙ୍କା ଖାତାକୁ ପଠାଯିବା ପ୍ରକ୍ରିୟା ଏକ ପ୍ରକାର ଦୁର୍ନୀତି। ରାଜ୍ୟ ସରକାର ଖୋଲାଖୋଲି ଭାବେ ଏହି କାର୍ଯ୍ୟ କରିବା ନିନ୍ଦନୀୟ ଓ ଚିନ୍ତାଜନକ ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ମଧ ବିଜେପି ନେତୃତ୍ୱାଧୀନ ସରକାର ଏପରି କରିଥିଲା। 'ଲଡକି ବହନ ଯୋଜନା' ମାଧ୍ୟମରେ ମହିଳା ଓ ବାଳିକାମାନଙ୍କୁ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ନିର୍ବାଚନରେ ଅନିୟମିତତା ତଥା ଅସଙ୍ଗତି ହୋଇଥିବା କଥା କଂଗ୍ରେସ ନେତା ଅଜୟ ମାକେନ କହିଛନ୍ତି। ମହାମେଣ୍ଟର ନେତା ମାନେ ନିର୍ବାଚନ ଫଳକୁ ଅପ୍ରତ୍ୟାଶିତ ଓ ଏହାର ଯାଞ୍ଚ ହେବା ଉଚିତ ବୋଲି ମାକେନ କହିଛନ୍ତି। ଅନ୍ୟପଟେ ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ ନିର୍ବାଚନ ଫଳାଫଳ ନେଇ ପ୍ରତିକ୍ରିୟା ଦେଇଛି। ପାର୍ଟିର ରାଜ୍ୟମୁଖ୍ୟ ମନୋଜ ଭାରତୀ କହିଛନ୍ତି ଯେ, ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ଫଳାଫଳ ଆମ କଳ୍ପନା ବାହାରେ ଥିଲା। ମହିଳାଙ୍କ ଏକାଉଣ୍ଟକୁ ୧୦-୧୦ ହଜାର ଟଙ୍କା ପଠାଯିବା ଫଳାଫଳକୁ ପ୍ରଭାବିତ କରିଥିଲା ବୋଲି ସେ କହିଛନ୍ତି। ତେବେ ଏହି ସବୁ ଅଭିଯୋଗକୁ ବିଜେପି ପ୍ରତ୍ୟାଖାନ କରିଛି। ପରାଜୟ ପରେ



■ ଖାତାକୁ ୧୦-୧୦ ହଜାର ଟଙ୍କା ଟ୍ରାନ୍ସଫର ଜିତାଇଲା: ଶରଦ

■ ଜାଲିଆତି ହୋଇଛି; ୨ ସପ୍ତାହରେ ପ୍ରମାଣ ଦେବୁ: କଂଗ୍ରେସ

ଏହାକୁ ସ୍ୱୀକାର କରିବା ଆବଶ୍ୟକ। ନିଜ ତ୍ରୁଟି ଓ ଦୋଷ ସ୍ୱୀକାର କରାଯିବା ଉଚିତ। କିନ୍ତୁ ବିରୋଧୀ ଏପରି ନ କରି ଅଯଥା ଆକ୍ଷେପ କରୁଛନ୍ତି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ପାୱାରଙ୍କୁ ଜବାବ୍ ଦେଇ କହିଛନ୍ତି।

ବିହାର ନିର୍ବାଚନରେ ପରାଜୟକୁ କଂଗ୍ରେସ ସହଜରେ ଗ୍ରହଣ କରିପାରୁନାହିଁ। ଏବେ ଦଳ ପରାଜୟର କାରଣ ଜାଣିବା ପାଇଁ ମାନସମନ୍ଥନ ଆରମ୍ଭ କରିଦେଇଛି। ଏହି କ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ଦଳର ପ୍ରଥମ ସମୀକ୍ଷା ବୈଠକ ବସିଛି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, କେସି ବେଣୁଗୋପାଳ ଏବଂ ଅଜୟ ମାକନ ପ୍ରମୁଖ ଉପସ୍ଥିତ ରହିଥିଲେ। କଂଗ୍ରେସ ନେତା ବେଣୁଗୋପାଳ କହିଲେ ଯେ ଦଳ ଏହି ଜାଲିଆତିର ପ୍ରମାଣ ସଂଗ୍ରହ କରୁଛି। ୨ ସପ୍ତାହ ମଧରେ ଦେଶ ସାମ୍ନାରେ ଏହାର ରଖାଯିବ। ବିହାର ନିର୍ବାଚନ ଫଳାଫଳ କେବଳ କଂଗ୍ରେସ ନୁହେଁ, ବରଂ ଜନତା ଏବଂ ମେଣ୍ଟ ସହଯୋଗୀଙ୍କୁ ମଧ ତାଜୁବ କରିଦେଇଛି। ଲୋକେ ଏହା ଉପରେ ଭରସା କରିପାରୁନାହାନ୍ତି। ଆମେ ସବୁ ତଥ୍ୟ ସଂଗ୍ରହ କରୁଛୁ। ଗମ୍ଭୀରତାର ସହ ଏହାକ ବିଶ୍ଳେଷଣ କରାଯିବ। ସପ୍ତାହେରୁ ଦୁଇ ସପ୍ତାହେ ଭିତରେ ଠୋସ୍ ପ୍ରମାଣ ସଂଗ୍ରହ କରି ସର୍ବସମ୍ମୁଖକୁ ଅଣାଯିବ। ସେହିପରି କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟିବା ପରେ ଦଳର ବରିଷ୍ଠ ନେତାମାନେ ବିହାର ନିର୍ବାଚନ ଫଳାଫଳ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଅଜୟ ମାକନ କହିଛନ୍ତି ଯେ ପ୍ରାରମ୍ଭରୁ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠୁଛି। ଏଭଳି ଫଳାଫଳ ଚକିତ କରିଦେଇଛି। ୧୯୮୪ରେ ବି କଂଗ୍ରେସକୁ ଏଭଳି ଷ୍ଟ୍ରାଇକ ରେଟ୍ ମିଳି ନ ଥିଲା। ବିଜେପିକୁ ଯେଉଁ ଭଳି ଆସନ ମିଳିଛି ତାହା ସନ୍ଦେହ ସୃଷ୍ଟି କରୁଛି। କିଛି ତ ଜାଲିଆତି ହୋଇଛି। ଅନେକ ସ୍ଥାନରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ କହିଛନ୍ତି। ମହାମେଣ୍ଟର ସବୁ ଦଳ ଫଳାଫଳକୁ ଅପ୍ରତ୍ୟାଶିତ କହିଛନ୍ତି।

# ଖେଳ ବିଗାଡ଼ିଲା କିଏ? ବିହାର ରାଜନୀତିରେ ତନାଘନା

ପାଟନା, ୧୫।୧୧ (ଏଜେନ୍ସି): ବିହାର ନିର୍ବାଚନ ଫଳାଫଳ ମହାମେଣ୍ଟ ପାଇଁ ବଡ଼ ଝଟ୍‌କା ହୋଇଥିବାବେଳେ କ୍ଷମତାସୀନ ଏନ୍‌ଡିଏ ପାଇଁ ଡବଲ୍ ଖୁସି ଆଣି ଦେଇଛି। ଉଭୟ ମେଣ୍ଟ ପାଇଁ ଏହି ଫଳାଫଳ ଅପ୍ରତ୍ୟାଶିତ ରହିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୦୨ ଆସନ ପାଇଥିବାବେଳେ ମହାମେଣ୍ଟ ୩୫ ଆସନରେ ସୀମିତ ରହିଛି। ତେବେ ଏହି ନିର୍ବାଚନରେ କ୍ଷୁଦ୍ର ଦଳଗୁଡ଼ିକ ଚର୍ଚ୍ଚାରେ ଅଛନ୍ତି। କ୍ଷୁଦ୍ର ହୋଇଥିଲେ ମଧ ନିର୍ବାଚନରେ ବଡ଼ ପ୍ରଭାବ ପକାଇଛନ୍ତି। ଏହି ଦଳଗୁଡ଼ିକ ପାଇଁ ଏନ୍‌ଡିଏ ବିଜୟୀ ହୋଇଥିବାବେଳେ ମହାମେଣ୍ଟ ଇଣ୍ଡିଆ ପରାଜୟର ସମ୍ମୁଖୀନ ହେଲା ବୋଲି କୁହାଯାଉଛି। ଏହି ଦଳ ମଧରେ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି, ଅସଦୁଦ୍ଦିନ ଓୱେସୀଙ୍କ ଏଆଇଏମଆଇଏମ ଏବଂ ମାୟାବତୀଙ୍କ ବିଏସପି ରହିଛି। ଗତ ନିର୍ବାଚନରେ ଚିରାଗ ପାଶ୍ୱାନଙ୍କ ଏଲଜେପିଆର ପାଇଁ ନୀତୀଶଙ୍କ ଦଳ ଜେଡିୟୁର କ୍ଷତି ହୋଇଥିଲା। ମାତ୍ର ଚଳିତ ଥର ଜନସୁରାଜ, ଏଆଇଏମଆଇଏମ ଏବଂ ବିଏସପି ଲାଗି ମହାମେଣ୍ଟର ଅପୂରଣୀୟ କ୍ଷତି ହୋଇଛି।

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତଙ୍କ ଦଳ ପ୍ରଥମ ଥର ପାଇଁ ବିହାରର ୨୩୮ ଆସନରେ ନିର୍ବାଚନ ଲଢ଼ି ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। ତେବେ ଏହି ଦଳ ୩.୪ ପ୍ରତିଶତ ଭୋଟ ହାତେଇଛି। ଏହା ବଡ଼ ବିଭାଜନକାରୀ ଭାବେ ଉଭା ହୋଇଛି। ଖାତା ଖୋଲି ନ ଥିବା ଏହି ଦଳ ଉଭୟ ମେଣ୍ଟର ଭୋଟ ହ୍ରାସ କରିଛି। ଜନସୁରାଜ ଗୋଟିଏ ଆସନରେ ଦ୍ୱିତୀୟ, ୧୨୯ଟିରେ ତୃତୀୟ, ୭୩ଟିରେ ଚତୁର୍ଥ, ୨୪ଟିରେ ୫ମ ଏବଂ ୧୨ଟିରେ ୬ରୁ ୯ତମ ସ୍ଥାନରେ ରହିଥିଲା। ୩୩ ବିଧାନସଭା କ୍ଷେତ୍ରରେ ଜନସୁରାଜ ପାଇଥିବା ଭୋଟ ବିଜୟ ବ୍ୟବଧାନଠାରୁ ଅଧିକ ଥିଲା। ଏଥିରୁ ୧୮ଟିରେ ଏନ୍‌ଡିଏ ଏବଂ ୧୩ଟିରେ ମହାମେଣ୍ଟ ଜିତିଥିଲା। ନିର୍ବାଚନ ପ୍ରଚାର ସମୟରେ ଦଳ ଉଭୟ ମେଣ୍ଟର

### ଛୋଟ ଦଳ, ପ୍ରଭାବ ବଡ଼



ଭୋଟ ନେବ ବୋଲି ପ୍ରଶାନ୍ତ କହିଥିଲେ। ଏହାର ଝଲକ ଫଳାଫଳରେ ଦେଖିବାକୁ ମିଳିଛି।

୧୮୧ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମାୟାବତୀଙ୍କ ବିଏସ୍‌ପି ଗୋଟିଏ ଆସନରେ ଜିତିଥିବାବେଳେ ଆଉ ଗୋଟିଏର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀର୍ଘ ବର୍ଷ ହେଲା ବିରୋଧୀ ଦଳଗୁଡିକ ବିଏସ୍‌ପିକୁ ବିଜେପିର ବି-ଟିମ୍ କହି ଆସୁଥିଲେ। ଉତ୍ତର ପ୍ରଦେଶ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରେ ଏହି ଅଭିଯୋଗ ଲାଗିଥିଲା। ଏହି ନିର୍ବାଚନରେ ବିଏସ୍‌ପି ମହାମେଣ୍ଟର ଅଶେଷ କ୍ଷତି କରିଛି। ୨୦ ଆସନରେ ବିଏସ୍‌ପି ପାଇଥିବା ଭୋଟ ବିଜୟ ବ୍ୟବଧାନଠୁ ଅଧିକ ରହିଛି। ଏଥିରୁ ଏନ୍‌ଡିଏ ୧୮ଟି ଏବଂ ମହାମେଣ୍ଟ ୨ଟି ଆସନ ଜିତିଥିଲା। ୯୦ ପ୍ରତିଶତ ଲାଭ ଏନ୍‌ଡିଏକୁ ମିଳିଥିଲା। ସେହିପରି ଏଆଇଏମଆଇଏମ ୫ଟି ଆସନରେ ଜିତିଥିଲେ ମଧ ୯ଟିରେ ବିଜୟ ବ୍ୟବଧାନଠୁ ଅଧିକ ଭୋଟ ପାଇଥିଲା। ଏଥିରୁ ୬୭ ପ୍ରତିଶତ ଆସନ ଏନ୍‌ଡିଏ ଜିତିଥିବାବେଳେ ୩୩ ପ୍ରତିଶତ ମହାମେଣ୍ଟ ଖାତାକୁ ଯାଇଥିଲା।

ସାମଗ୍ରିକ ଭାବେ ଦେଖିଲେ ଏହି ତିନି ପାଖିଆ ଲଢ଼େଇ ଏନ୍‌ଡିଏକୁ ଲାଭ ଦେଇଥିଲା। ୨୩.୪ ପ୍ରତିଶତ ଭୋଟ ପାଇଥିଲେ ବି ଆରଜେଡି ୨୫ଟିରେ ସୀମିତ ରହିଥିଲା। କିନ୍ତୁ ୨୦.୪ ପ୍ରତିଶତ ଭୋଟ ପାଇଁ ବିଜେପି ଏବଂ ୧୯.୬ ପ୍ରତିଶତର ସହ ଜେଡିୟୁ ତିନି ଗୁଣ ଅଧିକ ଆସନ ହାତେଇ ଥିଲା। ଏନ୍‌ଡିଏ ନିଜ ଭୋଟକୁ ମଜବୁତ କରି ରଖିଥିବାବେଳେ ମହାମେଣ୍ଟର ଭାଗ ଭାଗ ହୋଇ ଯାଇଥିଲା। ୨୪୩ରୁ ୬୩ଟିରେ ଜନସୁରାଜ, ବିଏସପି ଏବଂ ଏଆଇଏମଆଇଏମର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା। ଏଥିରୁ ୪୪ଟି (୭୦%) ଏନ୍‌ଡିଏ ଏବଂ ମହାମେଣ୍ଟ ୧୯ଟି ଜିତିଥିଲା। ମୁଖ୍ୟତଃ ଏନ୍‌ଡିଏ ବିରୋଧୀ ଭୋଟ ଉପରେ ମହାମେଣ୍ଟ ନିର୍ଭରଶୀଳ। କିନ୍ତୁ ଚଳିତ ଥର ନିର୍ବାଚନ ତିନିପାଖିଆ ହୋଇଥିଲା। ବିଏସ୍‌ପି ଦଳିତ ଭୋଟ, ଏଆଇଏମଆଇଏମ ମୁସଲିମ ଭୋଟ ଏବଂ ଜନସୁରାଜ ଯୁବଗୋଷ୍ଠୀ ଓ ବିକାଶ ଚାହୁଁଥିବା ଲୋକଙ୍କ ଭୋଟ ହାତେଇ ନେଇଥିଲା। ଏହା ଫଳରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ବଦଳରେ ଏନ୍‌ଡିଏ ବୃହତ ବିଜୟ ହାସଲ କରିଥିଲା।

# ଦିଲ୍ଲୀ ବିସ୍ଫୋରଣ: ଆଉ ୫ ଡାକ୍ତର ଗିରଫ, ୨୨ ଡାକ୍ତର ଫେରାର

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଆତଙ୍କବାଦୀଙ୍କ କାରଖାନା ପାଲଟିଥିବା ଫରିଦାବାଦର ଧୌଜ ଗ୍ରାମ ସ୍ଥିତ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଜୀବନ ବଞ୍ଚାଇବାକୁ ଡାକ୍ତର ଗଢୁଥିବା ଏହି ବିଶ୍ୱବିଦ୍ୟାଳୟରେ ନିରୀହଙ୍କ ଜୀବନ ନେବା ପାଇଁ କେମିତି ଆତଙ୍କୀ ଗଢ଼ା ଯାଉଥିଲା ତାହାର ଗୁମର ଫିଟିବାରେ ଲାଗିଛି। ଏହି ବିଶ୍ୱବିଦ୍ୟାଳୟର ୪ ଡାକ୍ତରଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଆଜି ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ ଏହି ଅଲ-ଫଲାହ ବିଶ୍ୱବିଦ୍ୟାଳୟ ବିରୋଧରେ ଦୁଇଟି ଏତଲା ରୁଜୁ କରିଛି। ଜାଲିଆତି ଏବଂ ଠକେଇ ମାମଲାକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅନିୟମିତତାକୁ ନେଇ ୟୁଜିସି ଏବଂ ନାକ୍‌ର ଅଭିଯୋଗ କ୍ରମେ ଦିଲ୍ଲୀ ପୁଲିସ ନୋଟିସ ଜାରି କରିଛି ଓ ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ମାଗି ତଦନ୍ତ ଆରମ୍ଭ କରିଛି। ଏହା ମଧରେ ଆତଙ୍କବାଦୀ ଲିଙ୍କ୍‌କୁ ନେଇ ଆଜି ୫ ଡାକ୍ତରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧରେ ହରିୟାଣା ନୁହର ୩ ଜଣ, ପଶ୍ଚିମବଙ୍ଗ ଏବଂ ପଞ୍ଜାବରୁ ଜଣେ ଲେଖାଏଁ ଡାକ୍ତର ସାମିଲ ଅଛନ୍ତି।

ଅନ୍ୟପଟେ ଏନ୍‌ଆଇଏ, ଦିଲ୍ଲୀ, ଜମ୍ମୁ-କଶ୍ମୀର, ହରିୟାଣା, ୟୁପି ପୁଲିସ ଅଲ-ଫଲାହରେ ଶନିବାର ପହଞ୍ଚି ଯାଞ୍ଚ କରିଛି। ଅନେକ ଘଣ୍ଟା ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିଥିଲା। ଇମାମଙ୍କୁ ପଚରାଉଚୁରା ମଧ କରାଯାଇଥିଲା। ଏଠାରେ

■ ୟୁଜିସି ଓ ନାକ ପକ୍ଷରୁ ଅନିୟମିତତା ଅଭିଯୋଗ

■ ଅଲ-ଫଲାହରେ ଚଢ଼ଉ, ଦିଲ୍ଲୀ ପୁଲିସର ଏତଲା ରୁଜୁ

■ 'ଡେଡ୍ ଡ୍ରପ' ଇମେଲରେ କଥା ହେଉଥିଲେ ଆତଙ୍କବାଦୀ

ରହୁଥିବା କଶ୍ମୀର ନାଗରିକଙ୍କ ତାଲିକା ପ୍ରସ୍ତୁତ କରି ଘର ଯାଞ୍ଚ କରାଯାଇଥିଲା। ଆତଙ୍କବାଦୀ ଲିଙ୍କ୍ ସାମ୍ନାକୁ ଆସିବା ପରେ ଏହି ବିଶ୍ୱବିଦ୍ୟାଳୟର ୨୨ ଡାକ୍ତର ଫେରାର ଅଛନ୍ତି। ସେମାନଙ୍କ ମୋବାଇଲ ଫୋନ୍ ସ୍ୱିଚଅଫ୍ ରହିଛି। ବିସ୍ଫୋରଣ ମାମଲାରେ ଗିରଫ ଡ. ମୁଜାମିଲ ସହ ଏହି ଡାକ୍ତରଙ୍କ ସମ୍ପର୍କ ଥିଲା। ସେହିପରି ଏହି ବିଶ୍ୱବିଦ୍ୟାଳୟରେ ପଢୁଥିବା ୪୦ ପ୍ରତିଶତ ଡାକ୍ତର କଶ୍ମୀର ବାସିନ୍ଦା ବୋଲି ଜଣାପଡ଼ିଛି। ୨୦୨୧ ମହିଳା ଆତଙ୍କବାଦୀ ଡ. ସାହିନ ପ୍ରାଧ୍ୟାପିକା ଭାବେ ଏଠାରେ ଯୋଗ ଦେଇଥିଲେ। ତାଙ୍କୁ କଲେଜର ୬ ସଦସ୍ୟ ବିଶିଷ୍ଟ ଫାର୍ମାକୋ ଭିଜିଲାନ୍ସ କମିଟିରେ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇଥିଲା। ସେ ହିଁ ୨୦୨୨ରେ ପୁଲୱାମା ଡ. ମଜାମିଲ ଗନି, ଡ. ଉମର ନବି, ଡ.ସଜାଦ ଅହମ୍ମଦକୁ ଚାକିରି ଦେଇଥିଲା। ଅଲ-ଫଲାହରେ ସାହିନ ଏବଂ ସଜ୍ଜାଦର ବହୁତ ପ୍ରଭାବ ଥିଲା। ସେହିପରି ଅଭିଯୁକ୍ତ ମୁଜାମିଲ ଏବଂ ଉମର ସହ ସମ୍ପର୍କ ରଖିଥିବା ଡ. ମୁସ୍ତକିମକୁ ଧରିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି।

ଦିଲ୍ଲୀ ବିସ୍ଫୋରଣରେ ସାମିଲ ଏହି ଆତଙ୍କବାଦୀ ପରସ୍ପର ମଧରେ କଥା ହେବାକୁ ଏବଂ ଷଡ଼ଯନ୍ତ୍ର ପାଇଁ 'ଡେଡ୍ ଡ୍ରପ୍' ଇ-ମେଲ ବ୍ୟବହାର କରୁଥିଲେ। ଏଥିରେ ଇମେଲର ଡ୍ରାଫ୍ଟ ଫୋଲ୍ଡରକୁ ସେଭ କରିଦିଆଯାଇଥାଏ। ପରେ ଏହାକୁ ପଢିବା ପାଇଁ ଅନ୍ୟ ଜଣେ ଲଗ୍ ଇନ କରିଥାଏ। ଏହାର ଡିଜିଟାଲ ଫୁଟପ୍ରିଣ୍ଟର ସନ୍ଧାନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ତଦନ୍ତରୁ ଜଣାପଡ଼ିଛି ଯେ ଟେରର ମଡ୍ୟୁଲୋରେ ସାମିଲ ଡାକ୍ତର ପରସ୍ପରକୁ ଇ-ମେଲ ପଠାଉ ନ ଥିଲେ। ଅନ୍ୟପକ୍ଷରେ ମହିଳା ଆତଙ୍କବାଦୀ ଡ. ସାହିନ ବିସ୍ଫୋରଣ ପରେ ଦେଶ ଛାଡ଼ି ପଳାଇବାକୁ ଯୋଜନା କରିଥିଲା। ସେ ଦିଲ୍ଲୀ ବିସ୍ଫୋରଣର ସାତ ଦିନ ପୂର୍ବରୁ ପାସ୍‌ପୋର୍ଟ ଯାଞ୍ଚ କରାଇ ଥିଲା। ସାହିନର କୋଡନେମ 'ମ୍ୟାଡାମ ସର୍ଜନ' ଥିଲା।

## ଶିଶୁକୁ ହତ୍ୟା କଲେ ୪ ଜଣ ମାଉସୀ

ଯୋଧପୁର, ୧୫ ।୧୧(ଏଜେନ୍ସି): ରାଜସ୍ଥାନର ଯୋଧପୁରରେ ଏକ ୧୭ ଦିନର ନୀରିହ ଶିଶୁକୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଶିଶୁର ୪ ଜଣ ମାଉସୀ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ୪ ଜଣଙ୍କୁ ଗିରଫ କରାଯାଇ ପଚରା ଉଚରା କରାଯାଉଛି। ପ୍ରଥମେ ହାତଗୋଡ ଭାଙ୍ଗିବା ପରେ ଶିଶୁର ତଣ୍ଟି ଚିପି ହତ୍ୟା କରାଯାଉଛି ବୋଲି ତା'ର ପିତା ଅଭିଯୋଗ କରିଛନ୍ତି। ଶିଶୁଟିର ଚୁଟି ମଧ ଟଣା ଯାଇଥିଲା। ଗୁଣିଗାରେଡ଼ି କାରଣରୁ ଶିଶୁକୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି। ନେହରୁ ନଗର କଲୋନୀରେ ଏହି ଘଟଣା ଘଟିଛି। ପତି ପୁନାରାମ ଓ ପତ୍ନୀ ସୁମନ ୧୭ ଦିନ ତଳେ ପିତାମାତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଶୁକ୍ରବାର ରାତିରେ ସୁମନ ଗାଧୁଆଘର ଯାଇଥିବା ବେଳେ ତାଙ୍କର ୪ ଭଉଣୀ ପୁଅ ପ୍ରତ୍ୟୁକ୍ଷକୁ ହତ୍ୟା କରିଥିଲେ। ମୋର ଶ୍ୱଶୁର ଘର ଲୋକେ ଅନ୍ଧବିଶ୍ୱାସି ରହିଆସିଛନ୍ତି। ଏହି କାରଣରୁ ୪ ଜଣ ମାଉସୀ ସାଥି ହୋଇ ପୁଅକୁ ହତ୍ୟା କରିଛନ୍ତି ବୋଲି ପୁନାରାମ ଅଭିଯୋଗ କରିଛନ୍ତି। ପୁନାରାମଙ୍କ ଶ୍ୱଶୁର ତଥା ସୁମନଙ୍କ ପିତା ଦିଲ୍ଲୀରେ ବାୟୁସେନାରେ କାର୍ଯ୍ୟକରନ୍ତି। ତାଙ୍କ ୭ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ସୁମନ ତାଙ୍କର ଦ୍ୱିତୀୟ ଝିଅ। ଶିଶୁର ୪ ମାଉସୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ନ୍ୟାସନାଲ ଫ୍ୟାମିଲ ହେଲଥ ସର୍ଭେ ଅନୁସାରେ ୨୦୨୨ରେ ଶିଶୁ ମୃତ୍ୟୁହାର ୩୯ ପ୍ରତିଶତ ରହିଛି। କିନ୍ତୁ ୨୦୨୩ରେ ଏଥିରେ ସୁଧାର ହୋଇଛି ଓ ହାର ୨୯ ପ୍ରତିଶତ ରହିଛି।

## ଜିଅନ୍ତା ଜଳିଗଲେ ପରିବାରର ୫ ସଭ୍ୟ

ମୁଜାଫରପୁର, ୧୫ ।୧୧(ଏଜେନ୍ସି): ବିହାରର ମୁଜାଫରପୁରରେ ଗୋଟିଏ ପରିବାରର ୫ ସଦସ୍ୟ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧରେ ସ୍ୱାମୀ-ସ୍ତ୍ରୀ, ସେମାନଙ୍କ ଦୁଇ ପିଲା ଓ ମା ସାମିଲ ରହିଛନ୍ତି। ଏହି ଘଟଣାରେ ଅନ୍ୟ ୫ ଜଣ ମଧ ଜଳିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଓ ଏମାନଙ୍କୁ ଚିକିତ୍ସା ପାଇଁ ଶ୍ରୀ କ୍ରିଷ୍ଣା ମେଡିକାଲ କଲେଜ (ଏସ୍‌କେଏମ୍‌ସି)ରେ ଭର୍ତ୍ତି କରାଯାଇଛି। ଆହତଙ୍କ ଶରୀରର ୯୮ ପ୍ରତିଶତ ଜଳିଯାଇଛି। ସେହିପରି ଜଣେ ଯୁବକ ମାମୁଲି ଭାବେ ଆହତ ହୋଇଛନ୍ତି ଓ ମୋତିପୁର ପିଏଚ୍‌ସିରେ ତାଙ୍କୁ ଚିକିତ୍ସା କରାଯାଉଛି। ମୋତିପୁରର ୧୩ ନଂ ୱାର୍ଡରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘରେ ନିଆଁ ଲାଗିଥିଲା। ସେତେବେଳେ ପରିବାର ଲୋକେ ଶୋଇ ରହିଥିଲେ। ଫଳରେ ସେମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ତୃତୀୟ ମହଲାରେ ନିଆଁ ଲାଗିଥିଲା। ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଡିଏସ୍‌ପି ସୁଚିତ୍ରା କୁମାରୀ କହିଛନ୍ତି। ଏହି ଘଟଣା ଯାଞ୍ଚ୍ କରାଯାଉଛି। ସର୍ଟ ସର୍କିଟ କାରଣରୁ ଏହି ନିଆଁ ଲାଗିଥିଲା ବୋଲି ଆଶଙ୍କା କରାଯାଉଛି।

# ଗାଜା ଦୁଇ ଭାଗ କରିବାକୁ ଆମେରିକାର ଯୋଜନା

ୱାସିଂଟନ, ୧୫ ।୧୧(ଏଜେନ୍ସି): ଆମେରିକା ଗାଜାକୁ ଦୁଇ ଭାଗରେ ବିଭକ୍ତ କରିବାକୁ ପ୍ରସ୍ତୁତି କରୁଛି। ଏଥିପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଉଛି। ଗୋଟିଏ ଭାଗ ଇଣ୍ଟରନ୍ୟାସନାଲ ଫୋର୍ସ (ଆଇଏସ୍‌ଏଫ୍) ଓ ଇସ୍ରାଏଲ ସେନାର ନିୟନ୍ତ୍ରଣରେ ରହିବ ଓ ଏହାକୁ ଗ୍ରୀନ୍ ଜୋନ କୁହାଯିବ। ଅନ୍ୟପଟେ ପାଲେଷ୍ଟାଇନ ନାଗରିକ ରହୁଥିବା ଅଞ୍ଚଳକୁ ଭଗ୍ନାବଶେଷ ସ୍ଥଳି ଭାବେ ରହିବାକୁ ଦିଆଯିବ ଓ ଏହାକୁ ରେଡ୍ ଜୋନ ବୋଲି କୁହାଯିବ। ପାଖାପାଖି ସବୁ ପାଲେଷ୍ଟାଇନ ନାଗରିକ ରେଡ୍ ଜୋନକୁ ବିସ୍ଥାପିତ ହୋଇଛନ୍ତି। ବ୍ରିଟେନ ଜଣାଶୁଣା ଖବର କାଗଜ 'ଦି ଗାର୍ଡିଆନ୍' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଆମେରିକୀୟ ସେନାର ଗୁଇନ୍ଦା କାଗଜପତ୍ର ଓ ଅଧିକାରୀମାନଙ୍କ ବ୍ୟକ୍ତିଗତ ମନ୍ତବ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁସାରେ ଏହି ଯୋଜନାକୁ ଲାଗୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି କୁହାଯାଇଛି।



■ ଗ୍ରୀନ ଜୋନ୍‌ରେ ଇସ୍ରାଏଲ୍‌ର ନିୟନ୍ତ୍ରଣ

■ ପାଲେଷ୍ଟାଇନ୍ ନାଗରିକଙ୍କୁ ରେଡ୍ ଜୋନ୍

ଗାଜାର ପୂର୍ବ ଅଂଶକୁ ଗ୍ରୀନ୍ ଓ ପଶ୍ଚିମ ପଟକୁ ରେଡ୍ ଜୋନ୍‌ରେ ବିଭକ୍ତ କରାଯିବ। ଗ୍ରୀନ୍ ଜୋନରେ ଇସ୍ରାଏଲ ସମେତ ବିଦେଶୀ ସୈନିକ ମଧ ନିୟୋଜିତ ହେବେ। ପ୍ରଥମେ କେତେଶହ ସୈନିକଙ୍କୁ ଓ ପରେ ଏହି ସଂଖ୍ୟାକୁ ୨୦ ହଜାରକୁ ବୃଦ୍ଧି କରାଯିବ। କୌଣସି ବିଦେଶୀ ସୈନିକଙ୍କୁ ଗ୍ରୀନ୍ ଜୋନ ବାହରକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। ଅନ୍ୟପଟେ ରେଡ୍ ଜୋନ୍ ଯୁଦ୍ଧ ଯୋଗୁଁ ବହୁତ କ୍ଷତିଗ୍ରସ୍ତ ହୋଇ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଏଠାରେ କୌଣସି ପୁନଃନିର୍ମାଣ କାର୍ଯ୍ୟ କରାଯିବ ନାହିଁ। ଏହି ଜୋନରେ ୨୦ ଲକ୍ଷ ପାଲେଷ୍ଟାଇନ୍ ନାଗରିକ ଫସି ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ହୋଇଥିବା ଅସ୍ତ୍ରବିରତି ଚୁକ୍ତିକୁ ନେଇ ଏହି ଯୋଜନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗାଜାକୁ ଏକାଠି କରି ପାଲେଷ୍ଟାଇନ୍ ଶାସନ ଲାଗୁ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

## ରାଜ୍ୟରେ ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା

# ଦିନକୁ ଗଡୁଛି ୧୬ ମୁଣ୍ଡ

ଭୁବନେଶ୍ୱର,୧୫ ।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ, ସବୁ ସ୍ତରରେ କଡ଼ାକଡ଼ି ଯାଞ୍ଚ ହେଉଥିଲେ ବି ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାରରେ ରୋକ୍

- ଗତବର୍ଷ ତୁଳନାରେ ବଢ଼ିଛି ୬.୭୫ ପ୍ରତିଶତ
- ୧୦ ବର୍ଷରେ ମଲେଣି ୪୮ ହଜାର
- ଫାଶ ବସାଇଛି ପର୍ଯ୍ୟଟନ ଋତୁ
- ରାଜ୍ୟରେ ୧୯୫ ବ୍ଲାକସ୍ପଟ୍ ଚିହ୍ନଟ

ଲାଗିପାରୁନି । ଯେତିକି ମରୁଛନ୍ତି, ତା'ଠାରୁ ଢେର୍ ଅଧିକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି । ସରକାରୀ ତଥ୍ୟ ମୁତାବକ, ପ୍ରତିବର୍ଷ ଦେଶରେ ଦେଢ଼ଲକ୍ଷ ଲକ୍ଷ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଏ ଅଲୋଡ଼ା ରେକର୍ଡରେ ଓଡ଼ିଶାର ଭାଗ ଅଧିକ। ଦୁର୍ଘଟଣା ରାଜ୍ୟରେ ପ୍ରତିବର୍ଷ ୫ ହଜାର ଜୀବନ ନେଉଛି । ଗତ ୧୦ ବର୍ଷର ତଥ୍ୟ ଉପରେ ଆଖି ପକାଇଲେ, ରାଜ୍ୟରେ ଏହା(ଦୁର୍ଘଟଣା) ମହାମାରୀଠାରୁ ବି ଭୟଙ୍କର ବୋଲି ଜଣାଯାଇଛି । ଏହି ଅବଧି ମଧ୍ୟରେ ଓଡ଼ିଶାରେ ୪୮ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି ଦୁର୍ଘଟଣା । ଖାଲି ସେତିକି ନୁହେଁ, ଏକ ଲକ୍ଷରୁ ଅଧିକ ଲୋକେ ଗୁରୁତର ଆହତ ହୋଇଛନ୍ତି । ଏହି ଆଧାରରେ ଦେଖିବାକୁ ଗଲେ, ଦୁର୍ଘଟଣାରେ ରାଜ୍ୟରେ ଦିନକୁ ହାରାହାରି ୧୬ ଜଣଙ୍କ ମୁଣ୍ଡ ଗଡୁଛି ।

୨୦୨୩ ମସିହାରେ ରାଜ୍ୟରେ ମୋଟ ୧୧ହଜାର




୯୯୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୫ହଜାର ୭୩୯ଟି ଅମୂଲ୍ୟ ଜୀବନ ଯାଇଛି । ସେହିପରି ଗତବର୍ଷ ରାଜ୍ୟରେ ୧୨ ହଜାର ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬ ହଜାର ୧୪୨ଜଣ ପ୍ରାଣ ହରାଇଛନ୍ତି । ଚଳିତବର୍ଷ ଅର୍ଥାତ୍ ୨୦୨୫ ଜୁଲାଇ ମଧ୍ୟରେ ୭୫୩୬ଟି ସଡ଼କ ଦୁର୍ଘଟଣାରେ ୩ ହଜାର ୮ ୯୧ ଲୋକ ମୃତ୍ୟୁବରଣ କରିଛନ୍ତି । ୨୦୨୪ ଓ ୨୦୨୫ର ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି । ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୬.୭୫ ପ୍ରତିଶତ ବୃଦ୍ଧି ପାଇଛି । ଦୁର୍ଘଟଣା ହାର ବୃଦ୍ଧି ପାଇବା ରାଜ୍ୟରେ ସଡ଼କ ଦୁର୍ଘଟଣାର ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି ।

ସେପଟେ ୨୦୨୩ ମସିହା ତଥ୍ୟକୁ ଦେଖିଲେ, ସମୁଦାୟ ଦୁର୍ଘଟଣାର ୩୭ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଛି । ଆଉ ୩୭ ପ୍ରତିଶତ ବା ପ୍ରାୟ ୨୧୦୦ ଜଣ ଜାତୀୟ ରାଜପଥରେ ହିଁ ପ୍ରାଣ ହରାଇଛନ୍ତି । ସେହିବର୍ଷ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ସର୍ବାଧିକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ଏଭଳି ହେବାର କାରଣ ମଧ୍ୟ ଆଶ୍ଚର୍ଯ୍ୟଜନକ। ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ପର୍ଯ୍ୟଟନ ଋତୁ ହୋଇଥିବାରୁ ଜାତୀୟ ରାଜପଥରେ ଅଧିକ ଗାଡ଼ି ଚଳାଚଳ କରୁଛି । ଲୋକମାନେ ବଣଭୋଜି ଓ ତୀର୍ଥସ୍ଥଳୀ ସ୍ଥଳକୁ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ରାସ୍ତା ଠିକ୍‌ରେ ଦୃଶ୍ୟମାନ ହେଉନାହିଁ। ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ସେହିପରି ରାଜପଥରେ ବେଆଇନ ପାର୍କିଂ ଓ ମଦ୍ୟପାନ ଜନିତ ଗାଡ଼ି ଚାଳନା ଏହାର ଅନ୍ୟତମ କାରଣ। ରାଜ୍ୟରେ ୧୯୫ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଥିବା ବେଳେ ସେଠାରେ ଯେପରି ଭାବେ ସତର୍କତା ଅବଲମ୍ବନ କରିବା କଥା, ତାହା କରାନଯିବା ମଧ୍ୟ ଆଉ ଏକ କାରଣ ବୋଲି କୁହାଯାଉଛି ।

### ଆଜିଠୁ ଶୂନ୍ୟ ମୃତାହତ ପକ୍ଷ

ଭୁବନେଶ୍ୱର, ୧୫ ।୧୧(ସମିସ): ଆସନ୍ତା ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ ହେବ। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟରେ, ୪ଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ୍ ଓ ଏମର୍ଜେନ୍ସି କେୟାର୍‌କୁ ପ୍ରାଧାନ୍ୟ ଦିଆଯିବ। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଏହି ସୂଚନା ଦେଇଛନ୍ତି। ଆଜି ଏ ସମ୍ପର୍କରେ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିଛନ୍ତି। ଶୂନ୍ୟ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ମନ୍ତ୍ରୀ ଶ୍ରୀ ଜେନା ବିଭିନ୍ନ ପରାମର୍ଶ ଦେଇଛନ୍ତି। ସୂଚନାନୁଯାୟୀ, ଏହି ଅବଧି ମଧ୍ୟରେ ସଡ଼କ ନିୟମ ଉଲ୍ଲଙ୍ଘକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ସାରା ରାଜ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ; ୩ ମୃତ

ପରଜଙ୍ଗ,୧୫ ।୧୧(ସମିସ): ୫୯ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ଜିଏମ୍ ଆଇରନ କାରଖାନା ସମ୍ମୁଖରେ ଅଜଣା ଟ୍ରକ୍ ଧକ୍କାରେ ୩ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ୩ ଜଣଯାକ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଯାଇଥିଲା । ମୃତକମାନଙ୍କ ପରିଚୟ ମିଳିନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଯୁବକଙ୍କ ଯୌନାଙ୍ଗ କାଟି ମାରିଦେଲେ

ବୀରମହାରାଜପୁର, ୧୫।୧୧ (ସମିସ): ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ଭଜବଲପୁର ଗାଁର ରାକେଶ ବରିହା (୨୫) । ରଥପୁର ଛକ ନିକଟସ୍ଥ ରୁଗୁଡ଼ିମୁଣ୍ଡା ବନ୍ଧହିଡ଼ରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ସକାଳୁ ବନ୍ଧହିଡରେ ରାକେଶଙ୍କ ମୃତଦେହ ପଡ଼ିଥିବା ରାସ୍ତାରେ ଯାଉଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ବୀରମହାରାଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା। ରାକେଶଙ୍କ ମୁଣ୍ଡ ଓ ବାମ ଆଖିରେ ଆଘାତ ଲାଗିଥିବା ବେଳେ ତାଙ୍କ ଯୌନାଙ୍ଗକୁ କାଟି ଦିଆଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ଅପରାହ୍ଣରେ ରାକେଶଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ଏହି ହତ୍ୟାକାଣ୍ଡର ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। କିଛି ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସକାଳ ସାଢ଼େ ୪ଟାରେ ମର୍ଣ୍ଣିଂୱାକ୍‌ରେ ଗଲା ବେଳେ ସେମାନେ ବନ୍ଧ ପାଖରେ ଏକ ବଲୋରୋ ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ରାକେଶଙ୍କୁ ଅନ୍ୟତ୍ର ହତ୍ୟା କରିବା ପରେ ଉକ୍ତ ଗାଡ଼ିରେ ଏଠାରେ ଫିଙ୍ଗି ଦେଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ଉକ୍ତ ଗାଡ଼ିକୁ ଠାବ କରିବା ପାଇଁ ଚେଷ୍ଟା ଚଳାଇଛି। ସେହିପରି ରାକେଶଙ୍କ ସହ କାହାର ଶତ୍ରୁତା ଥିଲା, ସେନେଇ ତାଙ୍କ ପରିବାରଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ବୀରମହାରାଜପୁର ଥାନା ଅଧିକାରୀ କହିଛନ୍ତି।

---

### ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ

## ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡା ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ: ମୁଖ୍ୟମନ୍ତ୍ରୀ

ରାଉରକେଲା, ୧୫ ।୧୧ (ସମିସ): ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ବିର୍ସା ମୁଣ୍ଡା ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି । ବ୍ରିଟିଶ୍ ସରକାରର ଅନ୍ୟାୟ, ଅତ୍ୟାଚାରକୁ ସେ ଦୃଢ଼ ବିରୋଧ କରୁଥିଲେ । ବିହାର, ଝାଡ଼ଖଣ୍ଡ ଅଞ୍ଚଳର ସଂଗ୍ରାମୀମାନଙ୍କୁ ନେଇ ଏକ ବଡ଼ଧରଣର ବିପ୍ଳବ କରି ସେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ । ସହିଦ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଜନଜାତୀୟ ଗୌରବ ଦିବସ'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।

ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ । ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେସିତମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢ଼େଇ ଜାରି ରଖିଥିଲେ । ବିର୍ସାଙ୍କ ବିଦ୍ରୋହ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଇଂରେଜ ସରକାର ବିରୋଧରେ ତାହା ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ



- ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ
- ହନୁମାନ ବାଟିକା-ପାୱାର ହାଉସ୍ ରାସ୍ତା ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ

ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୬୦୯କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାସହ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି ।

କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ । ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟରୁ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

---

### ଏସ୍‌ଆଇ ଚାକିରି ବିକ୍ରି ଘଟଣା

## ତୁରନ୍ତ ପରୀକ୍ଷା ଦାବିରେ ଆଶାୟୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୫ ।୧୧(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଲା; କ୍ରାଇମ୍‌ବ୍ରାଞ୍ଚ ଠାରୁ ତଦନ୍ତ ଭାର ସିବିଆଇ ନେଲା । ହେଲେ ପରୀକ୍ଷା କେବେ ହେବ ଏବଂ କିଏ ପରୀକ୍ଷା ପରିଚାଳନା କରିବ ସେ ସମ୍ପର୍କରେ କେହି ପଦୁଟିଏ କହୁନାହାନ୍ତି । ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ଉତ୍ତର ନ ପାଇବା ପରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭୁବନେଶ୍ୱରରେ ଥିବା ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ଆଶାୟୀମାନେ ପରୀକ୍ଷା କେବେ ହେବ, ସେନେଇ ସ୍ପଷ୍ଟୀକରଣ ଦେବାକୁ ଦାବି କରିଛନ୍ତି ।

ଆଶାୟୀଙ୍କ କହିବା କଥା, ଚାକିରି ବିକ୍ରି ଘଟଣାରେ ସିବିଆଇ ତଦନ୍ତ ଆରମ୍ଭ କରିଛି। ରାକେଟ୍‌ର ମୂଳ ପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା କେବେ ପହଞ୍ଚିବ ଓ କେବେ ତଦନ୍ତ ସରିବ, ସେନେଇ କୌଣସି ସ୍ପଷ୍ଟତା ନାହିଁ। ୨୦୨୪ ଡିସେମ୍ବରରେ ୯୩୩ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ପ୍ରାୟ ବର୍ଷେ ପୂରିବ । ଏହାରି ମଧ୍ୟରେ ଦୁଇ ଥର ପରୀକ୍ଷା ବାତିଲ୍ ହେଲାଣି । ଅନିଶ୍ଚିତତା ମଧ୍ୟରେ ଥିବା ଏହି ପରୀକ୍ଷା ପାଇଁ ପଢ଼ିବା ସହ ଶାରିରୀକ ପ୍ରସ୍ତୁତି ଜାରି ରଖିବା ପିଲାଙ୍କ ମାନସିକ ସ୍ଥିତିକୁ ଦୁର୍ବଳ କରୁଛି । ଗୋଟିଏ ପଟେ ତଦନ୍ତ ଚାଲୁଥିବାବେଳେ ସମାନ୍ତରାଳ ଭାବେ ପୁନଃ ପରୀକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନି । ଏଣୁ ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନେବା ସହ ପରୀକ୍ଷା କେବେ ହେବ ସେନେଇ ଲିଖିତ ଭାବେ ଜଣାଇବାକୁ ଆଶାୟୀମାନେ ଦାବି କରିଛନ୍ତି । ସକାଳୁ ଆନ୍ଦୋଳନରେ ବସିଥିବା ଆଶାୟୀଙ୍କ ସହ ବିଳମ୍ବିତ ରାତି ଅର୍ଥାତ୍ ଖବର ଲେଖା ହେବା ପର୍ଯ୍ୟନ୍ତ ଓପିଆର୍‌ବି ଅଧ୍ୟକ୍ଷ ଆଲୋଚନା ନ କରିବାକୁ ନେଇ ଆଶାୟୀମାନେ ଅସନ୍ତୋଷ ଝାଡ଼ିଛନ୍ତି । ବ୍ୟାପକ କେଳେଙ୍କାରୀରେ ସମ୍ପୃକ୍ତ ଓପିଆର୍‌ବି ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ଦାବି କରିଛନ୍ତି ।



- ଆଶାୟୀଙ୍କ ସହ ଆଲୋଚନା କଲେନି ଓପିଆର୍‌ବି ଅଧ୍ୟକ୍ଷ
- ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି

ସରକାର ଗଠନ ଠାରୁ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ହେଲେ ଦୀର୍ଘ ବର୍ଷେ ହେବ କୌଣସି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ; ସରକାର ମଧ୍ୟ ସେମାନଙ୍କ ଜୀବନ ସହ ଖେଳିବାକୁ ପ୍ରୟାସ ନ କରନ୍ତୁ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି ।

---

## ସ୍ୱତନ୍ତ୍ର ଓଟିଇଟି ପାସ୍ କଲେ ୪୮୧୫୩

କଟକ,୧୫ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି । ବୋର୍ଡ ୱେବ୍‌ସାଇଟ୍‌ରେ ଏହି ଫଳ ଉପଲବ୍ଧ କରାଯାଇଛି । ଏହି ପରୀକ୍ଷାର ଦୁଇଟି ପେପର୍‌ରେ ମୋଟ୍ ପାସ୍ ହାର ୬୬.୫୦ ପ୍ରତିଶତ ହୋଇଛି ଓ ମୋଟ ୪୮ହଜାର୧୫୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କ ଡିଜିଟାଲ ପ୍ରମାଣପତ୍ରକୁ ବୋର୍ଡ ୱେବ୍‌ସାଇଟ୍‌ରୁ ଆଜିଠାରୁ ୨୦୨୬ ଜାନୁଆରୀ୧୫ ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରିପାରିବେ । ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ବୋର୍ଡ ୱେବସାଇଟ୍‌ରୁ ୨୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଓଏମ୍‌ଆର୍ ଉତ୍ତରଖାତାକୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

### ନୂଆପଡ଼ା ପରାଜୟ ପରେ କଂଗ୍ରେସରେ ଚାପା ଗୁଞ୍ଜରଣ

## ପ୍ରଶ୍ନ ଘେରରେ ଭକ୍ତଙ୍କ ରଣନୀତି

ଭୁବନେଶ୍ୱର, ୧୫।୧୧ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ବିପର୍ଯ୍ୟୟ ପରେ ରାଜ୍ୟରେ କଂଗ୍ରେସର ମଙ୍ଗ ଧରିଥିଲେ ବରିଷ୍ଠ ନେତା ଭକ୍ତଚରଣ ଦାସ। ଭକ୍ତଙ୍କ ଆଗମନ ପରେ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଦଳ ତାଙ୍କ ନେତୃତ୍ୱରେ ଭଲ କରିବ ବୋଲି ସାଧାରଣରେ ଏକ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା । ମାତ୍ର ସଭାପତି ଦାୟିତ୍ୱ ଗ୍ରହଣ ପରେ ନୂଆପଡ଼ା ଉପନିର୍ବାଚନ ଭକ୍ତଙ୍କ ପାଇଁ ଏକ 'ଏସିଡ୍ ଟେଷ୍ଟ' ଥିଲା । ବିଭିନ୍ନ ସମୀକରଣକୁ ଦୃଷ୍ଟିରେ ରଖି ଉପନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ବିଜୟ ଲାଭ କରିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ଦଳର ଅନ୍ୟନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମାତ୍ର ନୂଆପଡ଼ା ଫଳ ବାହାରିବା ସହ ଭକ୍ତଙ୍କ ସବୁ ରଣନୀତି ଫେଲ୍ ମାରିଛି । ଦଳ ଦ୍ୱିତୀୟ ସ୍ଥାନରେ ରହିବା ଭକ୍ତ ତଥା କଂଗ୍ରେସ ପାଇଁ ଏକମାତ୍ର ଭଲ ଖବର ହୋଇଥିଲେ ହେଁ ନିର୍ବାଚନୀ ବିଫଳତା ପରେ ଦଳରେ ତାଙ୍କର ନିର୍ବାଚନ ପରିଚାଳନା ଓ ରଣନୀତିକୁ ନେଇ ପ୍ରଶ୍ନ ଉଠିଛି ।

ଗତ ୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ ମାଝୀ ସ୍ୱାଧୀନ ଭାବେ ଲଢ଼ି ୫୦,୯୪୧ ଖଣ୍ଡ ଭୋଟ ପାଇଥିବା ବେଳେ ଦଳୀୟ ପ୍ରାର୍ଥୀ ଶରତ ପଟ୍ଟନାୟକ ୧୫,୫୦୧ ଖଣ୍ଡ ଭୋଟ ପାଇଥିଲେ । ଅର୍ଥାତ୍ କଂଗ୍ରେସ ପାଖରେ ମୋଟ ୬୬,୪୪୨ ଖଣ୍ଡ ଭୋଟ ଥିଲା । ମାତ୍ର ବର୍ଷଟିଏ ମଧ୍ୟରେ ଉଭୟ ଘାସିରାମ ଏବଂ କଂଗ୍ରେସର ମିଳିତ ଭୋଟ ପ୍ରାୟ ୨୬ ହଜାର ହ୍ରାସ ପାଇଛି । ନୂଆପଡ଼ାରେ କଂଗ୍ରେସର ପରାଜୟ ପଛରେ ଭକ୍ତଙ୍କ ଅତ୍ୟଧିକ ଆତ୍ମବିଶ୍ୱାସ, ଅର୍ଥର ଘୋର୍ ଅଭାବ ଏବଂ କେନ୍ଦ୍ରୀୟ ନେତାଙ୍କ ଓଡ଼ିଶା ପ୍ରତି ଅନାଗ୍ରହ କାରଣରୁ କଂଗ୍ରେସ ଆଶାନୁଯାୟୀ ଫଳ ପାଇପାରିଲା ନାହିଁ ବୋଲି ଆଲୋଚନା ଜୋର୍ ଧରିଛି । ଏହିକ୍ରମରେ ରାଜ୍ୟ କଂଗ୍ରେସର କିଛି ବରିଷ୍ଠ ନେତାଙ୍କର ମତାମତକୁ ନେଇ ଦଳରେ ଚାପା ଗୁଞ୍ଜରଣ ଆରମ୍ଭ ହୋଇଛି ।

- ଦେଢ଼ ବର୍ଷରେ ୨୬ ହଜାର ଭୋଟ୍ ହରାଇଛି ଦଳ
- ଖରାପ ପ୍ରଦର୍ଶନର ଏକାଧିକ କାରଣ ଦର୍ଶାଇଲେ ସମୀକ୍ଷକ


ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ବିଜେପି ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରଚାର କରିବାକୁ ଆସିଲେ । ବିଜେଡି ପାଇଁ ନବୀନ ପଟ୍ଟନାୟକ ଦୁଇ ଦୁଇଥର ପ୍ରଚାର କଲେ; ମାତ୍ର ଆମେ ସେହିଭଳି ସଭା କରିପାରିଲୁ ନାହିଁ । ସେହିପରି ଆଦିବାସୀ ଭୋଟ ବ୍ୟାଙ୍କକୁ ଗତଥର ପରି ନିଜ ପାଖରେ ରଖି ପାରିଲୁ ନାହିଁ ବୋଲି କହିଛନ୍ତି ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା । ନିଜେ ଘାସିରାମ ମଧ୍ୟ ନିର୍ବାଚନରେ ଟଙ୍କାର ଘୋର ଅଭାବ ଏବଂ କେନ୍ଦ୍ରୀୟ ନେତୃତ୍ୱଙ୍କ ସହଯୋଗ ନେଇ ନିଜର ବକ୍ତବ୍ୟ ରଖି ସାରିଛନ୍ତି । ଅପରପକ୍ଷେ ପିସିସି ସଭାପତି ଭକ୍ତଚରଣ ଦାସ କିନ୍ତୁ ଏନେଇ ଭିନ୍ନ ମତ ରଖିଛନ୍ତି । ସେ କହିଛନ୍ତି ଯେ ଆମେ ହିଁ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ । ଆମେ ହିଁ ବିଜେପିର ପ୍ରକୃତ ବିକଳ୍ପ ବୋଲି ପ୍ରମାଣିତ କରିଛୁ ।

---

### ବିଲରୁ ଛାଡୁନି ପାଣି; କେମିତି କରିବେ ଅମଳ

## ଗଜା ଧାନରେ ନିଆଁ ଲଗାଇଦେଲା ଚାଷୀ

ଧରାକୋଟ, ୧୫ ।୧୧(ସମିସ): ଆଖି ଆଗରେ ବର୍ଷକର ପରିଶ୍ରମ ବରବାଦ ହୋଇଗଲା । ବିଲରୁ ପାଣି ନ ଛାଡ଼ିବାରୁ ଏକର ଏକର ଜମିରେ ଧାନରୁ ଗଜା ବାହାରିଗଲା । ଦଇବ ଯାହା ଦାଉ ସାଧିଲା, ତାକୁ ଆଉ କେତେ ଦିନ ଧରି ବସିବ ଭାବି ବିଲରେ ନିଆଁ ଲଗାଇଦେଲା ଚାଷୀ । ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ରେ ଏମିତି ଦୃଶ୍ୟ ଦେଖିବାକୁ



ମିଳିଛି । ଧରାକୋଟ ବ୍ଲକର ଧରାକୋଟ, ମୁଣ୍ଡମରାଇ, ଶରଧାପୁର, ବାହାରପୁର, ମାଣିକପୁର, ମଚ୍ଛାକୋଟ, ଢଉଗାଁ ଆଦି ପଞ୍ଚାୟତରେ ଥିବା କେନାଲ ପାର୍ଶ୍ୱ ଜମି, ଗହୀର ମଧ୍ୟରେ ଥିବା ଚାଷ ଜମି ବର୍ତ୍ତମାନ ସୁଦ୍ଧା ପାଣି ଘେରରେ ରହିଛି । ଧାନ ପାଣିରେ ଲୋଟି ରହିଛି । ପାଣି ଛାଡ଼ି ନଥିବାରୁ ମେସିନ ସାହାଯ୍ୟରେ କିମ୍ବା ଲୋକଙ୍କ ଦ୍ୱାରା ଚାଷୀ ଧାନ କାଟି ପାରୁନାହିଁ । ଫଳରେ ଦିନକୁ ଦିନ ଅଧିକ ପରିମାଣରେ ଧାନ ଗଜା ହେବାରେ ଲାଗିଛି ।

ଚଳିତବର୍ଷ ଆବଶ୍ୟକତାଠାରୁ ଅଧିକ ବର୍ଷା ହେବାରୁ ଚାଷୀର ମେରୁଦଣ୍ଡ ଦୋହଲି ଯାଇଛି । ଯଦିଓ ଧାନ ଫସଲ ଭଲ ହୋଇଛି ଏବଂ ଠିକ ସମୟରେ ଲଘୁଚାପ ଟଳି ଯିବାରୁ ଅମଳ ପାଇଁ ପାଗ ଅନୁକୂଳ ରହିଛି; ହେଲେ ଗହୀରିଆ ଜମିରୁ ଏଯାଏଁ ପାଣି ଛାଡ଼ିନି । ଫଳରେ ଦୀର୍ଘ ଦିନ ଧରି ଧାନ ଗଛ ସବୁ ଭୂମିରେ ଲୋଟି ରହିବାରୁ ଅଧିକାଂଶ ଜମିରେ ଧାନ ଗଜା ହୋଇଗଲାଣି । ଆଖି ଆଗରେ ବର୍ଷକର ଫସଲ ଉଜୁଡ଼ି ଯାଉଥିବା ଦେଖି ଚାଷୀ ମନ ଥୟ ଧରୁନି । ତେଣୁ, ଦଇବକୁ ଦୋଷ ଦେଇ ନିଜ ହାତରେ କରିଥିବା ଫସଲରେ ନିଆଁ ଲଗାଇ ଦେଉଛି । ଚାଷୀଙ୍କ କହିବା କଥା, ଧାନ ତ ଆଉ ଅମଳ ହେବନି, ତେଣୁ ନିଆଁ ଲଗାଇଦେଲୁ । ଜମି ଶୁଖିଲେ ବିରି, ମୁଗ ବୁଣି କିଛି ରୋଜଗାର ହେବ । କିନ୍ତୁ କିଛି ଚାଷୀ ଧୈର୍ଯ୍ୟ ହରାଇନାହାନ୍ତି । ଜମିରୁ ପାଣି ନିଷ୍କାସନ ପାଇଁ ନାଳ ବାହାର କରି ଅପେକ୍ଷାରେ ଅଛନ୍ତି । ଅନ୍ୟପଟରେ ପ୍ରଶାସନ ତରଫରୁ ଚଳିତ ବର୍ଷ କ୍ଷୟକ୍ଷତି ଆକଳନ ପାଇଁ ଏପର୍ଯ୍ୟନ୍ତ ତତ୍ପରତା ପ୍ରକାଶ ପାଇନାହିଁ । ଏଣୁ ଚାଷୀ ହତୋତ୍ସାହିତ ହୋଇ ନିଜ ଆଖି ଆଗରେ ନଷ୍ଟ ହୋଇଯାଇଥିବା ଫସଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି ।

## ପୁଲିସ କବ୍‌ଜାରେ ବିହାରୀ ବନ୍ଧୁକ ବିକ୍ରି ଗ୍ୟାଙ୍ଗ୍

ଭୁବନେଶ୍ୱର,୧୫।୧୧(ସମିସ): କମିସନରେଟ୍ ପୁଲିସ ପଞ୍ଝାରେ ବନ୍ଧୁକ ବେପାରୀ । ଭୁବନେଶ୍ୱର ମାଳିସାହି ନିକଟରୁ ସ୍ପେସାଲ କ୍ରାଇମ୍ ୟୁନିଟ୍ ଆଜି ଦୁଇ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି । ସେମାନେ ହେଲେ, ବିହାର ରାଜ୍ୟ ଖଗରିଆ ଜିଲ୍ଲାର ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାର । ସେମାନଙ୍କ ନିକଟରୁ ପୁଲିସ ଗୋଟିଏ

- ୨ ଗିରଫ; ଗ୍ରାହକ ବେଶରେ ମାଡି ବସିଲା ପୁଲିସ
- ଗୋଟିଏ କାର୍ବାଇନ୍ ରାଇଫଲ୍, ଦୁଇ ମାଗାଜିନ୍, ୫ମାଉଜର, ୯ଗୁଳି ଜବତ
- ମାଳିସାହି ନିକଟରେ ହୋଇଥିଲା ଡିଲ୍

କାର୍ବାଇନ୍ ରାଇଫଲ, ୫ଟି ମାଉଜର୍, ୯ଟି ଗୁଳି ଜବତ କରିଛି । ବନ୍ଧୁକ ଡେଲିଭରି ଦେବାକୁ ଆସିଥିବା ବେଳେ ଗ୍ରାହକ ବେଶରେ ପୁଲିସ ଦୁହିଁଙ୍କୁ ଗିରଫ କରିଛି । ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଗତସିଂହପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏମାନଙ୍କ ଚେର ଲମ୍ବିଥିବା ପୁଲିସ ଜାଣିବାକୁ ପାଇଛି । ଏମାନେ କିଛି ନାମୀ ଦାମୀ ଅପରାଧୀଙ୍କୁ ବନ୍ଧୁକ ବିକୁଥିଲେ । ତେବେ ଏମାନଙ୍କ ସହ ଆଉ କିଏ କିଏ ସାମିଲ ଅଛନ୍ତି, ଏମାନେ କେଉଁଠୁ ବନ୍ଧୁକ ଆଣିଥିଲେ, ଏଠି କାହାକୁ ଦେଇଥା'ନ୍ତେ, ଆଗରୁ କେତେଥର ବନ୍ଧୁକ ବିକିଛନ୍ତି, ସେ



ସଂପର୍କରେ ପୁଲିସ ଉଭୟଙ୍କୁ ଜେରା କରୁଥିବା ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି ।

ଅଭିଯୁକ୍ତଦ୍ୱୟ ବିହାରରୁ ବନ୍ଧୁକ ଆଣି ଏଠାରେ ବିକ୍ରି କରନ୍ତି । ଏମାନେ କେବଳ ସପ୍ଲାୟର୍ । କଟକ, ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର ବହୁ ଅପରାଧୀଙ୍କୁ ଏମାନେ ଏକାଧିକବାର ବନ୍ଧୁକ ଯୋଗାଇଛନ୍ତି । ହେଲେ କେବେ ଧରାପଡ଼ିନାହାନ୍ତି । ନିକଟ ଅତୀତରେ ପୁଲିସ ବନ୍ଧୁକ ରଖିଥିବା ଜଣେ ଯୁବକକୁ ଧରିଥିଲା । ତା' ସୂଚନା ଆଧାରରେ ପୁଲିସ ଏହି ବିହାରୀ ବନ୍ଧୁକ ବ୍ୟବସାୟୀଙ୍କ ପାଖରେ ପହଞ୍ଚିଥିବା ଜଣାଯାଇଛି । ଦୀର୍ଘ ଦିନ ହେବ ପୁଲିସ ଏହି ଗ୍ୟାଙ୍ଗ୍ ଉପରେ ନଜର ରଖିଥିଲା । କିନ୍ତୁ ସେମାନେ ବିହାର ପଳାଇଥିବାରୁ ପୁଲିସ ପାଉନଥିଲା । ତେଣୁ ସେମାନଙ୍କୁ ଧରିବା ପାଇଁ ପୁଲିସ ଜାଲ ବିଛାଇଥିଲା । ଗ୍ରାହକ ଭାବେ ପୁଲିସ ସେମାନଙ୍କ ସହ ଯୋଗାଯୋଗ କରିଥିଲା । ଶେଷରେ ୬ଟି ବନ୍ଧୁକ ପାଇଁ ଡିଲ୍ ଫାଇନାଲ ହୋଇଥିଲା ।

ତେବେ କେଉଁ ସ୍ଥାନରେ ଡେଲିଭରି ହେବ, ତାହା ଅଭିଯୁକ୍ତଦ୍ୱୟ ସ୍ଥିର କରିଥିଲେ । ସେମାନଙ୍କ ସବୁ ସର୍ତ୍ତ ମାନି ପୁଲିସ ମାନି ନେଇଥିଲା । ଏପରିକି, ବିଶ୍ୱାସ ଜନ୍ମାଇବା ପାଇଁ ପୁଲିସ ଅଗ୍ରିମ ଆକାରରେ କିଛି ଟଙ୍କା ମଧ୍ୟ ଦେଇଥିଲା । ଟଙ୍କା ମିଳିବା ପରେ ଅଭିଯୁକ୍ତଦ୍ୱୟ ବିହାରରୁ ବାହାରିଥିଲେ । ସେମାନେ ଟ୍ରେନ୍‌ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଯୋଗାଯୋଗ କରିଥିଲେ । ୧୪ ତାରିଖ ରାତିରେ ଷ୍ଟେସନ ନିକଟସ୍ଥ ମାଳିସାହି ପାଖରେ ବନ୍ଧୁକ ମିଳିଯିବ ବୋଲି କହିଥିଲେ । ସେମାନଙ୍କ କହିବାନୁଯାୟୀ ପୁଲିସ ଠିକ୍ ସମୟରେ ସେଠାରେ ପହଞ୍ଚି ଯାଇଥିଲା । ସେମାନେ ବନ୍ଧୁକ ଦେବା ବେଳେ ପାଖରେ ଉପସ୍ଥିତ ଥିବା ଅନ୍ୟ ପୁଲିସ ଅଧିକାରୀମାନେ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିନେଇଥିଲେ । ଅପରେସନ୍ ଏତେ ସତର୍କତାର ସହ କରାଯାଇଥିଲା ଯେ ସେମାନଙ୍କୁ ବିରୋଧ କରିବା କିମ୍ବା ହାତାହାତି କରିବାକୁ ବି ପୁଲିସ ସୁଯୋଗ ଦେଇନଥିଲା ।

ସକାଳ
THE SAKALA



# ବୋଲେରୋ ଓ ମିନିଟ୍ରକ୍ ମୁହାଁମୁହିଁ, ଜଣେ ମୃତ

## କ୍ଷତିପୂରଣ ପାଇଁ କୋରାପୁଟ-ରାୟଗଡ଼ା ରାଜପଥ ଅବରୋଧ

କାକିରିଗୁମା, ୧୫।୧୧(ସମିସ)

କୋରାପୁଟ- ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର କାକିରିଗୁମ୍ମା ଥାନା ପଞ୍ଚାଡା ଛକ ନିକଟରେ ବୋଲେରୋ ଜିପ ଓ ଏକ ମିନି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବୋଲେରୋ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡା ଗ୍ରାମର ଶିବ ନାୟକ ବୋଲି ଜଣାପଡ଼ିଛି । ମୃତ ଶିବ ନାୟକଙ୍କ ସହ ପଞ୍ଚଡା ଗ୍ରାମର ମିଥୁନ ନାୟକ ଏବଂ ବନଜାନୀ ତିନ ଜଣ ନିଜ ଘରକୁ ବଲେରୋ ଯୋଗେ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଗାଡ଼ିକୁ ଧକ୍କା ଦେଇଥିଲେ । ବୋଲେରୋ ଚାଳକ ଶିବ ନାୟକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ବନ ଜାନୀ, ମିଥୁନ ନାୟକଙ୍କୁ ପଞ୍ଚଡା ଗ୍ରାମର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାକିରିଗୁମା ମେଡିକାଲରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସପିଟାଲକୁ ନେଇଥିଲେ । ସୂଚନା ପାଇ କାକିରିଗୁମା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ି ଜବତ କରି ମାମଲା ରୁଜୁ କରିଛି । କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରି ଆନ୍ଦୋଳନ କରୁଛନ୍ତି । ଏଥିଯୋଗୁଁ କୋରାପୁଟ- ରାୟଗଡ଼ା ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି ।



# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କୁନ୍ଦୁରା, ୧୫।୧୧(ସମିସ):** କୁନ୍ଦୁରା ବ୍ଲକର ବିଭିନ୍ନ ସ୍ଥାନରେ ପୃଥକ ପୃଥକ ସଡକ ଦୁର୍ଘଟଣାରେ ଜଣକ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକଙ୍କ ହେଲେ କୁନ୍ଦୁରା ସଦରର ନିଲୁ ସିଂ(୨୭) । ଦିଗାପୁର ଓ ମସିଗାଁ ପଞ୍ଚାୟତ ଅଞ୍ଚଳରେ ପୃଥକ ପୃଥକ ସଡ଼କ ଦୁର୍ଘଟଣା ଘଟିଛି । ନିଲୁ ସିଂ ଅପରାହ୍ନ ପ୍ରାୟ ୫ଟା ବେଳେ ନିଜ କାରରେ କୁନ୍ଦୁରାରୁ ଜୟପୁର ଅଭିମୁଖେ ଯାଉଥିଲେ । ବରଗାଁ ଓ ଗଲରୀଗୁଡା ନିକଟରେ ଗାଡି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିତାଙ୍କୁ ସଙ୍ଗେ ସଙ୍ଗେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ । ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଗଣେସ ପ୍ରସାଦ ଦାସ କହିଛନ୍ତି । ଏହି ଅଞ୍ଚଳ ବୈପାରୀଗୁଡ଼ା ଥାନା ଅଧୀନରେ ହୋଇଥିବାରୁ ସେହି ଥାନରେ ମାମଲା ରୁଜୁ ହେବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ସେହିଭଳି କୁନ୍ଦୁରା ସଦର ପଞ୍ଚାୟତ କାଉଡିଆଗୁଡାର ଯୁବକ ଲଳିତ ପରଜା(୩୦), ନିଜ ବାଇକ ଓଡି୦୫ଏ କେ୮୨୧୩ ରେ ଦିଗାପୁର ଠାରୁ ନିଜ ଗାଁକୁ ଫେରୁଥିବା ବେଳେ ନଡିଆଲପାଲି ଦିଗାପୁର ଗାଁ ମଝିରେ ଦୁର୍ଘଟଣା ଘଟିଥିଲା । ଆମ୍ବୁଲାନ୍ସ ନ ଥିବାରୁ ସାମ୍ବାଦିକ ହରିଶ୍ଚନ୍ଦ୍ର ବେହେରା ଏସଡିପିଓ ଜୟପୁର ପାର୍ଥ କଶ୍ୟପଙ୍କୁ ସୂଚନା ଦେଇଥିଲେ । କୁନ୍ଦୁରା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ବ୍ୟକ୍ତି ଅଜିତ ପାଣିଗ୍ରାହୀ, ରବୀନ୍ଦ୍ର ମିଶ୍ର, ତ୍ରିନାଥ ଅଡ଼ାରୀଙ୍କ ସମେତ ଅନ୍ୟ ମାନଙ୍କ ସହାୟତାରେ ନିଜ ଗାଡ଼ିରେ କୁନ୍ଦୁରା ମେଡିକାଲରେ ଭର୍ତ୍ତି କରିଥିଲେ ।



## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଜୟପୁର, ୧୫ ।୧୧(ସମିସ):** ଜୟପୁର ଟାଉନଥାନାରେ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ନେଇ ଏକ ମାମଲା ରୁଜୁ ହୋଇଛି । ପୁଲିସ ସୂଚନା ଅନୁଯାୟୀ ଗଙ୍ଗାନଗର ଅଞ୍ଚଳର ପ୍ରଦୀପ ସିଓଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକେ ମୃତ୍ୟୁର କାରଣ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଟାଉନ୍ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲ ଥାନା ପକ୍ଷରୁ ପ୍ରକାଶ କରାଯାଇଛି ।

## ଗଞ୍ଜେଇ ଚାଷ ନଷ୍ଟ କଲା ପ୍ରଶାସନ, ଜଣେ ଗିରଫ

**ତେନ୍ତୁଳିଖୁଣ୍ଟି, ୧୫।୧୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ତହସିଲ ଅନ୍ତର୍ଗତ ବିଛିନାଞ୍ଚଳ ଗ୍ରାମ ବଗ୍ରାଠାରେ ତେନ୍ତୁଳିଖୁଣ୍ଟି ତହସିଲ ପ୍ରଶାସନ ଏବଂ ଖାତିଗୁଡା ପୋଲିସ ପ୍ରଶାସନ ତରଫରୁ ଚଢ଼ଉ କରି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଜଣାପଡ଼ିଛି । ଖାତିଗୁଡା ଥାନା ଅଧିକରୀ ହରିଶ ଚନ୍ଦ୍ର ଗୋଲାରୀ ଏବଂ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ସ୍ଥାନରେ ପହଞ୍ଚି ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରିବା ସହ ସେଗୁଡିକୁ ନଷ୍ଟ କରିଥିଲେ । ଏହି ସମୟରେ ମଞ୍ଚାଗାଁ ରାଜସ୍ୱ ନିରୀକ୍ଷକ ବଳରାମ ହରିଜନ ବେଜୁଗୁଡ଼ା ରାଜସ୍ୱ ସର୍କଲର ଏଆର୍ଆଇ ମେରି କନ୍ଧପାନ ଉପସ୍ଥିତ ଥିଲେ । ସନିଆ ଜାନିକୁ ଗଞ୍ଜେଇ ଚାଷ ଅଭିଯୋଗରେ ଗିରଫ କରିବା ସହ ପଚରା ଉଚରା ଓ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଶ୍ରୀ ଗୋଲାରୀ ।

## ଦେଶୀ ହାତ ରନ୍ଧା ମଦ ଜବତ

**ନବରଙ୍ଗପୁର, ୧୫।୧୧(ସମିସ):** ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଥାନା ଅର୍ନ୍ତଗତ ଢେପଗୁଡ଼ା ଚୁଟିଆଗୁଡ଼ା ଗ୍ରାମରେ ଚଢ଼ଉ କରି ପତି ହରିଜନଙ୍କ ନିକଟରୁ ୧୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରିଛି ନବରଙ୍ଗପୁର ଅବକାରୀ ବିଭାଗ । ନବରଙ୍ଗପୁର ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପତି ହରିଜନ କୁ ନବରଙ୍ଗପୁର ଏସଡିଜେଏମ ଅଦାଲତରେ ହାଜର କରାଯାଇଥିବା ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି । ଏହି ଚଢଉ ସମୟରେ ଅବକାରୀ କର୍ମଚାରୀ ରିସମା ସୁନା, ସୁଧାଂଶୁ ଶେଖର ବାଘ୍ ଓ ଅକ୍ରମ ଖାନ ପ୍ରମୁଖ ଉପସ୍ଥିତ ରହି ସମସ୍ତ ସହଯୋଗ କରି ଥିଲେ ।

## ଦିବ୍ୟାଙ୍ଗ ପ୍ରମାଣପତ୍ର ବୋର୍ଡ ତାରିଖ ବଦଳିଲା

**ନବରଙ୍ଗପୁର, ୧୫।୧୧ (ସମିସ):** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର ମଙ୍ଗଳ ବିଭାଗ ଦ୍ୱାରା ଜାରି କରାଯାଇଥିବା ଚିଠି ନଂ ଏଚଏଫଡବ୍ଲ୍ୟୁ-ସିଓଓଡି-ଏମଆଇଏସ-୦୦୧୪-୨୦୨୫, ୨୯୫୬୨/ଏଚ, ତାରିଖ ୦୯/୧୦/୨୦୨୫ ଅନୁଯାୟୀ ପ୍ରତ୍ୟେକ ନୂତନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଏକ ଦିବ୍ୟାଙ୍ଗ ପ୍ରମାଣପତ୍ର ବୋର୍ଡ ଗଠନ କରାଯିବ । ବିଭାଗୀୟଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ସିଡିଏମ୍/ପିଏଚ୍ଓଙ୍କୁ ମାସକୁ ଦୁଇଥର ଦ୍ୱିତୀୟ ଏବଂ ଚତୁର୍ଥ ଶୁକ୍ରବାର ଅକ୍ଷମତା ବୋର୍ଡ ପରିଚାଳନା ପାଇଁ ପ୍ରସ୍ତୁତିମୂଳକ ପଦକ୍ଷେପ ଆରମ୍ଭ କରିବେ । ଯଦି ଏହି ନିର୍ଦ୍ଦିଷ୍ଟ ଦିନ ଛୁଟିଦିନ ହୁଏ, ତେବେ ଆବେଦନକାରୀଙ୍କୁ ପୂର୍ବରୁ ସୂଚନା ଦେଇ ପୂର୍ବ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସରେ ବୋର୍ଡ ବୈଠକ ଡକାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ନବରଙ୍ଗପୁର ଜିଲ୍ଲାରେ ଏଥିପୂର୍ବରୁ ମାସର ୫ ତାରିଖ ଦିନ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ ଓ ୨୦ ତାରିଖ ଦିନ ଉମରକୋଟ ଡାକ୍ତରଖାନାରେ ଧାର୍ଯ୍ୟ କରାଯାଇଥିଲା ।

● ବାଲଡା ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଘଟଣା

## କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ନେଇ ୱାର୍ଡ ସଭ୍ୟ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କୋରାପୁଟ, ୧୫।୧୧(ସମିସ):** ବିଭିନ୍ନ ଅନିୟମିତତା ନେଇ ନନ୍ଦପୁର ବ୍ଲକ ବାଲଡା ସରପଞ୍ଚଙ୍କ ବିରୁଦ୍ଧରେ ୱାର୍ଡ ସଭ୍ୟ ସଭ୍ୟା କୋରାପୁଟ ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଅଭିଯୋଗ କରିଥିଲେ । ଏହା ମଧ୍ୟରେ ଦୀର୍ଘ ଦିନ ବିତି ଯାଇଥିଲେ ମଧ କୌଣସି ପଦକ୍ଷେପ ନିଆ ଯାଇ ନଥିବାରୁ ସନ୍ତୋଷ ପ୍ରକାଶ କରି ପଞ୍ଚାୟତ ପ୍ରତିନିଧି ବୃନ୍ଦ ଜିଲ୍ଲାପାଳଙ୍କ ନିକଟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି । ନାଏବ ସରପଞ୍ଚ ବୈଦେହି ଖିଲ, ୱାର୍ଡ ସଭ୍ୟା ରୁକ୍ମଣୀ ହନ୍ତାଲ, ଚକ୍ରଧର ଖରା, ଆଦୁ ଖିଲ ଏବଂ ଅନ୍ୟମାନେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସଭ୍ୟସଭ୍ୟା ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।



## ବେଆଇନ ଚର୍ଚ୍ଚ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ପାପଡ଼ାହାଣ୍ଡି, ୧୫।୧୧(ସମିସ):** ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ କଣ୍ଟାମାଳ ଗାଁରେ ଡଙ୍ଗର କିସମ ଜମିରେ ନୂତନ ଚର୍ଚ୍ଚ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଗ୍ରାମବାସୀଙ୍କୁ ସମର୍ଥନ ଜଣାଇଛି ହିନ୍ଦୁ ମହାସଂଘ । ଏହି ପରିପ୍ରେକ୍ଷୀରେ କଣ୍ଟାମାଳ ମାଁ ଠାକୁରାଣୀ ମନ୍ଦିରରେ ଗ୍ରାମବାସୀ ଏକତ୍ରିତ ହୋଇ ଆଲୋଚନା କରିଥିଲେ । ହିନ୍ଦୁ ମହାସଂଘ ସାମାଜିକ ଗଣମାଧ୍ୟମ କେନ୍ଦ୍ରୀୟ ସଂଯୋଜକ ଉମାକାନ୍ତ ବିଷୟୀ, କୈଳାଶ ଚନ୍ଦ୍ର ବିଷୋୟୀ, ଖଗପତି ସୁନା, ଚକ୍ରଧର ନାୟକ, ମୋତିରାମ ହରିଜନ, ବୁଲୁ ହରିଜନ, ହିନ୍ଦୁ ମହାସଂଘ ମୈଦଲପୁର ସାଧାରଣ ସମ୍ପାଦକ ବିନୋଦ ହରିଜନ, ମାନସିଂ ହରିଜନ, ସୁରେଶ ବିଷୋୟୀ, ବିଷ୍ଣୁ ବିଷୋୟୀ, ଗୋବବନ୍ଧୁ ବିଷୋୟୀ, ତ୍ରିନାଥ ଜାନି, ରନୁ ମାଝୀ, ହିନ୍ଦୁ ମହାସଂଘ କେନ୍ଦ୍ରୀୟ ସାମାଜିକ ଗଣମାଧ୍ୟମ ପ୍ରଭାରୀ ଗୋରା ହରିଜନ, ପାପଡ଼ାହାଣ୍ଡି ବ୍ଲକ ସମ୍ପାଦକ ଜୟ ସେନ ନାଗେଶ, ଲୁଦ୍ର ବିଷୋୟୀ, ଇଂନ୍ସ ବିଷୋୟୀ, ମକରନ୍ଦ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ହିନ୍ଦୁ ମହାସଂଘ ପ୍ରମୁଖ ସୂର୍ଯ୍ୟବଂଶୀ ଜୟନ୍ତ ସହ ବ୍ଲକର ଏକ ସ୍ୱତନ୍ତ୍ର ଟିମ୍ ପାପଡ଼ାହାଣ୍ଡି ତହସିଲଦାରଙ୍କୁ ଭେଟି ଏହି ସମସ୍ୟାର ସମାଧାନ ପାଇଁ ଦରଖାସ୍ତ ପ୍ରଦାନ କରିଛନ୍ତି । ସମ୍ବିଧାନ ଓ ଭାରତୀୟ ଆଇନ୍‌ର ଉଲ୍ଲଂଘନ କରୁଥିବା ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମୋହର ରୁ ଦାବି କରା ଯାଉଛି ।

## କୋରାପୁଟ ଜିଲ୍ଲା ଡମ ସମାଜର ବୈଠକ

**ସେମିଲିଗୁଡା, ୧୫।୧୧ (ସମିସ):** କୋରାପୁଟ ଜିଲ୍ଲା ଡମ ସମାଜର ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଆଜି ସେମିଲିଗୁଡା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ସଭାପତ ରାଜେନ୍ଦ୍ର ଧଡ଼କାଙ୍କ ନେତୃତ୍ୱରେ ନୂତନ ଜିଲ୍ଲା କାର୍ଯ୍ୟକାରୀ କମିଟି ଗଠନ କରାଗଲା । ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଉପସ୍ଥିତ ହୋଇ ସମାଜର ସଂଗଠନ, ଶିକ୍ଷା, ଏବଂ ସାମାଜିକ ଏକତା ବିଷୟରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ । ନିର୍ବାଚିତ ନୂତନ ଜିଲ୍ଲା କାର୍ଯ୍ୟକାରୀ କମିଟି କାର୍ଯ୍ୟକାରୀ ସଭାପତି ପଦଲାମ କୁଳଦୀପ, ଜିଲ୍ଲା ଉପ ସଭାପତି ନିରଞ୍ଜନ ଖିଲ, ଜିଲ୍ଲା ସାଧାରଣ ସମ୍ପାଦକ ସାଦେବ ବାଘ, ଯୁଗ୍ମ ସମ୍ପାଦକ ଦିଲ୍ଲୀପ ଖରା, ଜିଲ୍ଲା କଷାଧକ୍ଷ, ଡାନିଏଲ ଖରା ଆଇନ ଉପଦେଷ୍ଟା, ଆଡ଼ଭୋକେଟ ନୃପେନ୍ଦ୍ର ନାରାୟଣ ବାଘ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା ।

## ଆଦିବାସୀ ଅଧିକାର ମଞ୍ଚ ଓ ଓଡ଼ିଶା କୃଷକ ସଭା ଦାବିପତ୍ର ପ୍ରଦାନ

**ନବରଙ୍ଗପୁର, ୧୫।୧୧ (ସମିସ):** ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ନବରଙ୍ଗପୁର ଜିଲ୍ଲା ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ଓ ଓଡ଼ିଶା କୃଷକ ସଭା ପକ୍ଷରୁ ଏକ ୧୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ନବରଙ୍ଗପୁର ଜିଲ୍ଲା ସମ୍ପାଦକ ରାଜେଶ ଜାନି, ଜିଲ୍ଲା ସଭାପତି ନୁଆଖାଡ ଭତରା, ଜିଲ୍ଲା ସହ ସମ୍ପାଦକ ସାଲିମଧର୍ ଜାନି, ଯୁବ ସମାଜସେବୀ ଦୟାନିଧି ସୁନା, ମହନ ସାନ୍ତା, ଅଦୁ ଶାନ୍ତା, ରେଣ୍ଟୁ ଗୋଣ୍ଡ, ଅଲେଖ କୁଲଦୀପ, ମନ୍ତ୍ରୀ ସାନ୍ତା, ଅର୍ଜୁନ ସାନ୍ତା, ସୁକ୍ରୁ ହରିଜନ, ଗୁରୁନାଥ ସାନ୍ତା, ବିଡ଼ିଅ ସାନ୍ତା ପ୍ରମୁଖ ଙ୍କ ସମେତ ପ୍ରାୟ ୫୦୦ ଆଦିବାସୀ ଓ ପାରମ୍ପରିକ ବନବାସୀ ଯୋଗ ଦେଇଥିଲେ ।



## କଟାଗଲା ୨୨ ଏକର ଜମିର ଗଞ୍ଜେଇ ଗଛ

**କୋରାପୁଟ/ଲମତାପୁଟ, ୧୫।୧୧(ସମିସ):** ଅବକାରୀ ବିଭାଗ ଓ ପୁଲିସ୍ ଦ୍ୱାରା ମିଳିତ ଭାବେ ମାଛକୁଣ୍ଡ ଥାନା ହରଗଣ୍ଡା ଏବଂ ଖିଲାପୁଟ ଉପକଣ୍ଠ ଜଙ୍ଗଲରେ ୨୨ ଏକର ଜମିରେ ଲାଗିଥିବା ଗଞ୍ଜେଇ ଗଛ କଟା ଯାଇଥିବା ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ହରଗଣ୍ଡା ଓ ଖିଲାପୁଟ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ କରା ଯାଇଥିବା ସୂଚନା ପାଇ ଶନିବାର ପୂର୍ବାହ୍ନରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଚାଷ ଜମିରେ ଚଢଉ କରା ଯାଇଥିଲା । ମାଛକୁଣ୍ଡ ଥାନା ଅଧିକାରୀ ମଧୁସୂଦନ ଭୋଇ, ଇନସ୍ପେକ୍ଟର ଶୁକ୍ରା ମାଝୀ, ଡି ଏଫ ଏସ ଇନସ୍ପେକ୍ଟର ଚନ୍ଦ୍ର ଶେଖର ପଢ଼ିଆରି, ସବ ଇନ୍ସପେକ୍ଟର ରାଜୁ କ୍ଷିତି, ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକଙ୍କୁ ନେଇ ଗଠିତ ଟିମ୍ ଚଢ଼ଉ କରି ୨୨ ଏକର ଜମିରେ ଲାଗିଥିବା ପ୍ରାୟ ୨୬୪୦୦ ଗଞ୍ଜେଇ ଗଛ କଟା ଯାଇଥିଲା । ଚଢ଼ଉରେ ଆଇଆରବି ଓ ଏପିଆର୍ ଫୋର୍ସ ଓ ବନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ ।

## ତିନି କିଲୋମିଟର ପାହାଡ଼ ଚଢିଲେ ବିଡିଓ

**ନନ୍ଦାହାଣ୍ଡି, ୧୫।୧୧(ସମିସ):** ସରକାରୀ ଯୋଜନାକୁ ଦୁର୍ଗମ ଅଞ୍ଚଳର ହିତାଧିକାରୀଙ୍କ ନିକଟରେ ପହଞ୍ଚାଇ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ତିନୋଟି ପାହାଡ଼ ଚଢି ଚର୍ଚ୍ଚା ର ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ । ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଫୁଟଘର ଗାଁ । ଗାଁରେ ୫ଟି ପରିବାର ବସବାସ କରୁଥିବା ବେଳେ ତିନୋଟି ପାହାଡ଼ ଚଢି ଗାଁରେ ପହଞ୍ଚିବାକୁ ହୋଇଥାଏ । ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ନନ୍ଦାହାଣ୍ଡି ବ୍ଲକରେ କାର୍ଯ୍ୟଭାର ଗ୍ରହଣ କରିବାର ଅଳ୍ପ ଦିନ ପରେ ସେ ଫୁଟଘର ଗାଁକୁ ଯାଇ ଲୋକଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ । ଏବଂ ସମସ୍ତ ସମାଧାନ ପାଇଁ ପଦକ୍ଷେପ ନେଇ ପ୍ରତିଶ୍ରୁତି ପାଳନ କରିଥିଲେ । ବ୍ଲକର ସମସ୍ତ ବିଭାଗର ଅଧିକାରୀ ଙ୍କୁ ନେଇ ଫୁଟଘର ଗାଁ କୁ ପହଞ୍ଚିଥିଲେ । ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ବିଡ଼ିଓ ।



## ବିଧାୟକଙ୍କ ପ୍ରତିନିଧି ପରିଚୟ ଦେଇ ଠକେଇ ଅଭିଯୋଗ

**କୋରାପୁଟ, ୧୫।୧୧(ସମିସ):** ବିଧାୟକ ପାଣ୍ଠିରୁ ଠିକା କାମ ଯୋଗାଇ ଦେବାକୁ କହି ନିଜକୁ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ପରିଚୟ ଦେଇ ଜଣେ ନିରୀହ ଆଦିବାସୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ବେଳେ କାମ ନପାଇ ବର୍ତମାନ ଠକାମୀର ଶିକାର ହୋଇଥିବା ୪ ଜଣ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ନାରାୟଣପାଟଣା ବ୍ଲକରେ । ସୂଚନା ଅନୁଯାୟୀ ନାରାୟଣପାଟଣା ପଞ୍ଚାୟତ ଅଫିସ ସମ୍ମୁଖରେ ରହୁଥିବା ବୈଷ୍ଣବ ଚରଣ ହାଲୱା ନିଜକୁ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ବୋଲି ପରିଚୟ ଦେଇ ବିଧାୟକ ପାଣ୍ଠିରୁ ଠିକା କାମ ଯୋଗାଇ ଦେବାକୁ ୨୦୨୪ ଡିସେମ୍ବର ୨୩ ତାରିଖରେ ନାରାୟଣପାଟଣା ଥାନା ଚିନ୍ତାଗୁଡ଼ା ଗ୍ରାମର ନାରଣ କେନ୍ଦୃକାଙ୍କ ଠାରୁ ୫୦ ହଜାର, ଶୁକ୍ରା କେନ୍ଦୃକାଙ୍କ ଠାରୁ ୫୦ ହଜାର, କାଞ୍ଚନପାଡୁ ଗ୍ରାମର ରାଜୁ କେନ୍ଦୃକାଙ୍କ ଠାରୁ ୮୫ ହଜାର ଟଙ୍କା ଏବଂ ନାରୀଖିଲୁଆ ଗ୍ରାମର ଯୁମ୍ବେରା ମାଣ୍ଡିଙ୍ଗିଙ୍କ ନିକଟରୁ ୫୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ । ଟଙ୍କା ଦେବାର ଦୀର୍ଘ ଦିନ ପରେ ମଧ କୌଣସି କାମ ନମିଳିବା ଯୋଗୁଁ ସେମାନେ ଟଙ୍କା ଫେରସ୍ତ ମାଗିବାରୁ କେତେକ ମିଛ କାର୍ଯ୍ୟାଦେଶ ଦେଇ ଠକ ବୈଷ୍ଣବ ଚରଣ ହାଲୱା ଚେଷ୍ଟା କରିଥିଲେ । ଏହି କଥା ପ୍ରଘଟ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ସେମାନେ ଟଙ୍କା ଫେରି ପାଇବାକୁ ଆଶା ବାନ୍ଧି କୋରାପୁଟ ଆସି ଜଣଙ୍କ ସହାୟତାରେ ଅନଲାଇନ୍ ମାଧ୍ୟମରେ ପୁଲିସ ନିକଟରେ ଏତଲା ଦାୟର କରିଥିବା ନାରଣ କେନ୍ଦୃକା ଓ ରାଜୁ କେନ୍ଦୁକା ପ୍ରକାଶ କରିଛନ୍ତି ।

# ବିଭିନ୍ନ ସ୍ଥାନରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ

ନନ୍ଦପୁର, ୧୫।୧୧(ସମିସ)

ଦୀର୍ଘ ମାସର ବ୍ୟବଧାନ ପରେ ନାଗେଶ୍ୱରି ପାହାଡ଼ ପାଦା ଦେଶରେ ଶୁଳ୍କ ଆଦାୟ ଫାଟକ ସ୍ଥାପନ କରାଯାଇଛି । ଗତ ଏକ ବର୍ଷ ପାଖାପାଖି ହେବ ପାହାଡ଼ ଉପରକୁ ଯିବା ପାଇଁ ପର୍ଯ୍ୟଟକଙ୍କ ଠାରୁ ପ୍ରବେଶ ଶୁଳ୍କ ଆଦାୟ ବନ୍ଦ ରହିଥିଲା । ଶନିବାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ମହାମେଳି ଦେଖିବାକୁ ମିଳିଛି । ପୁଣି ପ୍ରବେଶ ଦ୍ୱାରରେ ପ୍ରବେଶ ଫାଟକ ସ୍ଥାପନ କରାଯାଇଛି । ଏହି ଅବସରରେ ଅଜୟ ମୁଦୁଲି ଜଙ୍ଗଲ ଜମିର ସୁରକ୍ଷା, ଗ୍ରାମ ସଭାର ଅଧିକାର, ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଭାଷଣ ରଖିଥିଲେ । ଏହି ଅବସରରେ ପାଞ୍ଚଟି ଗ୍ରାମ ସଭାର ଉପସ୍ଥିତ ଜନ ସାଧାରଣ ଯୋଗ ଦେଇ ପାହାଡ଼ ଉପର କୁ ଯିବା ପାଇଁ ଦୈନିକ ଆସିଥିବା ପର୍ଯ୍ୟଟକ ଙ୍କ ଯାନବାହାନ ଉପରେ ଶୁଳ୍କ ଆଦାୟ ନିମନ୍ତେ ଆଲୋଚନା ହେବା ସହ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି । ପାହାଡ଼ ଉପରେ ଯିବା ଲାଗି ସୋମବାର ଠାରୁ ପ୍ରବେଶ ଫାଟକରେ ନିର୍ଦ୍ଧାରିତ ଶୁଳ୍କ ଆଦାୟ କରାଯିବ ।ଏଥିପାଇଁ ଗଠିତ କମିଟିରେ ସଭାପତି ମଧୁସୂଦନ ଧାଡ଼ିଆ, ଉପ ସଭାପତି ଦୈତାରି ସୀସା, ସମ୍ପାଦକ ବିଜୟ ମୁଦୁଲି, ସହ ସମ୍ପାଦକ ରାଜେନ୍ଦ୍ର ଖରା, କୋଷାଧକ୍ଷ ଲବ ଖିଲ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସହଯୋଗ କରିବା ପାଇଁ କାମେସ କର୍ତ୍ତୁଲ, ଓ ମଧୁସୂଦନ ଦୋରାଙ୍କୁ ମନୋନୀତ କରାଯାଇଛି ।

**କୋରାପୁଟ:** ସ୍ଥାନୀୟ ପୁଲିସ ପ୍ୟାରେଡ ପଡ଼ିଆ ଠାରେ ବିର୍ସାମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସ୍ଥାନୀୟ ପୁଲିସ ବେରେକ ଠାରୁ ଖଣ୍ଡିୟ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ ଏବଂ ଡିନକେ କଲୋନୀ ସ୍ଥିତ ପାଠାଗାରକୁ ଭଗବାନ ବିର୍ସାମୁଣ୍ଡାଙ୍କ ନାମରେ ନାମିତ କରାଗଲା ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି । ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଲ୍ଲାର କୁନ୍ଦୁରା ବ୍ଲକ ସ୍ଥିତ ରାଣୀଗୁଡା ଠାରେ ଓ ବନ୍ଧୁଗାଁ ସ୍ଥିତ ଆଲମଣ୍ଡାଠାରେ ଏକଲବ୍ୟ ଆବାସିକ ବିଦ୍ୟାଳୟର ଶୁଭ ଉଦଘାଟନ ତଥା ଭିତ୍ତିପ୍ରସ୍ତର ଶିଳାନ୍ୟାସ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପୌର ପରିଷଦର ଅଧକ୍ଷ ଲଲାଟ ରଞ୍ଜନ ସେଠି, ସମ୍ମନିତ ଆଦିବାସୀ ଉନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



**ରାୟଗଡ଼ା:** ରାୟଗଡ଼ା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ରାୟଗଡ଼ା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ତଥାେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । ଏଥିରେ ଓଡିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସ୍ୱାଗତ ସମ୍ଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ରାୟଗଡ଼ା ଆଇଟିଡିଏ ଚନ୍ଦ୍ର କାନ୍ତ ମାଝୀ, ଆଇଟିଡିଏ ଗୁଣପୁର ଅଜୟ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ରାୟଗଡ଼ା ଜିଲ୍ଲାର କଳା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରତିପାଦନ କରିଥିବା ଛଅଜଣ ଯୁବ ପ୍ରତିଭାଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା । ରାୟଗଡ଼ାର ବିଭିନ୍ନ ଜନଜାତ ସମ୍ପ୍ରଦାୟର କଳାକାରମାନେ ରଙ୍ଗାରଙ୍ଗ ଲୋକନୃତ୍ୟ ପରିବେଷଣ କରି ଅତିଥି ତଥା ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଜିଲ୍ଲା ମଂଗଳ ଅଧିକାରୀ ଶ୍ରୀମତୀ ଅସୀମା ରାଓ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଶ୍ରୀଧର ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।



**କୋଷଗୁମୁଡା:** ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଦିନକୁ ଆଜି ସରକାର ଜନ ଜାତି ଦିବସ ରୂପେ ପାଳନ କରୁଥୁବା ବେଳେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କୁରୁପା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଏହି ଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭରଚୁଆଲ ମାଧ୍ୟମରେ ନୂତନ ଭାବେ ନିର୍ମିତ ଉକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଲୋକାର୍ପିତ କରିଥିଲେ । ନବରଙ୍ଗପୁର ଜିଲ୍ଲାପାଳ ଡ଼ ମାହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ସମ୍ମାନିତ ଅତିଥିଭାବେ ରାଜ୍ୟସଭା ସାଂସଦ ଜନାବ ମୁଜିବୁଲା ଖାନ, ଡାବୁଗାଁ ବିଧାୟକ ମନହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଉପସ୍ଥିତ ଥିଲେ ।

**ଜୟପୁର :** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶାରଦା ବିହାର, ଜୟପୁରଠାରେ ବାଲ୍ ଭାରତୀ ଏବଂ କନ୍ୟା ଭାରତୀ ଶିବିର, ଷଷ୍ଠ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏକ ସହଭୋଜ କାର୍ଯ୍ୟକ୍ରମ ଏବଂ ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ।। ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଯନ୍ତ୍ରୀ କେଦାର ନାଥ ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅନ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିଶୋର ଚନ୍ଦ୍ର ପଣ୍ଡା ଏବଂ ଯୁଗ୍ମ ସମ୍ପାଦକ ତପନ୍ କିରଣ ତ୍ରିପାଠୀ, ପୂର୍ବତନ ପରିଚାଳନା ସମିତିର ଉପସଭାପତି ଡଃ ମନୋରଞ୍ଜନ ପ୍ରଧାନ, ପୂର୍ବତନ ସମ୍ପାଦକ ପଙ୍କଜ କୁମାର ପାତ୍ର ଏବଂ ଅବସରପ୍ରାପ୍ତ ଶିକ୍ଷକ ରାଧା ମୋହନ ପଣ୍ଡା ଉପସ୍ଥିତ ଥିଲେ ।। ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡା ବାଲ ଶିବିର ଓ କନ୍ୟା ଶିବିରରେ ଶିଶୁଙ୍କ ଜୀବନ ଚରିତ ବିଷୟରେ ସମ୍ୟକ ସୂଚନା ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ ଦେଶୀ ମଦ ଜବତ

**ଜୟପୁର, ୧୫ ।୧୧(ସମିସ):** ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଜୟପୁର ସଦରଥାନାର ଟାଙ୍କୁଆ ଗ୍ରାମପଞ୍ଚାୟତର ପଦ୍ମପୁର ଗ୍ରାମ ନିକଟରେ ଏକ ବାଇକରେ ବେଆଇନ ଭାବେ ୧୨ ଲିଟର ଦେଶୀ ମଦ ଚାଲାଣ ବେଳେ ଜବତ କରାଯାଇଛି । ଏହି ମାମଲାରେ ଡିମଳା ଗ୍ରାମର ଅଭିଯୁକ୍ତ ଈଶ୍ୱର ହରିଜନ (୨୭)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏକ ବାଇକ ଯୋଗେ ଗାଡି ଟ୍ୟୁବରେ ମଦ ଚାଲାଣ କରାଉଥିବା ବେଳେ ଜବତ କରାଯାଇଥିବା ନେଇ ଅବକାରୀ ଥାନା ଅଧିକାରୀ ସୁବ୍ରତ କିଶୋରୀ ହିରନଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ବିଷମ କଟକ, ୧୫।୧୧(ସମିସ): ଜନଜାତୀୟ ଗୌରବ ଦିବସ ତଥା ଭଗବାନ ବିର୍ଷାମୁଣ୍ଡାଙ୍କ ଜନ୍ମଜୟନ୍ତୀ ଅବସରରେ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କାଙ୍କୁବାଡ଼ି ପଞ୍ଚାୟତ ଅଧିନରେ ଥିବା ବୋରିଖାଲଠାରେ ଏକଲବ୍ୟ ମେଡଲ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗୁଜୁରାଟରୁ ଭର୍ଚୁଆଲ୍ ମାଧ୍ୟମରେ ବୋରିଖାଲଠାରେ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମଞ୍ଚାସୀନ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, କାଙ୍କୁବାଡ଼ି ସରପଞ୍ଚ ଦୟା କୁଲୁସିକା ଯୋଗ ଦେଇଥିଲେ। ଏହି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ୧୫ ଏକର ପରିସୀମାରେ ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ କେନ୍ଦ୍ର ସରକାର ୪୦ କୋଟି ଟଙ୍କା ଅନୁଦାନ ରାଶି ମଞ୍ଜୁରୀ କରିଛନ୍ତି। ବିଦ୍ୟାଳୟରେ ମୋଟ ୫୦୦ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉନ୍ନତ ମାନର ପାଠ ପଢ଼ିବାର ସୁଯୋଗ ପାଇବେ। କାର୍ଯ୍ୟକ୍ରମରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ, ସିପିଡବ୍ଲୁଡ଼ି ବିଭାଗର ସହକାରୀ ଯନ୍ତ୍ରୀ ଲୋପାମୁଦ୍ରା ମହାପାତ୍ର, ମିଶନ ଶକ୍ତିର ବିପିଏମ୍ ମାନସୀ ଟାକ୍ରି ଓ ଏମ୍‌ବିକେ ଓ ସିଆରପି ମାନେ ଉପସ୍ଥିତ ରହିଥିଲେ। ଏହି ଅଭାସି କାର୍ଯ୍ୟକ୍ରମକୁ ବ୍ଲକ ମଙ୍ଗଳ ଅଧିକାରୀ ଶୁଭପ୍ରଦା ସାସମଲ ପରିଚାଳନା କରିଥିଲେ।



# ଶୀତରେ ଥରୁଛି ମାଲକାନଗିରି

ମାଲକାନଗିରି, ୧୫।୧୧(ସମିସ)

ଚଳିତ ବର୍ଷ ଶୀତ ଋତୁର ବେଶ ପ୍ରଭାବ ମାଲକାନଗିରିରେ ଦେଖିବାକୁ ମିଳିଛି। ଶୀତ ଆରମ୍ଭରୁ ଜିଲ୍ଲାରେ ସନ୍ଧ୍ୟା ହେଲେ ଥଣ୍ଡାର ପ୍ରଭାବ ବଢ଼ିବା ସହ ଶୀତ ପ୍ରକୋପରୁ ରକ୍ଷା ପାଇଁ ନିଆଁ ଜାଳି ବସୁଛନ୍ତି ଗାଁ ଗହଳି ଓ ସହରର ଲୋକେ। ପାରଦ ୧୫ ଡିଗ୍ରୀକୁ ଖସିଛି। ଚାରି ଦିନ ହେଲା ସମଗ୍ର ମାଲକାନଗିରି ଜିଲ୍ଲାରେ ପ୍ରଥମ ଶୀତ ସହିତ କୁହୁଡି ଦେଖାଦେଇଛି। ଆଜି ଭୋରରୁ ମାଲକାନଗିରି ସହରର ରାସ୍ତାଘାଟ ପ୍ରାୟ ଶୂନ୍‌ଶାନ ଦେଖା ଦେଇଥିଲା। ଭୀଷଣ ଥଣ୍ଡା, ହାତ ଗୋଡ ହେମାଳ ହୋଇ କାଲୁଆ ମାରି ଦେଉଥିବାରୁ ଗ୍ରାମବାସୀ ଓ ଛୋଟ ଛୋଟ ପିଲାମାନେ କାଠ ଗଣ୍ଡିରେ ନିଆଁ ଲଗାଇ ତାର ଚାରି ପଟେ ଘେରି ନିଆଁ ପୋଉଁ ଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲାରେ ଏହି ସମୟରେ ୩୦ରୁ ୩୨ଡିଗ୍ରୀ ତାପମାତ୍ରା ରହିଥାଏ। ଜିଲ୍ଲାବସୀ ଦିନବେଳା କେବେ ବି ସାଲ କିମ୍ବା ଜ୍ୟାକେଟ ପିନ୍ଧି ନଥାନ୍ତି। ଆଜି ଭୋରରୁ ତାପମାତ୍ରା ୧୫ ଡିଗ୍ରୀକୁ ଖସି ଆସିଥିବାରୁ ପରିସ୍ଥିତ ସଙ୍ଗୀନ ହୋଇ ପଡ଼ିଥିଲା।



ଜିଲ୍ଲାବାସୀ ଦିନତମାମ ଜ୍ୟାକେଟ ପିନ୍ଧି ସାଲ ଘୋଡେଇ ହୋଇ ନିଜ ନିଜ କାମକରୁଥିବାର ଦେଖିବାକୁ ମିଳିଥିଲା। ଦୋକାନ୍ ବଜାର ଗୁଡିକ ଶୀତ ଯୋଗୁଁ ଦିନ ୯ଟା ପରେ ଖୋଲିଥିଲା। ଚଳିତ ବର୍ଷ ଜିଲ୍ଲାରେ ଶୀତ ଆରମ୍ଭ ହୋଇ ଯାଇଥିଲେ ବି ଗରିବ ଆଦିବାସୀ ଲୋକମାନଙ୍କର ଶୀତବସ୍ତ୍ର ନଥିବାରୁ ଶୀତ ଦାଉରୁ ରକ୍ଷାପାଇବା ପାଇଁ ସେମାନେ ଘର ଆଗରେ ବଡ଼ ବଡ଼ କାଠଗଣ୍ଡି ଜାଳି ନିଆଁ ଚାରି ପାଖରେ ବସି ନିଜଦେହକୁ ସେକି ହେଉଥିବାର ଦେଖିବାକୁ ମିଳିଛି। ଗରିବ ଲୋକଙ୍କ କମ୍ବଳ ପାଲଟିଛି କାଠ ନିଆଁ, ଜିଲ୍ଲାପ୍ରଶାସନ ପକ୍ଷରୁ ଗରିବ ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ ପାଇଁ ଦାବି

## ନିଆଁ ଜାଳି ବସୁଛନ୍ତି ଲୋକେ

ହେଉଛି। ଶୀତର ଲହରୀ ଦେଖା ଦେଇଥିବାରୁ ବିଭିନ୍ନ ସ୍ଥାନରେ ବ୍ୟବସାୟୀ ମାନେ ଶୀତବସ୍ତ୍ର ବିକ୍ରୀର ପସରା ମେଲି ଦେଇଛନ୍ତି। ବିଶେଷ କରି ସୁଦୂର ଉତ୍ତରପ୍ରଦେଶ, ରାଇପୁରରୁ ଟ୍ରକବୋଝେଇ ଶୀତବସ୍ତ୍ର ଧରି ବ୍ୟବସାୟୀ ମାନେ ମାଲକାନଗିରିରେ ପହଞ୍ଚି ଜ୍ୟାକେଟ, ସାଲ, କମ୍ବଳ, ସୁଇଟର, ମଫଲର, ଟୋପି ଆଦି ଶୀତବସ୍ତ୍ର ବିକ୍ରି ଆରମ୍ଭ କରି ଦେଇଛନ୍ତି। ଗ୍ରାହକ ମାନେ ନିଜ ନିଜ ମନ ପସନ୍ଦର ଶୀତବସ୍ତ୍ର କିଣିବା ପାଇଁ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି।

# ସାଇବର ସୁରକ୍ଷା ସଚେତନତା ଶିବିର



କାଶୀପୁର, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ମାଇକଞ୍ଚ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଣ୍ଡିରାକଞ୍ଚ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଣ୍ଡିରାକଞ୍ଚ ଥାନା ଅଧିକାରୀ ବିଦ୍ଯୁଲତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସଆଇ ଅରୁଣ କୁମାର ପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ମୋବାଇଲ ଦ୍ଵାରା ସାଇବର ଠକେଇ ବୃଦ୍ଧି ହେଉଥିବା ବେଳେ ଅଜଣା ଫୋନ୍ କଲକୁ ଗ୍ରହଣ ନ କରିବା, ହ୍ୱାଟ୍ସଆପ୍‌କୁ ଆସୁଥିବା ଅଜଣା ଲିଙ୍କକୁ ନ ଖୋଲିବା, ଏଟିଏମ୍ କାର୍ଡ ନଂ ଆଦି ଅଜଣା ବ୍ୟକ୍ତିଙ୍କୁ ନ ଦେବା ଏବଂ ବିଶେଷ କରି ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ କାହାକୁ ନ ଦେବାକୁ ପୋଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ଵାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ନାଚଗୀତ ମାଧ୍ୟମରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଅଣ୍ଡିରାକଞ୍ଚ ଥାନା କର୍ମଚାରୀଙ୍କ ସହଯୋଗରେ ପରିଚାଳନା କରାଯାଇଥିଲା।

# ସରସ୍ଵତୀ ଶିଶୁ ମନ୍ଦିରରେ ଯୋଗ ଶିବିର

ପଦ୍ମପୁର, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସରସ୍ଵତୀ ଶିଶୁ ମନ୍ଦିର, ଶାରଦା ବିହାର ଠାରେ ଗତ ୧୨ ଠାରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଶିଶୁ ମନ୍ଦିରର ରଜତ ଜୟନ୍ତୀ ପାଇଁ ସାପ୍ତାହିକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି।। ଉଦ୍‌ଘାଟନ ଅବସରରେ ବ୍ରହ୍ମଚାରୀ ରାଜେଶ ଜୀ ଓ ତାଙ୍କ ସହ ଗୀତା ସାର ଧର୍ମପ୍ରଚାରକ ସ୍ଵାମୀ ତନ୍ମୟା ନନ୍ଦ ସରସ୍ଵତୀ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଟୁନି ମହାଙ୍କୁଡ଼ ପତଞ୍ଜାଲି ମହିଳା ଜିଲ୍ଲା ପ୍ରଭାରୀ ରାୟଗଡ଼ାଙ୍କ ଉପସ୍ଥିତରେ ମହିଳା ମାନଙ୍କୁ ନେଇ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଅଭିଭାବକ, ଗ୍ରାମବାସୀ ଏହି ଶିବିରରେ ଅଂଶ ଗ୍ରହଣ କରିଥିଲେ।



# ପାଳକ କିଶୋର କୁମାର ଦଳପତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ନନ୍ଦପୁର, ୧୫।୧୧ (ସମିସ): ନନ୍ଦପୁର ପୂର୍ବତନ ବ୍ଲକ ଆଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳଙ୍କ ସ୍ଵାମୀ ତଥା ବିଜେଡି ନେତା ମୁନା ଦଳପତିଙ୍କ ପିତା କିଶୋର କୁମାର ଦଳପତିଙ୍କ ଦ୍ଵାଦଶାହ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀ, ବିଶିଷ୍ଟ ନେତା ରମାକାନ୍ତ ରାଉଳ, ପଟାଙ୍ଗି ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର କୁମାର ପାଙ୍ଗି, ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା, କଂଗ୍ରେସ ଜିଲ୍ଲା ସଭାପତି ରୂପକ ତୁରୁକ୍, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଜୟରାମ ଭୋଇ, ଶେଖ୍ ନୂର୍, ଶେଖ୍ ମହମ୍ମଦ, ମୁନା ପଣ୍ଡା, କାମେସ କାର୍ତ୍ତୁଲ, ସତୀଶ ଚୌଧୁରୀ, ବୁଟି ଶୁକ୍ରି, ବିପିନ ମହାନ୍ତି, ସମାଜସେବୀ ଆକାଶ ଖିଲ ବିଧାୟକ ପ୍ରତିନିଧି କାମେସ କାମୁଡି, ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସମିତି ସଭ୍ୟ ଜଗନ୍ନାଥ ହନ୍ତାଲ୍, ବନମାଳୀ ପୁଟ ସରପଞ୍ଚ ଗୋରା ଯାନି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁଙ୍କ ସମେତ ଲମତାପୁଟ ବ୍ଲକ, କୋରାପୁଟ ଓ ନନ୍ଦପୁର ବ୍ଲକରୁ ବହୁ ଜନ ସାଧାରଣ ନନ୍ଦପୁର ସ୍ଥିତ ବାସ ଭବନରେ ପହଞ୍ଚି ସ୍ଵର୍ଗତ କିଶୋର ଦଳପତିଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।



## ଇତିହାସ ଅଧ୍ୟାପକଙ୍କ ମନମୁଖି କାର୍ଯ୍ୟ

# ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଛାତ୍ରଛାତ୍ରୀଙ୍କ ଦାବିପତ୍ର ପ୍ରଦାନ

ରାମନାଗୁଡ଼ା, ୧୫।୧୧(ସମିସ): ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା, ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ରାୟଗଡ଼ା ଜିଲ୍ଲା ଓ ଗଜପତି ଜିଲ୍ଲା ଦୁଇଦିନିଆ ଗସ୍ତ ସମୟରେ ଗୁଣୁପୁର ଠାରୁ ପଦଯାତ୍ରା ସାରି ରାୟଗଡ଼ା ଯିବା ସମୟରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହାକୁମରେ ସ୍ଥାନୀୟ ଭାଜପା ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ରାମନାଗୁଡ଼ାରେ ଥିବା ସରକାରୀ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୁଖ୍ୟ ବଜାରରେ ମନ୍ତ୍ରୀଙ୍କ ସହିତ ଉକ୍ତ ପ୍ରିନ୍ସପାଲ ଏବଂ ଅଧ୍ୟାପକଙ୍କ ବିଷୟରେ ଆଲୋଚନା କରିବା ସହ ସେମାନଙ୍କ ବଦଳି ଦାବି କରିଥିଲେ।



ସୂଚନା ଥାଉକି, ରାୟଗଡ଼ା ଜିଲ୍ଲା ରମନାଗୁଡ଼ା ସ୍ନାତକ ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ଅଧ୍ୟାପକ ବାଦଲ କୁମାର ପରିଡ଼ାଙ୍କ ମନମୁଖୀ କାର୍ଯ୍ୟ ପାଇଁ ମହାବିଦ୍ୟାଳୟର ସ୍ନାତକ ପ୍ରଥମ ଏବଂ ଦ୍ଵିତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ତାଲା ପକାଇ ଆନ୍ଦୋଳନ କରି ଏମାନଙ୍କ ବଦଳି ଦାବି କରିଥିଲେ। ଶିକ୍ଷା ବର୍ଷ ଆରମ୍ଭରୁ ଏଠାରେ ପ୍ରିନ୍‌ସିପାଲଙ୍କ ଦେଖା ମିଳୁ ନଥିବା ବେଳେ ମହାବିଦ୍ୟାଳୟରେ ଅଧ୍ୟାପକମାନେ ଦାୟିତ୍ଵ ନେଇଥିବା ବିଭିନ୍ନ ସମୟରେ ଅଧ୍ୟାପକ ବାଦଲ କୁମାର ପରିଡ଼ାଙ୍କ ନାମରେ ଅଭିଯୋଗ ହୋଇଥିଲା। ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭିଯୋଗ କରି ଚଳିତ ମାସ ୧୦ ତାରିଖ ଦିନ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରାୟ ଚାରି ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ସହିତ ଉଚ୍ଚ ଶିକ୍ଷା ବିଭାଗର ଜୟପୁର ସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶକ ଗୋପାଳ ହଲଦା ଫୋନ ଯୋଗେ କଥାବାର୍ତ୍ତା କରି ଦିନେ ଦୁଇ ଦିନ ମଧ୍ୟରେ ମହାବିଦ୍ୟାଳୟରେ ପହଞ୍ଚି ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଫାଟକରୁ ତାଲା ଖୋଲିଥିଲା। ତେବେ ଆଜିକୁ ପାଞ୍ଚ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ପ୍ରକାର ଅଧ୍ୟାପକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଛାତ୍ରଛାତ୍ରୀ ମାନେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଭାଜପା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ସାଂସଦ ପ୍ରାର୍ଥୀ କାଳିରମ ମାଝୀ, ପୂର୍ବତନ ଜିଲ୍ଲା ସଭାପତି ଶିବ ଶଙ୍କର ଉଲ୍ଲକା, ପୂର୍ବତନ ଯୁବ ଭାଜପା ସଭାପତି ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାମନାଗୁଡ଼ା ଭାଜପା ଶକ୍ତି ପ୍ରସାଦ ପାତ୍ର, ସଞ୍ଜୀବ କୁମାର ଦାଶ, ସୁଧୀର ମିଶାଲ, ଜଗଦୀଶ ପାତ୍ର, ଶିବ ଶଙ୍କର ନିମାଲାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ

ଗୁଣପୁର, ୧୫।୧୧ (ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଗୁଣପୁର ମହାବିଦ୍ୟାୟଠାରୁ ଏକ ଏକତା ପଦଯାତ୍ରା ଆରମ୍ଭ ହୋଇ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରେ ଏକ ଯାତ୍ରା ଶେଷ ହୋଇଥିଲା। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକତା ଯାତ୍ରାର ଶୁଭାରମ୍ଭ କରିଥିଲେ। ବାଇ ପାସଛକ, ହଳଦିଆ ନାଳଛକ, ସରକାରୀ ବାଳୀକା ଉଚ୍ଚ ବିଦ୍ୟାଳୟ ଛକଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶୋଭାଯାତ୍ରାକୁ ସ୍ଵାଗତ କରାଯାଇଥିଲା। ଶେଷରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରେରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦୀଲିପ, ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଗୁଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଝିଲି ଶବର, ଗୁଣପୁର ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଗୁଣପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଣପୁର ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମନ୍ତ୍ରୀ ଗୁଣପୁର ଇନଡୋର ଷ୍ଟାଡିୟମ, ମିନି ଷାଡିୟମ ପରିଦର୍ଶନ କରି ସରସ୍ଵତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ପରେ ବିକ୍ରମପୁର ଛକ ସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଠାରେ ଆରମ୍ଭ ହୋଇଥିବା ମିଶନଶକ୍ତି କାଫେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଶେକ ଅଲିନୂର୍, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ସମନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ତହସିଲଦାର ଗୟା ଡମ୍ବରୁଧର ବେହେରା, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଗୁଣପୁର ମହାବିଦ୍ୟାଳୟ ଅଧ୍ୟକ୍ଷ, ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ମହାନ୍ତି, ଥାୟାରାମ୍ମା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁସ୍ମିତା ବାଉରୀ ଏବଂ ସରୋଜ ସିୟା ପ୍ରମୁଖ ଉପସ୍ଥିତ ଥିଲେ।



# ଭତ୍ତା ଓ ଆବାସରୁ ବଞ୍ଚିତ ଗୁରୁବାରୀ

ପୋଡ଼ାଗଡ଼, ୧୫।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତ ଅଧୀନସ୍ଥ ଭିଲାପୁଟ ଗାଁର ଜଣେ ଅସହାୟ ବିଧବା ମହିଳା ଭତ୍ତା ଓ ଆବାସ ଘର ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ହେଲେ, ସ୍ଵର୍ଗତ ସୋମନାଥ ହନ୍ତାଳଙ୍କ ସ୍ତ୍ରୀ ଗୁରୁବାରୀ ହନ୍ତାଳ (୫୫)। ମହିଳାଙ୍କ ଅଭିଯୋଗ ପ୍ରକାରେ, ସ୍ଵାମୀ ଓ ତିନି ପୁଅକୁ ନେଇ ତାଙ୍କର ସଂସାର। ଗତ ୨୦୨୧ ମସିହାରେ ତାଙ୍କ ସ୍ଵାମୀଙ୍କ ମୃତ୍ୟୁ ପରେ ଦୁଇ ମଧ୍ୟରୁ ବଡ ପୁଅ ବିବାହ କରି ଅଲଗା ଘର ସଂସାର କରି ରହୁଛନ୍ତି। ବର୍ତ୍ତମାନ ସେ ସାନ ପୁଅ ଗୋବିନ୍ଦଙ୍କ ସହ କୁଲି ବୃତ୍ତି କରି କଷ୍ଟେ ମଷ୍ଟେ ଚଳୁଛନ୍ତି। ସରକାରୀ ସହାୟତା କହିଲେ ମା' ପୁଅର ମିଶି ୧୦ କେଜି ଚାଉଳ ମିଳୁଛି। ଆଉ ଅନ୍ୟ କୌଣସି ସୁବିଧା ନାହିଁ। ଯାହା ଫଳରେ ଚଳିବା କଷ୍ଟକର ହେଉଥିବା ଗୁରୁବାରୀ କହିଛନ୍ତି। ମାଟି କାନ୍ଥ ଉପରେ କେଇଟା ଟାଇଲ ପକାଇ ଖରା ବର୍ଷାରେ ମୁଣ୍ଡ ଗୁଞ୍ଜିଛନ୍ତି। ବାରମ୍ବାର ସରକାରଙ୍କ ଆବାସ ଗୃହ ଓ ବିଧବା ଭତ୍ତା ପାଇଁ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡୁଥିଲେ ସୁଦ୍ଧା ତାଙ୍କ ଗୁହାରୀକୁ କେହି କର୍ଣ୍ଣପାତ କରୁ ନଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ଵାମୀ ମୃତ ହୋଇଥିବା ପ୍ରମାଣ ପତ୍ର ସହ ଆବଶ୍ୟକ କାଗଜପତ୍ର ସହ ଭତ୍ତା ଫର୍ମ ପୂରଣ କରି ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରି ଆସୁଛନ୍ତି। ତଥାପି କୌଣସି ସୁଫଳ ମିଳୁନାହିଁ ବୋଲି ମହିଳା ପ୍ରକାଶ କରିଛନ୍ତି।



# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ କାର୍ଯ୍ୟକ୍ରମ



ଚନ୍ଦ୍ରପୁର, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବୁଡୁବାଲିଗ୍ରାମ ପଞ୍ଚାୟତ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟ ଠାରେ ପେରେଣ୍ଟ ପାଟନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜୁ ପାଲଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଭୀମ ଗୋଗେରେଙ୍ଗା, ମୁଖ୍ୟ ବକ୍ତା ଭାବେ ଉମାକାନ୍ତ ମିସାଲ, ସମ୍ମାନିତ ଅତିଥି ରୂପେ ସିଆରସି ଅଶୋକ କୁମାର ଘଡେଇ, ସ୍କୁଲ ଏସଏମ୍‌ସି ସଭାପତି ବିଶ୍ଵନାଥ ପ୍ରଟିଙ୍ଗା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା, ଏସ୍‌ଏମ୍‌ସି ଉପ ସଭାପତି ତାରା ସମ୍ଭୁରୁ ଟୀକା, ୱାର୍ଡ ମେମ୍ବର ମିଲକି ପ୍ରଟିଙ୍ଗା, ଗଣମାଧ୍ୟମ ପ୍ରତିନିଧି ବିଜୟ ଉଲାକା, ହାଡ଼ିପା ଗୌଡ଼ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରାଜୁ ପାଲ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ରାୟଗଡ଼ା ଜିଲ୍ଲା ସ୍ତରୀୟ ସୁରଭୀରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଛାତ୍ରୀ ମାନଙ୍କୁ ମାନ ପତ୍ର ସହ ଟ୍ରାଫିକ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ଜଗନ୍ନାଥ ବାଗ। ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷକ ଶ୍ରୀପତି ହାଡ଼ରଙ୍ଗା, ସଭା ସାଙ୍ଗ କରିଥିଲେ ପ୍ରଧାନ ଶିକ୍ଷକ ରାଜୁ ପାଳ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କାଶୀପୁର, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସଦର ମହକୁମା ସ୍ଥିତ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା କାଶୀପୁର ଗୋଷ୍ଠୀଉନ୍ନୟନ ଅଧିକାରୀ ବିଜୟ କୁମାର ସୋଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ଜିଲ୍ଲାପରିସଦ ଅଧ୍ୟକ୍ଷା ସରସ୍ଵତୀ ମାଝୀ, ସମ୍ମାନିତ ଅତିଥିଭାବେ କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ, ଉପାଧ୍ୟକ୍ଷ କୁନି କୁମାରୀ ନାଏକ, ରାୟଗଡ଼ା ବିଧାୟକଙ୍କ ପ୍ରତିନିଧି ଭିବେ ଝିଙ୍ଗୁରୁ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜିଲ୍ଲା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମୃଣ୍ମୟ କୁମାର ପଣ୍ଡା ଯୋଗଦେଇ ମେଳାର ଉଦେଶ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ସଚେତନତା ନିମନ୍ତେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା। ଅତିଥିମାନେ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ବିଭାଗୀୟ ଅଧିକାରୀ ମାନେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କାଶୀପୁର କୃଷି ଅଧିକାରୀ ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

# କାଠପୋଲ ନିର୍ମାଣ କଲେ ସାଜା ଗ୍ରାମବାସୀ

କଲ୍ୟାଣସିଂହପୁର, ୧୫।୧୧(ସମିସ)

ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିକାଶ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ଲୋକେ କାଠପୋଲ ନିର୍ମାଣ କରିବାର ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଛି। ଏ ଦୃଶ୍ୟ ହେଉଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ସାଜା ଗ୍ରାମରେ। ପ୍ରତ୍ୟେକ ବର୍ଷ ନଭେମ୍ବରରୁ ଡିସେମ୍ବର ମାସ ଭିତରେ ଗ୍ରାମବାସୀ ଏକତ୍ରିତ ହୋଇ ଚାନ୍ଦାଆଦାୟ କରି କାଠ ପୋଲ ନିର୍ମାଣ କରନ୍ତି। ଜୁନ ମାସ ଆସିଲେ ଯେମିତିକୁ ସେମିତି ହୋଇ ଯାଏ। ବର୍ଷା ହେଲେ ନାଗାବଳୀ ନଦୀର ପାଣି ବଢ଼ିଯାଏ, ପାଣି ବଢ଼ିଲେ ପୋଲକୁ ନଦୀ ପାଣି ଭସେଇ ନେଇଯାଏ। ପଞ୍ଚାୟତକୁ ସାଜା ଠାରୁ ଯିବା ହେଲେ ନଦୀ ପାର ହୋଇ ଯିବାକୁ ପଡେ। ସାଜା ଠାରୁ ଶିକରପାଇ ମାତ୍ର ତିନି କିମି। ବର୍ଷା ହେଲେ ତିନି କିମି ପରିବର୍ତ୍ତେ ୧୪ କିମି ବୁଲିକି ଯିବାକୁ ହୁଏ। ପ୍ରଶାସନ ଗୁହାରି ନ ଶୁଣିବାରୁ ବାଧ ହୋଇ ପ୍ରତ୍ୟେକ ବର୍ଷ କଠିନ ପରିଶ୍ରମ କରି ଲୋକେ କାଠ ପୋଲ ତିଆରି କରୁଥିବା ଦେଖିବାକୁ ମିଳିଛି। ଆଖିରେ ନ ଦେଖିଲେ ବିଶ୍ଵାସ ହେବ ନାହିଁ। ଏ ମୁଣ୍ଡରୁ ସେ ମୁଣ୍ଡକୁ ପ୍ରାୟ ଶହେ ମିଟର ଏକ ଲମ୍ବା ତାର ବାନ୍ଧିଛନ୍ତି। ତାରଧରି ନଦୀ ପାର ହେବାକୁ ପଡୁଛି। ସେହି ତାର ତଳେ ପ୍ରାୟ ଦଶ ଫୁଟ ଗଭୀର ପାଣି ରହିଛି ଭାଗ୍ୟ ନିର୍ଭର କରି ନଦୀ ପାରି ହେଉଛନ୍ତି। ଶୀତ କାକରରେ ଟିକେ ହାତ ଖସିଗଲେ ପାଣିରେ ବୁଡି ମୃତ ହେବା ସୁନିଶ୍ଚିତ। ତେଣୁ ବାଧ ହୋଇ ଗ୍ରାମବାସୀ ଏକତ୍ରିତ ହୋଇ କାଠ ପୋଲ ନିର୍ମାଣ କରୁଥିବା ଗ୍ରାମର ସଦା ମିଣିଆକା, ସୁରୁନା ମିଣିଆକା, ଗଙ୍ଗାଧର ମିଣିଆକା ଓ ବିଶ୍ଵନାଥ ମିଣିଆକା କହିଛନ୍ତି। ଏ ସମ୍ପର୍କରେ ଆରଡି ବିଭାଗର ଯନ୍ତ୍ରୀ ରମେଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଗତବର୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ କାଠପୋଲରେ ଚଲାବୁଲା ନ କରିବା ପାଇଁ ବାର୍ଡ ମାରି ବନ୍ଦ କରିଥିଲୁ। ସେଠାରେ ଏକ ସ୍ଥାୟୀ ପୋଲ ହେବା ପାଇଁ ସରକାରଙ୍କ ନିକଟରେ ସ୍ଥିର ହୋଇଛି। ଟେଣ୍ଡର ହେଲେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହୁଥିବା ବେଳେ ଗ୍ରାମବାସୀ କହିଛନ୍ତି ଯେ ଆମକୁ ପ୍ରଶାସନ ଭକୁଆ ବନାଉଛନ୍ତି। ପ୍ରତେକ ବର୍ଷ ପୋଲ ନିର୍ମାଣ ହୋଇଯିବ ବୋଲି ଆଜକୁ ଆଠ ବର୍ଷ ହେଲା ସେହି ଗୋଟିଏ କଥା କୁହାଯାଉଛି। କେବେ ସାଜା ଗ୍ରାମବାସୀଙ୍କ ଦୁଃଖ ଦୂର ହେବ, ତାହା ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



# ଆଦିବାସୀ ମହାସଂଘର ବିର୍ସା ମୁଣ୍ଡା ଜୟନ୍ତୀ

ରାୟଗଡ଼ା, ୧୫।୧୧(ସମିସ): ସ୍ଵାଧୀନତା ସଂଗ୍ରାମୀ ତଥା ଆଦିବାସୀଙ୍କ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାୟଗଡ଼ା ପୌର ପରିଷଦର ସିରିକୋଣା ଛକ ଠାରୁ ତାଡ଼ାମା ଗ୍ରାମ ଖେଳ ପଡ଼ିଆ ପର୍ଯ୍ୟନ୍ତ ୫ କିମି ଦୌଡ଼ ପ୍ରତିଯୋଗୀତା 'ଆଦିବାସୀ ଏକତା ମାରାଥନ' ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ ଶ୍ରୀକାନ୍ତ ପ୍ରାସ୍କା ପ୍ରଥମ ପୁରସ୍କାର, ଦୈତାରୀ ଦ୍ଵିତୀୟ ପୁରସ୍କାର, ନେତ୍ର ଶବର ତୃତୀୟ ପୁରସ୍କାର ଏବଂ ଚକିତ ଝୋଡ଼ିଆ ଚତୁର୍ଥ ଓ ଧୋନୀ ପଞ୍ଚମ ପୁରସ୍କାର ବିଜେତା ହୋଇଛନ୍ତି। ମହିଳା ବର୍ଗରେ ପିଙ୍କି ହିମିରିକା ପ୍ରଥମ ସ୍ଥାନ, ଦୀପିକା ବିଡ଼ିକା ଦ୍ଵିତୀୟ ସ୍ଥାନ, ରେବତୀ ମାଝୀ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ସାଜନା ଚତୁର୍ଥ ସ୍ଥାନ ଓ ସମୀରା ମାଝୀ ପଞ୍ଚମ ସ୍ଥାନରେ ବିଜେତା ହୋଇଛନ୍ତି। ବିଜେତାଙ୍କୁ ଆକର୍ଷଣୀୟ ଟ୍ରଫି ସହିତ ନଗଦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଜିଲ୍ଲା ସଭାପତି ଶଙ୍କର ଜିଲାକାରା, ସାମାଜିକ କର୍ମୀ ଚନ୍ଦ୍ରଶେଖର ଖର୍ସିଲବଂଶ, ସାମାଜିକ କର୍ମୀ ମାଧବ ଚନ୍ଦ୍ର ମେଲାକା, ଗାଁର ବୁଦ୍ଧିଜୀବି ଶ୍ୟାମବାବୁ ମେଲାକା, ଆଦିବାସୀ କଳାକାର କୁନା ମେଲାକା, ସାମାଜିକ କର୍ମୀ ବିଷ୍ଣୁ ସିରିକା, ସାମାଜିକ କର୍ମୀ ମହେଶ୍ଵର ବିଡ଼ିକା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଗୁଣୁପୁର ସ୍ଥିତ ଏ.ବି.ଏସ୍.କେପି ମହାବିଦ୍ୟାଳୟର ଉପ-ଅଧ୍ୟକ୍ଷ ତଥା ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ)ର ଜିଲ୍ଲା ସଭାପତି ବିଜୟ କୁମାର ମେଲାକାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସୂଚନାଯୋଗ୍ୟ ଯେ, ୨୦୨୩ ମସିହାରୁ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ତରଫରୁ ପ୍ରତ୍ୟେକ ବର୍ଷ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହେଉଛି।



ସୃଜନିକା

ସକାଳ THE SAKALA
www.sakalaepaper.com

## ଦୁଇଟି ମିନିଗପ



### ମାଛି



ପୀତାମ୍ବର ତରାଇ

ଗୋଧୂଳି ବେଳ । ତଥାପି ପିଲାମାନଙ୍କ ଖେଳ ସରୁନି । ପିଲାଙ୍କ ଅଜ୍ଞାତରେ ଦୁଇଟି ମାଛି ନିଜ ଭିତରେ ଗପସପ ହୋଇ ସେହି ଛୋଟ ବଗିଚା ଭିତରେ ଗଣଗଣ ହୋଇ ଉଡ଼ି ବୁଲୁଥିଲାବେଳେ ଜଣେ ପିଲାର ନଜର ପଡ଼ିଯିବାରୁ ସେ ଦୁଇଟି ମାଛିକୁ ନିରୀକ୍ଷଣ କଲା । ପିଲାଟି ଅନୁଭବ କଲା ଦୁଇଟି ମାଛି ଭିତରେ ବନ୍ଧୁତ୍ୱ ନିବିଡ଼, ଅଭିନ୍ନ । କିଛି ସମୟ ପରେ ଗୋଟେ ମାଛି ଗୋଟେ ଫୁଲ ଉପରେ ବସି ସୁରଭି ଆଘ୍ରାଣ କରୁଥିବା ବେଳେ ଆର ମାଛିଟି ବଗିଚା କୋଣରେ ଥିବା ଅପରିଷ୍କାର ସ୍ଥାନରେ ବସି ଦୁର୍ଗନ୍ଧ ଗ୍ରହଣରେ ମଗ୍ନ ଅଛି ।

ପିଲାଟି ଭାବିଲା, ଏ କି ବ୍ୟବସ୍ଥା । ଗୋଟେ ମାଛି ଫୁଲ ବାସକୁ ଆଦର କରୁଥିବା ବେଳେ ଆଉ ଗୋଟେ ମାଛି ଅପରିଷ୍କାର ସ୍ଥାନରେ ଦୁର୍ଗନ୍ଧକୁ ନେଇ ସୁଖ ପାଉଛି । ପିଲାଟି ନିଜକୁ ବୁଝାଇ ପାରୁ ନଥାଏ ।

ସନ୍ଧ୍ୟା ବେଳ । ଜଣେ ସାଧୁ ବଗିଚା ଭିତରକୁ ପ୍ରବେଶ କରିବା ମାତ୍ରେ ପିଲାଟି ପଚାରିଲା, "ହେ ସାଧୁ ମହାଶୟ ! ମାଛି ଦୁଇଟି ଦେଖିବାକୁ ଏକାପରି । କିନ୍ତୁ ଗୋଟିଏ ମାଛି ଫୁଲ ଉପରେ ତ ଆଉ ଗୋଟିଏ ମାଛି ଅପରିଷ୍କାର ଜାଗାରେ ବସିବାକୁ ଭଲ ପାଉଛି । ଏହା ଅର୍ଥ ବୁଝାଇ ଦିଅନ୍ତୁ ।"

ସାଧୁ କହିଲେ, "ଶୁଣ ବତ୍ସ ! ଦୁଇଟି ମାଛି ଦେଖିବାକୁ ସିନା ଏକାପରି, କିନ୍ତୁ ଯାହାର ସ୍ୱଭାବ ଯେପରି ସେ ବଞ୍ଚିବ ସେପରି । ନିକୃଷ୍ଟ ବ୍ୟକ୍ତିର ରୁଚି ସହ ଉତ୍କୃଷ୍ଟ ବ୍ୟକ୍ତିର ରୁଚି ସମାନ ହେବ କେମିତି? ଠିକ୍ ଏହିପରି ଦୁଇଟି ମାଛିଙ୍କ ଚରିତ୍ର ।"

ସାଧୁଙ୍କ ମଧୁର ବଚନ ଶୁଣି ପିଲାଟି ମାଛି ଦୁଇଟିକୁ ଖୋଜିଲା ବେଳକୁ କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ । ■



### ଧର୍ମ ବିଚାର

ଯମରାଜାଙ୍କ ଦରବାର ବସିଥାଏ । ଦୁଇ ଜଣଙ୍କ ବିଚାର ଚାଲିଥାଏ । ଜଣେ ଦେହଜୀବୀ ଓ ଆଉ ଜଣେ ବେଇମାନ । ସମସ୍ତ ବିଚାର ପ୍ରକ୍ରିୟା ସାରି ଯମରାଜ ନ୍ୟାୟ ଘୋଷଣା କଲେ, ଦେହଜୀବୀ ମାତ୍ର ମାସେ ରଡ଼ ନିଆଁରେ ଚାଲିବ, କିନ୍ତୁ ବେଇମାନ ତତଲା ତେଲ କଡ଼େଇରେ ଚାରି ମାସ ଛଣା ହେବ ।

ଏ ପ୍ରକାର ନ୍ୟାୟ ମନ୍ତ୍ରୀ ଚିତ୍ରଗୁପ୍ତଙ୍କ ମନକୁ ସନ୍ତୁଷ୍ଟ କରି ପାରିଲା ନାହିଁ । ପଚାରିଲେ, "ହେ ଧର୍ମରାଜ ! ଦେହଜୀବୀକୁ ଦଣ୍ଡ କମ୍, ବେଇମାନକୁ ଅଧିକ ଦଣ୍ଡ, ନ୍ୟାୟଟା ଅସଙ୍ଗତି ଲାଗୁଛି ।"

ଯମରାଜ କହିଲେ, "ପେଟଭୋକ ପାଇଁ ବିଚରା ମହିଳା ନିରୁପାୟ ହୋଇ ଦେହକୁ ବିକ୍ରି କଲା ଓ ଗ୍ରାହକର କାମନା ନିଆଁକୁ ନିର୍ବାପିତ କଲା । କିନ୍ତୁ ବେଇମାନ ବିଶ୍ୱାସରେ ବିଷ ଦେଇଥିବାରୁ ଧର୍ମ ବିଚାରରେ ଦେହଜୀବୀଠୁ ବେଇମାନ ବଡ଼ ଅପରାଧୀ ।

ମନ୍ତ୍ରୀ ଚିତ୍ରଗୁପ୍ତ ବିଚାର ଦସ୍ତାବିଜରେ ଉଲ୍ଲେଖ କଲେ ବରଂ ଦେହଜୀବୀକୁ ଛାଡ଼ ଅଛି । କିନ୍ତୁ ବେଇମାନକୁ ଧର୍ମ ଦୁଆରେ ଛାଡ଼ ନାହିଁ । ■

ମୋ: ୯୪୩୭୧୬୩୪୨୧

## କ୍ଷଣ କ୍ଷଣକେ ଆନ



ଜୟନ୍ତୀ ରଥ

ବୋଉ ମୁଁ ଆଜି ନନ୍ଦୀନାଗରୀ ଲିପି ଶିଖିଲି
ନଣ୍ଡା ବାଗୁଲି ଖାଉଚୁ
ହଉ ଖାଆ, ଖାଆ
ଭଲ ହଜମ ହେବ ।
ନା- ବୋଉକୁ ଶୁଭୁ ନାହିଁ
ତାକୁ କିଛି ବୁଝାଇ
କହି ହେବନି ।
ଆଉ, ସେ ଯାହା
ନିଜ ଆଡୁ କହୁଚି କହୁ...

ଦିଅଁ ପୂଜିବାକୁ
ରାତି ଚାରିଟାରେ ଉଠି
ଗାଧୋଉଥିଲା
ଏବେ ଅପରାହ୍ନ ସାଢ଼େ ପାଞ୍ଚ
କହୁଚି, କେତେ ଡେରି ହେଲାଣି
ମୋତେ ଉଠେଇ ଦେଲନି ଟିକେ
ନିଆଁ ଲଗା ନିଦଟା
ଅବେଳରେ ଆସୁଚି
ଆଉ ସମସ୍ତେ ଶୋଇଲାବେଳେ
ପତା ପଡୁନି ଆଖିର

ଭାସ୍କର ବେଲପତ୍ର ଆଣିଚି?
ତାକୁ କହିଥିଲି
ସବୁ ସଂକ୍ରାନ୍ତିରେ ହୋମ ହେବ
ବୋହୂ ମାଆ ଏକୁଟିଆ
ପାରିବନି ।
ତୁ ଆସି ଯୋଗାଡ଼ି ଦେବୁ
ଏବେ ସବୁ କଥାକୁ
ଗାଲଉଚି –
ପରା ଟୋକାଟା ।

ଓହୋ ବୋଉ ।
ସବୁ ପୂଜା ଠିକ୍‌ଠାକ୍ ଚାଲିଚି
ତୁ ଜମା ବ୍ୟସ୍ତ ହ'ନା
ବୋଉ ଉଦାସ ହୋଇ
କହୁଚି
ବ୍ୟସ୍ତ ହୋଇ
କ'ଣ କରିବି
ମୁଁ ତ ମଲାଗଲା
ହୋଇ ପଡ଼ିଚି
ଜ୍ୱାଇଁଙ୍କ ପାଇଁ
ମିଠା ଦହି ଅଛି
ଫ୍ରିଜ୍‌ରେ
ଗଲାବେଳେ ମନେ କରି
ନେଇଯିବୁ

ମୁଁ ବୁଝି ଗଲି
କ୍ଷଣ କ୍ଷଣକେ ଆନ
ଏବେ ବୋଉର ପୃଥିବୀ...
ଦିନେ ମୋର ବି
ଏଇ ଦଶା ହେବ । ■

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬

## ମରୁଥାଏ ବାରମ୍ବାର



ଚିତ୍ତରଞ୍ଜନ ମିଶ୍ର

ସେଦିନ କାଶ୍ମୀର ଘାଟିରେ
ମରିଥିଲି ଗୁଳି ଖାଇ ଆତଙ୍କବାଦୀର
ଆଉଥରେ ଗାଜାରେ ନିଖୋଜ ହୋଇ
ଛତ୍ରରେ ମୁଠାଏ ଖାଦ୍ୟ
ଖୋଜିଥିଲି ଭୋକ ବିକଳରେ ।
ଜୀବନ ବଞ୍ଚାଇବାକୁ ୟୁକ୍ରେନର
ସୀମା ପାର ହେବା ବେଳେ
ମରିଥିଲି, ମରିଥିଲି ଆଉଥରେ
ବଙ୍ଗଳାଦେଶରେ
ଘର ମୋର ଜଳିଗଲାପରେ
ମରିଥିଲି ମୁର୍ଶିଦାବାଦରେ
ମରିଥିଲି ସେ ଝିଅଟି ଜଳିଯିବା ବେଳେ
ନିଜକୁ ଅଙ୍ଗାର କରି ନ୍ୟାୟ ଅପେକ୍ଷାରେ
ମରିଥିଲି ଉତ୍ତରାଖଣ୍ଡରେ
ପାଦତଳୁ ପାହାଡ଼ଟି ଧସି ଯିବା ପରେ
ମରିଥିଲି ମଦ୍ୟପଙ୍କ ପଞ୍ଝାରେ, ଦାନ୍ତରେ
ପୀଡ଼ିତାର ଚିରା ଦେହ ଛପା ଛବି
କାଗଜରେ ଚିରି ଯିବାପରେ
କିଏ ବା ବଞ୍ଚାଇଥିଲା ଯେତେବେଳେ
ଚାରି ବରଷର ଶିଶୁ
ଫଡ଼ା ଫଡ଼ା ମାଂସ ହୋଇଗଲା
ବୁଲା କୁକୁରଙ୍କ ମେଳେ

ରକ୍ତାକ୍ତ ରାସ୍ତାରେ ?
କେତେଥର ମରିଛି ମୁଁ, ମରୁଛି ମୁଁ
ଧିକ୍ ମୋର ମରିବାକୁ
ବାରମ୍ବାର, ବଞ୍ଚିଥାଇ ଗୋଟେ ଜୀବନରେ
ଜଗତ ନର୍କରେ ଏବେ
କିଏ ଏଠି କାହାକୁ ଊର୍ଦ୍ଧ୍ୱରେ ? ■

ମଞ୍ଜୁଳା, ୱାଟର ୱର୍କ୍ସ ରୋଡ୍
ପୁରୀ - ୭୫୨୦୦୨



## ପୁସ୍ତକ ପରିଚୟ

### ବାଞ୍ଝ

**ସୁଚରିତା ମହାନ୍ତି**





ଶାନ୍ତିସେନା ପବ୍ଲିକେଶନ୍‌ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୧୫୦ ଟଙ୍କା

ଗାଳ୍ପିକା ସୁଚରିତା ମହାନ୍ତିଙ୍କ ଗଳ୍ପ ସଂକଳନ 'ବାଞ୍ଝ' ପ୍ରକାଶ ପାଇଛି । ୩୩ଟି ଗଳ୍ପ ଏହି ପୁସ୍ତକରେ ସଂକଳିତ ହୋଇଛି । 'ବଡ଼ ଅଫିସର',, 'ଅଗ୍ନି ପରୀକ୍ଷା', 'ଶେଷ ଥର', 'ବାଞ୍ଝ', 'ସଂପର୍କ', 'ଅଲିଭା ଗାର', 'ଉଦାସିଆ ଆଖି', 'କନ୍ୟାଦାନ', 'ଅସ୍ତଗାମୀ ସୂର୍ଯ୍ୟ', 'ଶେଷ ପାହାଚ', 'ରେବତୀ', 'ଆମାବାସ୍ୟାର ଚନ୍ଦ୍ର', 'ସମୟ ଖେଳ', 'ବୁଢ଼ୀ ମା'ର କାହାଣୀ ପେଡ଼ି' ପ୍ରଭୃତି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ଜୀବନର ଆଶା, ନିରାଶା, ଦ୍ୱନ୍ଦ୍ୱ ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି । ମାତୃତ୍ୱ ଲାଭ କରିବା ନାରୀ ଜୀବନର ବଡ଼ ଉପଲବ୍ଧି । କିନ୍ତୁ ଜନ୍ମ କଲା ସନ୍ତାନମାନେ ଯଦି ବଡ଼ ହୋଇ ବାପାମାଆଙ୍କୁ ଅସମ୍ମାନ ଓ ଅନାଦର କଲେ ସେମାନଙ୍କ ଜୀବନ ହୋଇଉଠେ ଦୁର୍ବିସହ । ଜୀବନର ଏହି ବାସ୍ତବତା ତାହା ଚିତ୍ରିତ ହୋଇଛି 'ବାଞ୍ଝ' ଗଳ୍ପରେ । ସେଥିପାଇଁ ଅବହେଳିତ ଶାଶୁ ଜଣକ ଜରାଶ୍ରମ ଖଟିରେ ପଡ଼ି ଥର ଥର କଣ୍ଠରେ କହୁଥିଲେ "ମୁଁ ବାଞ୍ଝ ହୋଇଥିଲେ ଭଲ ହୋଇଥାଆନ୍ତି ।" ଏହି ପୁସ୍ତକର ଅନେକ ଗପରେ ନାରୀ ଜୀବନ ଅକୁହା ବେଦନା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ବାଞ୍ଝ'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଅପାସୋରା ମଣିଷ

**ସଂପାଦକ: ଡକ୍ଟର ବନଜ କୁମାର ବିଶ୍ୱାଳ**




ଗୋପାଳ ଚରଣ ମହାନ୍ତି ସ୍ମୃତି ସଂସଦ
ମଲ୍ଲୀପୁର, କିଶୋରନଗର, କଟକ
ପ୍ରଥମ ପ୍ରକାଶ : ୨୦୨୧
ମୂଲ୍ୟ : ୨୦ ଟଙ୍କା

କଟକ ଜିଲ୍ଲା କିଶୋରନଗର ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସମାଜ ମନସ୍କ ସ୍ୱର୍ଗତ ଗୋପାଳ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡକ୍ଟର ବନଜ କୁମାର ବିଶ୍ୱାଳ ସଂପାଦନାରେ ପ୍ରକାଶ ପାଇଛି 'ଅପାସୋରା ମଣିଷ' ପୁସ୍ତକ । ଏହି ପୁସ୍ତକରେ ସ୍ୱର୍ଗତ ମହାନ୍ତିଙ୍କ ସମାଜ ପ୍ରତି ଅବଦାନ, ପରୋପକାର, ନିରାଡ଼ମ୍ବର ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ଜୀବନ ସଂପର୍କରେ ସ୍ମୃତି ଚାରଣ କରାଯାଇଛି । ଡକ୍ଟର ଅରବିନ୍ଦ ପଟ୍ଟନାୟକ, ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ଆଲୋକ କାନୁନ୍‌ଗୋ, ଡକ୍ଟର ଉମେଶ ଚନ୍ଦ୍ର ପଟ୍ଟନାୟକ, ଡକ୍ଟର କବିତା ଖଟାଇ, ପ୍ରାଧ୍ୟାପକ କିଶୋର କୁମାର ବିଶ୍ୱାଳ, ଡକ୍ଟର କିଶୋର ଚନ୍ଦ୍ର ଦାସ, ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି, ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଡକ୍ଟର ପାବକ କାନୁନ୍‌ଗୋ, ଡକ୍ଟର ତରଣୀ ସେନ୍ ବାରିକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ମହାନ୍ତିଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସ୍ମୃତିଚାରଣ କରିଛନ୍ତି । ସ୍ୱର୍ଗତ ମହାନ୍ତିଙ୍କ ଜୀବନ ଶୈଳୀ ଥିଲା ନିରାଡ଼ମ୍ବର । ସାଧାରଣ ଲୋକଙ୍କ ସୁଖଦୁଃଖରେ ସେ ସାମିଲ ହେଉଥିଲେ । ସ୍ୱର୍ଗତ ଗୋପଳଚରଣ ମହାନ୍ତିଙ୍କ ସୁଗୁଣାବଳୀ ଉତ୍ତର ପିଢ଼ିଙ୍କ ଉଦ୍‌ବୁଦ୍ଧ କରି ବୋଲି ଆଶା କରାଯାଏ । ■

### କାକ୍‌ଟସ୍‌ର ଲୁହ

**ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ**




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ : ୧୫୦ ଟଙ୍କା

"ବସ୍ତୁବାଦୀ ଦୁନିଆର ଲମ୍ବାରାସ୍ତା,/ ଛଳନା ପ୍ରତାରଣାର କଂକ୍ରିଟ୍ ନିର୍ମିତ/ଆବୁଡ଼ା ଖାବୁଡ଼ା ଚଟାଣର ଦେହ,/ ଆଉ ଥରେ ପୁଣି ସଜାଡ଼ି ଯାଉଛି ।" (ଭଙ୍ଗା ବିଶ୍ୱାସର ପୋଲ) ଆଶା ଓ ବିଶ୍ୱାସ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ । ତେବେ ବସ୍ତୁବାଦୀ ଦୁନିଆରେ ବେଳେବେଳେ ମଣିଷ ଧକ୍କା ଖାଏ । ତଥାପି ବିଶ୍ୱାସ ହିଁ ତାକୁ ଜୀବନର ଆବୁଡ଼ା ଖାବୁଡ଼ା ରାସ୍ତାରେ ଚାଲିବାକୁ ସାହସ ଓ ଶକ୍ତି ଦିଏ । ଏମିତି ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ 'କାକ୍‌ଟସ୍‌ର ଲୁହ' ପୁସ୍ତକର ଅନେକ କବିତାରେ । ଏହି ପୁସ୍ତକର 'ଆଉ ଏକ ଦୃଶ୍ୟ', 'ବିଭାଜନ', 'ଏକ ବିସ୍ଥାପିତ ଇଚ୍ଛା', 'ଜୀବନ ଗଣିତ', 'ଶବ୍ଦର ସ୍ୱରୂପ', 'ଧୈର୍ଯ୍ୟ', 'ଯନ୍ତ୍ରଣା', 'ଆଶଙ୍କା', 'ସମୁଦ୍ର ସ୍ନାନ', 'ଦୁଃଖୀଲୋକ', 'ପିତୃପୁରୁଷ', 'କକ୍‌ଟସ୍‌ର ଲୁହ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଏହି କବିତାଗୁଡ଼ିକରେ କବି ଜୀବନର ବାସ୍ତବ ଚିତ୍ର ଦେବାରେ ବେଶ୍ ସଫଳ ହୋଇଛନ୍ତି । ସେହିପରି 'ବର୍ଷା', 'ପ୍ରକୃତି ମାୟାରେ ବନ୍ଧା', 'ଏକ ବରଗଛର ସ୍ମୃତିରେ' ଆଦି କବିତାରେ ପ୍ରକୃତିର ଜୀବନ୍ତ ଚିତ୍ର ମାର୍ମିକ ଭାବେ ଫୁଟି ଉଠିଛି । 'କାକ୍‌ଟସ୍‌ର ଲୁହ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ରାଧାନାଥୀୟ ପ୍ରତିଭାର ଅଭିଜାତ ଐଶ୍ୱର୍ଯ୍ୟ



ଡ. ପ୍ରଫୁଲ୍ଲ କୁମାର ସାହୁ

ଯୁଗପ୍ରବର୍ତ୍ତକ କବି ରାଧାନାଥ ରାୟ । ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନୁପମ ବିଦ୍ଧାଣି । ରୀତିଯୁଗର ଆଳଙ୍କାରିକ ପଦଲାଳିତ୍ୟ ଓ ଯୌବନୋଚ୍ଛଳ ପ୍ରେମ ପ୍ରଣୟକୁ ଆଦୌ ପରିହାର ନ କରି ମଧ୍ୟ ଭଞ୍ଜୀୟ ପୃଷ୍ଠଭୂମି ଉପରେ ଗଢ଼ି ଦେଇଛନ୍ତି ଆଧୁନିକ କାବ୍ୟ ଚେତନାର ଏକ ବିଶାଳ ଓ ସୁରମ୍ୟ ହର୍ମ୍ୟ । ସେଥିପାଇଁ କିଏ ତାଙ୍କୁ ଯୁଗପ୍ରବର୍ତ୍ତକ କହେ ତ କିଏ କହେ ବିପ୍ଳବୀ ରାଧାନାଥ ।

କବିବର ରାଧାନାଥ ଥିଲେ ଶୁଦ୍ଧ ସୌନ୍ଦର୍ଯ୍ୟବାଦୀ । ପ୍ରକୃତିର ଉପାସକ । ଅସାଧାରଣ ତାଙ୍କ ଆହରଣ ଦକ୍ଷତା ଓ ସମୀକରଣ କୌଶଳ । ଚମତ୍କାର ତାଙ୍କ ଗଳ୍ପଗୁମ୍ଫନ କୌଶଳ । କଥାରେ ଅଛି "ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତହିଁର ଖବର ।" ଜଗତର ବିଶାଳତାକୁ ଅନୁଭବ କରିବା ପାଇଁ ନିଜ ମନପକ୍ଷୀକୁ ଉଡ଼େଇ ଦେଇଛନ୍ତି ଦୂର ଆକାଶରେ । ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଇଂରାଜୀ, ପାର୍ସୀ ଓ ଉର୍ଦ୍ଦୁ ଆଦି ବିଭିନ୍ନ ଭାଷାରେ ପାରଦର୍ଶିତା ଯୋଗୁଁ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ପୌରାଣିକ ଆଖ୍ୟାନଠାରୁ ଆରମ୍ଭ କରି ଗ୍ରୀକ୍ ଓ ରୋମ୍ ସାହିତ୍ୟ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ତାଙ୍କ କଳ୍ପନାର ଚାରଣ ଭୂମି । ଗଭୀର ଅଧ୍ୟୟନ ଓ ଅଭିଜ୍ଞାନ ବଳରେ ବିଶ୍ୱର ବିଭିନ୍ନ କ୍ଷେତ୍ରରୁ ଚିନ୍ତା ଓ ସୌନ୍ଦର୍ଯ୍ୟର ପୁଷ୍ପ ଚୟନ କରି ସେ ନିର୍ମାଣ କରିଛନ୍ତି ଆପଣା କାବ୍ୟ ତପୋବନ । ବିଷୟବସ୍ତୁ କିମ୍ବଦନ୍ତୀୟ ହେଉ କି ପାଶ୍ଚାତ୍ୟ ଜନଶ୍ରୁତିର ରୂପକଥା ହେଉ, ତା'ର ଭାବକଳ୍ପର ଶିରାରେ ଶିରାରେ ଭରି ଦେଇଛନ୍ତି ଉତ୍କଳୀୟତାର ସ୍ପନ୍ଦନ । ଗ୍ରୀକ୍ କବି ଓଭିଡଙ୍କ 'ମେଟାଫରସିସ୍' ପୁସ୍ତକର ଆପୋଲ ଡାଫିନଙ୍କୁ ଆଣି ଓଡ଼ିଶା ମାଟିରେ ପହଞ୍ଚେଇ ଦେଇଛନ୍ତି, ଯିଏ କୋଣାର୍କର ବେଳାଭୂମିରେ ବିଚରଣ କରିଛନ୍ତି ସୂର୍ଯ୍ୟଦେବ ଓ ଚନ୍ଦ୍ରଭାଗା ରୂପରେ । ଏହା ହୋଇପାରେ ଏକ ବିଦେଶୀ କଥାବସ୍ତୁର ଓଡ଼ିଆ କରଣ, ମାତ୍ର କବିଙ୍କ ଲେଖନୀରେ ବିଭୂତିମଣ୍ଡିତ ହୋଇ ଚନ୍ଦ୍ରଭାଗା ପାଲଟି ଯାଇଛି ଏକ ତୀର୍ଥକ୍ଷେତ୍ର । ତା' ସହିତ ଯୋଡ଼ି ହୋଇଯାଇଛି ମାଘସପ୍ତମୀ ଓ ବାରୁଣିସ୍ନାନ । କବି କଳ୍ପନାର ଏହି ଇନ୍ଦ୍ରଜାଲ ଭିତରେ ଛନ୍ଦିହୋଇ ପାଠକ ବିଚାରା ବୁଝି ପାରେନି ଚନ୍ଦ୍ରଭାଗା କାହାର ନାମ ନାରୀର ନା ନଦୀର ?

କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମୀକରଣ ନୁହେଁ, ଓଡ଼ିଶାର ଦେବଦେବୀ, ରାଜାମହାରାଜା, ମାଟି, ପାଣି, ପବନ, ନଦନଦୀ, ଶିଳା, ଶାଳଗ୍ରାମ ଆଦିର ସମାବେଶ ତଥା ଉତ୍କଳ ଗୌରବ ଗାଥାର ପୁନଃ ସ୍ଥାପନ ହିଁ ତା'ର ମୂଳକଥା । ରାଧାନାଥଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଅନେକ ଉଚ୍ଚକୋଟୀର କାବ୍ୟ ଲେଖା ସାରିଥିଲେ ବି ସେଥିରେ କାବ୍ୟ ରୂପ ପାଇ ନଥିଲା ଜାତୀୟ ଅସ୍ମିତାର ସମକାଳୀନ ଚିନ୍ତନ । ଓଡ଼ିଆ ବାଙ୍ମୟ ଅଭିବ୍ୟକ୍ତିରେ ଊଣା ଥିଲା ଇତିହାସ ଦୃଷ୍ଟି । ଏହାକୁ ଅନୁଭବ କରି ଉତ୍କଳର ଭୂପ୍ରକୃତି, ଲୋକଜୀବନ ତଥା ତା'ର ଗୌରବମୟ ଅତୀତକୁ ଆଣି କବି ଠିଆ କରେଇ ଦେଲେ ଉତ୍କଳଲକ୍ଷ୍ମୀ 'ଚିଲିକା' କୂଳରେ । ରକ୍ତବାହୁ ଯବନର ପତନ, ମାଣିକ ଗଉଡୁଣୀ ଓ କାଞ୍ଚି ବିଜୟ କାହାଣୀକୁ ନେଇ ଓଡ଼ିଆ ଅସ୍ମିତାର ଏକ ବିମ୍ବ ହୋଇ ଠିଆ ହେଲା ମରାଳ ମାଳିନୀ ନୀଳାମ୍ବୁ ଚିଲିକା । କେବଳ 'ଚିଲିକା' ନୁହେଁ, ବିଦ୍ରୂପାତ୍ମକ କାବ୍ୟ 'ଦରବାର'ଠାରୁ 'ମହାଯାତ୍ରା' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କ ଜାତୀୟ ଅସ୍ମିତାର ଜୟଯାତ୍ରା । ମହାଯାତ୍ରା କାବ୍ୟରେ ସେ ପାଣ୍ଡବମାନଙ୍କୁ ସାରା ଓଡ଼ିଶା ବୁଲେଇଛନ୍ତି ଏବଂ ଉତ୍କଳର ମହିମା ଗାନ କରିବାକୁ ଯାଇ ଅଗ୍ନିଦେବଙ୍କ ଜରିଆରେ କହିଛନ୍ତି- "ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ, ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ... ।"

ରାଧାନାଥଙ୍କ ଶବ୍ଦର ଇନ୍ଦ୍ରଜାଲରେ ଓଡ଼ିଶାର ଗିରି ହୋଇଛି ଗିରୀନ୍ଦ୍ର, ସର ହୋଇଛି ସାଗର, ଶିମୁଳି ଗଛ ବି ଲଭିଛି ଶାଳ୍ମଳୀ ତରୁର ମର୍ଯ୍ୟାଦା । କବିଙ୍କ ଭାଷାରେ- "ଶାଳ୍ମଳୀ ଶଇଳୁଁ ତିନି ସ୍ଥାନେ ତିନି ତଟିନୀ ଝରେ, ଲଙ୍ଘି ନାନା ବନ ଜନପଦ ମିଶେ ବଙ୍ଗ ସାଗରେ ।" ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଏବଂ ଶ୍ରୀକ୍ଷେତ୍ର ହେଉଛି ଓଡ଼ିଶାର ସାଂସ୍କୃତିକ ରାଜଧାନୀ । ସେହି ପବିତ୍ର ଧାମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଯାଇ ସେ ଲେଖିଛନ୍ତି – "ପୁଷ୍ପକୁଣ୍ଡେ ଶ୍ରେଷ୍ଠ ତାର କେଶର ଯେସନେ, ଶ୍ରେଷ୍ଠ ଏ ନୀଳାଦ୍ରିଧାମ ସମଗ୍ର ଉତ୍କଳେ ।" ଏଥିସହ ଶ୍ରୀକ୍ଷେତ୍ରକୁ ଏକ ସାଂସ୍କୃତିକ ପରିମଣ୍ଡଳ ଭାବରେ ଗଢ଼ିବାକୁ ଯାଇ ତାକୁ ସେ ଯୋଡ଼ିଛନ୍ତି 'ପାର୍ବତୀ', 'ଚନ୍ଦ୍ରଭାଗା' ଓ 'ଚିଲିକା' ଆଦି କାବ୍ୟ ସହିତ ।

ରାଧାନାଥଙ୍କ ବ୍ୟକ୍ତିତ୍ୱର ସ୍ୱାଭାବିକ ଗୁଣଟି ଥିଲା ପ୍ରକୃତି ଉପାସନା । ଶୈଶବରୁ ବିଜନତା ମଧ୍ୟରେ ନିମଜ୍ଜନ ତାଙ୍କୁ ଶିଖେଇ ଥିଲା ପ୍ରକୃତିର ମହାଭାବ ସହିତ ଏକାତ୍ମ ହେବାର ରହସ୍ୟ । କବି ସେହି ରହସ୍ୟମୟ ଭାବମୟତାର ଚିତ୍ରକର । ପ୍ରକୃତି ବର୍ଣ୍ଣନା ଓଡ଼ିଆ କାବ୍ୟରେ କିଛି ନୂଆ କଥା ନୁହେଁ, ବରଂ ଖୁବ୍ ବିସ୍ତୃତ ଓ ମାର୍ମିକ । ଏହା ରୀତି କାବ୍ୟରେ ଯେତିକି ପ୍ରାଣସ୍ପର୍ଶୀ, ରାଧାନାଥଙ୍କ ସମସାମୟିକ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଭକ୍ତକବି ମଧୁସୂଦନ ରାଓଙ୍କ ସୃଷ୍ଟିରେ ସେତିକି ଆବେଗସ୍ନାତ । ମାତ୍ର ପ୍ରକୃତିକୁ କେନ୍ଦ୍ରରେ ରଖି ଗୋଟେ କାବ୍ୟ ଯେ ଲେଖା ଯାଇପାରେ, ରାଧାନାଥଙ୍କ ପୂର୍ବରୁ କେହି କେବେ କଳ୍ପନା କରି ନ ଥିଲେ ଏକଥା । ରୀତି ସାହିତ୍ୟରେ ପ୍ରକୃତି ଥିଲା ଏକ ଚିତ୍ର । ତାକୁ ଚରିତ୍ରରେ ପରିଣତ କରିଦେଲା ରାଧାନାଥୀୟ ପ୍ରତିଭା । ଚିଲିକା ହ୍ରଦଟିଏ ହେଲେ ବି କବି କଲମରେ ସେ ପାଲଟିଗଲା ଏକ ହାସ୍ୟମୟୀ ଓ ଲାସ୍ୟମୟୀ ନାରୀ, ଯେଉଁ କାବ୍ୟ ନାୟିକାର ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି- "ଆହା ଏ ଶୋଭାର ନାହିଁ ପଟାନ୍ତର, ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର ।" କବି ଦୃଷ୍ଟିରେ ପ୍ରକୃତି ନିର୍ବାକ ଓ ନିସ୍ପନ୍ଦ ନୁହେଁ, ତାହା ପ୍ରାଣବନ୍ତ ଓ ବାଙ୍ମୟ । ସେ ହିଁ ଓଡ଼ିଆ ସାହିତ୍ୟର ପ୍ରଥମ କବି, ଯିଏ ପ୍ରକୃତି ଉପରେ ଆରୋପ କରିଛନ୍ତି ମାନବିକ ଗୁଣ । ଓଡ଼ିଆ କାବ୍ୟ କବିତାରେ ବର୍ଷାବର୍ଣ୍ଣନା ତ ବିସ୍ତୃତ । ମାତ୍ର ସେ ବର୍ଣ୍ଣନାରେ ନ ଥିଲା ବାହ୍ୟ ପ୍ରକୃତି ସହିତ ଅନ୍ତଃପ୍ରକୃତିର ତୁଳନା । କବି ସେଭଳି ତୁଳନାତ୍ମକ ଚିତ୍ର ଆଙ୍କିବାର ପରମ୍ପରା ଆରମ୍ଭ କଲେ, ଯା'ର ଦୃଷ୍ଟାନ୍ତ ହେଉଛି- "ବହି ଯାଉଛି ବାରି ଭେଦି କିଆରି, ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ରା ନାରୀ ।" (ତୁଳସୀ ସ୍ତବକ)

ମଣିଷ ଜୀବନର ମୌଳ ଆବେଗ ହେଉଛି ପ୍ରେମ ଏବଂ ଏହା ହିଁ ସବୁ କଳା କଳ୍ପନାର ମୂଳକଥା । ଜୀବନର ଏହି ଅଭିଜାତ ଐଶ୍ୱର୍ଯ୍ୟରେ ଖୁବ୍ ଐଶ୍ୱର୍ଯ୍ୟବନ୍ତ ଥିଲା ରୀତିଯୁଗୀୟ କାବ୍ୟକଳା । ମାତ୍ର ତା'ର ବିଷୟ ବିନ୍ୟାସରେ ନ ଥିଲା ବ୍ୟଞ୍ଜନାମୟ ବୈଚିତ୍ର୍ୟ । ସୁଖଦୁଃଖ, ହସକାନ୍ଦ ମିଶାମିଶି ଜୀବନ ହିଁ ମଣିଷର ଅଲଙ୍ଘନୀୟ ଭାଗ୍ୟ । ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ମିଳନାତ୍ମକ ପରିସମାପ୍ତି ଥିଲା ରୀତିକାବ୍ୟର ପରଂପରା । ତା'ର ଏହି ଗତାନୁଗତିକ ପରିପାଟୀରେ ରାଧାନାଥ ଆଣିଲେ ଭିନ୍ନତା । ପ୍ରେମ ପାଇଁ ଜୀବନ ବିସର୍ଜି ଦେବାକୁ ଆଗେଇ ଆସିଲେ ତାଙ୍କ କାବ୍ୟର ନାୟକ ନାୟିକା କେଦାର ଓ ଗୌରୀ । କେବଳ 'କେଦାରଗୌରୀ' ନୁହେଁ, 'ପାର୍ବତୀ', 'ନନ୍ଦିକେଶରୀ', 'ଚନ୍ଦ୍ରଭାଗା' ଆଦି ଅନେକ କାବ୍ୟରେ ଦୁଃଖଦ ଉପସଂହାରକୁ ନେଇ ଉଦ୍‌ଘାଟିତ ହେଲା କଳାର ଏକ ଅଭିନବ ଦିଗନ୍ତ ।

ରାଧାନାଥ ଥିଲେ କାବ୍ୟିକ ଭାଷାର ପ୍ରଥମ ସଂସ୍କାରକ । କାବ୍ୟର ଆଙ୍ଗିକ ପରିବର୍ତ୍ତନ କରିବାକୁ ଯାଇ ସେ ହିଁ ପ୍ରଥମେ ପ୍ରୟୋଗ କଲେ ଅମିତ୍ରାକ୍ଷର ଛନ୍ଦ । ତାଙ୍କ ସରଳ, କୋମଳ, ମଧୁର ଓ ମଞ୍ଜୁଳ ଶବ୍ଦ ସଂଯୋଜନା ଯୋଗୁଁ ଆଉ ଅଳଙ୍କାରର ପ୍ରାବଲ୍ୟରେ ଭାରାକ୍ରାନ୍ତ ହେଲା ନାହିଁ କାବ୍ୟସୁନ୍ଦରୀ । ବରଂ ସବୁ ବର୍ଗର ପାଠକଙ୍କୁ ଆମୋଦିତ ଓ ଆହ୍ଲାଦିତ କଲା ତାଙ୍କ ଉପମା ପ୍ରୟୋଗର ସୂକ୍ଷ୍ମ ଚାତୁରୀ ଓ ଲଳିତ ପଦ ବିନ୍ୟାସ । ଅର୍ଥବୋଧ, ରସବୋଧ ଓ ଭାବ ସଞ୍ଚରଣଶୀଳତା ନିମନ୍ତେ ଆଉ ରହିଲାନି ପ୍ରତି ପଦରେ ଅଭିଧାନ ଅଣ୍ଡାଳିବାର ଭଞ୍ଜୀୟ ଝିଙ୍କଟ । ରାଧାନାଥ ଥିଲେ ଜଣେ ନିର୍ଭୀକ ତଥା ବାସ୍ତବବାଦୀ ସ୍ରଷ୍ଟା । ନିଜର ପ୍ରଜ୍ଞା, ପ୍ରତିଭା ଓ ଅଧ୍ୟବସାୟ ବଳରେ ସେ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି ସତ, ହେଲେ କେବେ କିଛି ଲେଖି ନାହାଁନ୍ତି ଅନୁଗୃହୀତ ହେବା ଲକ୍ଷ୍ୟରେ । ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଛନ୍ତି ଇଂରେଜ ସରକାର । ବାମଣ୍ଡା ରାଜଦରବାରରୁ ସେ ପାଇଛନ୍ତି କବିବର ଉପାଧି । ଅଥଚ ଇଂରେଜ ସରକାର ହୁଅନ୍ତୁ କି ଦେଶୀୟ ରାଜା ହୁଅନ୍ତୁ, ସେମାନଙ୍କ ପ୍ରଜା ଶୋଷଣ ନୀତିକୁ ସେ ଖୁବ୍ ବିଦ୍ରୂପ କରିଛନ୍ତି 'ଦରବାର' କାବ୍ୟରେ । ରାଧାନାଥ ଥିଲେ ସମକାଳୀନ ବାସ୍ତବତା ଓ ନିଜ ବିଷାଦରେ ଆଚ୍ଛନ୍ନ ଏକ ବିମର୍ଷ କବି ପ୍ରତିମା । ଜୀବନ ବିମୁଖତା ସତ୍ତ୍ୱେ ପ୍ରତିଟି ପରିବୋଧନୀୟ ମୁହୂର୍ତ୍ତର ଆତ୍ମିକ ଉପଲବ୍ଧିକୁ ବୌଦ୍ଧିକତାରେ ରସାଣିତ କରି ସେ ଶୁଣେଇଛନ୍ତି ଅନେକ ଦାର୍ଶନିକ ବାଣୀ । ଏକ ଉଚ୍ଚତର ଆଧ୍ୟାତ୍ମିକ ଜୀବନବୋଧ ପ୍ରତି ଆସ୍ପୃହା ନେଇ ଗାଇଛନ୍ତି- "ଧର୍ମ ଏକା ସିନା ମହତ ପଣିଆ, ଆଉ ବଡ଼ପଣ ଅଡ଼େଇ ଦିନିଆ ।" (ଦରବାର) ■

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁପଟ୍ଟନାୟକ ନଗର ଭଦ୍ରକ
ମୋ: ୬୩୭୧୬୪୨୪୬୪

ନୂଆପଡ଼ା ପରାଜୟ ପରେ କଂଗ୍ରେସରେ ଚାପା ଗୁଞ୍ଜରଣ

# ପ୍ରଶ୍ନ ଘେରରେ ଭକ୍ତଙ୍କ ରଣନୀତି

ଭୁବନେଶ୍ୱର, ୧୫।୧୧ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ବିପର୍ଯ୍ୟୟ ପରେ ରାଜ୍ୟରେ କଂଗ୍ରେସର ମଙ୍ଗ ଧରିଥିଲେ ବରିଷ୍ଠ ନେତା ଭକ୍ତଚରଣ ଦାସ। ଭକ୍ତଙ୍କ ଆଗମନ ପରେ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଦଳ ତାଙ୍କ ନେତୃତ୍ୱରେ ଭଲ କରିବ ବୋଲି ସାଧାରଣରେ ଏକ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା। ମାତ୍ର ସଭାପତି ଦାୟିତ୍ୱ ଗ୍ରହଣ ପରେ ନୂଆପଡ଼ା ଉପନିର୍ବାଚନ ଭକ୍ତଙ୍କ ପାଇଁ ଏକ 'ଏସିଡ୍ ଟେଷ୍ଟ' ଥିଲା। ପ୍ରଥମ ଦଳ ପାଇପାରିଲା ନାହିଁ ବୋଲି ଆଲୋଚନା ଜୋର୍ ଧରିଛି। ଏହି କ୍ରମରେ ରାଜ୍ୟ କଂଗ୍ରେସର କିଛି ବରିଷ୍ଠ ନେତାଙ୍କର ମତାମତକୁ ନେଇ ଦଳରେ ଚାପା ଗୁଞ୍ଜରଣ ଆରମ୍ଭ ହୋଇଛି। ଏହା ଆଗକୁ ଭିନ୍ନ ରୂପ ନେଇପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରୁଛନ୍ତି।

ଗତ ୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ ମାଝୀ ସ୍ୱାଧୀନ ଭାବେ ଲଢ଼ି ୫୦,୯୪୧ ଖଣ୍ଡ ଭୋଟ ପାଇଥିବା ବେଳେ ଦଳ ତାଙ୍କ ପ୍ରାର୍ଥୀ ଶରତ ପଟ୍ଟନାୟକ ୧୫,୫୦୧ ଖଣ୍ଡ ଭୋଟ ରହିବା ଭକ୍ତ ତଥା କଂଗ୍ରେସ ପାଇଁ ଏକମାତ୍ର ଭଲ ଖବର ହୋଇଥିଲେ ବି ବର୍ଷକେ ମଧ୍ୟରେ ଉଭୟ ଘାସିରାମ ଏବଂ କଂଗ୍ରେସର ମିଳିତ ଭୋଟ ପ୍ରାୟ ୨୭ ହଜାର ହ୍ରାସ ପାଇଛି।

ଦଳର ଟାଣୁଆ ନେତା ମଧ୍ୟ ପରୋକ୍ଷରେ ଭକ୍ତଙ୍କ ନେତୃତ୍ୱ ଉପରକୁ ଅଙ୍ଗୁଳି ଉଠାଉଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ବିଜେପି ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରଚାର କରିବାକୁ ଆସିଲେ। ବିଜେଡି ପାଇଁ ନବୀନ ପଟ୍ଟନାୟକ ବୁଲି ବୁଲି ପ୍ରଚାର କଲେ। ମାତ୍ର ଆମେ ସେହିଭଳି ସଭା କରିପାରିଲୁ ନାହିଁ। ସେହିପରି ଆଦିବାସୀ ଭୋଟ ବ୍ୟାଙ୍କକୁ ଗଚ୍ଛିତ ପରି ନିଜ ପାଖରେ ରଖି ପାରିଲୁ ନାହିଁ ବୋଲି ବଡ଼ ବୟାନ ଦେଇଛନ୍ତି କଂଗ୍ରେସ ବରିଷ୍ଠ ନେତା

■ ଦେଢ଼ ବର୍ଷରେ ୨୭ ହଜାର ଭୋଟ୍ ହରାଇଛି ଦଳ

■ ଖରାପ ପ୍ରଦର୍ଶନର ଏକାଧିକ କାରଣ ଦର୍ଶାଇଲେ ସମୀକ୍ଷକ

ଭାବେ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରି ରାଜନୈତିକ ଚାଲେଞ୍ଜରେ ନିଜର ପରିଖାରାକୁ ସାବ୍ୟସ୍ତ କରିଥିଲେ। ନୂଆପଡ଼ାରେ ବିଜୟର ଶ୍ରେୟ ରାଜ୍ୟ କଂଗ୍ରେସରେ ତାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱର ଶ୍ରେୟ ଦେଇଥାନ୍ତା। କିନ୍ତୁ ନିର୍ବାଚନ ବିଫଳତା ପରେ ଦଳରେ ତାଙ୍କର ନିର୍ବାଚନ ପରିଚାଳନା ଓ ରଣନୀତିକୁ ନେଇ ପ୍ରଶ୍ନ ଉଠିଛି।

ନୂଆପଡ଼ାରେ କଂଗ୍ରେସର ପରାଜୟ ପଛରେ ଭକ୍ତଙ୍କ ଅତ୍ୟଧିକ ଆତ୍ମବିଶ୍ୱାସ, ଅର୍ଥର ଘୋର ଅଭାବ ଏବଂ କେନ୍ଦ୍ରୀୟ ନେତାଙ୍କ ଓଡ଼ିଶା ପ୍ରତି ଅନାଗ୍ରହ କାରଣରୁ କଂଗ୍ରେସ ଆଶାନୁଯାୟୀ ଫଳ ପାଇଥିଲେ। ଅର୍ଥାତ୍ କଂଗ୍ରେସ ପାଖରେ ମୋଟ ୬୬,୪୪୨ ଖଣ୍ଡ ଭୋଟ ଥିଲା। ବିଭିନ୍ନ ସମୀକ୍ଷକଙ୍କ ଦୃଷ୍ଟିରେ ରଖି ଉପ ନିର୍ବାଚନରେ କଂଗ୍ରେସର ପ୍ରାର୍ଥୀ ହୋଇଥିବା ଘାସିରାମ ବିଜୟ ଲାଭ କରିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ଦଳର ଅନ୍ୟନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରଥମରୁ ଦଳ ପାଇଁ ନୂଆପଡ଼ାରେ ଭଲ ମାହୋଲ ଥିବାବେଳେ ଭକ୍ତ ଗଡ଼ ଦଖଲ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ମାତ୍ର ନୂଆପଡ଼ା ଫଳ ବାହାରିବା ସହ ଭକ୍ତଙ୍କ ସବୁ ରଣନୀତି ଫେଲ୍ ମାରିଛି। ଦଳ ଦ୍ୱିତୀୟ ସ୍ଥାନରେ ସନ୍ତୋଷ ସିଂ ସାଲୁଜା। ଉଭୟେ ପରୋକ୍ଷରେ ହେଲେ ମଧ୍ୟ ଭକ୍ତଙ୍କ ରଣନୀତିକୁ ନେଇ ପ୍ରଶ୍ନ ଉଠାଉଛନ୍ତି।

ସେହିପରି ନିଜେ ଘାସିରାମ ମଧ୍ୟ ନିର୍ବାଚନରେ ଟଙ୍କାର ଘୋର ଅଭାବ ଏବଂ କେନ୍ଦ୍ରୀୟ ନେତୃତ୍ୱଙ୍କ ସହଯୋଗ ନେଇ ନିଜର ବକ୍ତବ୍ୟ ରଖି ସାରିଛନ୍ତି। ଅପରପକ୍ଷେ ପୂର୍ବତନ ପିସିସି ସଭାପତି ଭକ୍ତଚରଣ ଦାସ କିନ୍ତୁ ଏନେଇ ଭିନ୍ନ ମତ ରଖିଛନ୍ତି। ସେ କହିଛନ୍ତି ଯେ ଆମେ ପ୍ରମାଣିତ କରିଛୁ ଯେ ଆମେ ହିଁ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ। ଆମେ ହିଁ ବିଜେପିର ପ୍ରକୃତ ବିକଳ୍ପ। ଆଗାମୀ ଦିନରେ ଏହାହିଁ ଘଟିବାକୁ ଯାଉଛି ବୋଲି ସେ କହିଛନ୍ତି।

# ମୟୂରଭଞ୍ଜରେ ମୂଳ ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କ ଦର୍ଶନ

ବାରିପଦା, ୧୫ ।୧୧(ସମିସ): ମହମ୍ମଦ ଗଜନୀଙ୍କ ଦ୍ୱାରା ୧୦୨୪ ଖ୍ରୀଷ୍ଟାବ୍ଦରେ ଗୁଜୁରାଟର ସୋମନାଥ ମନ୍ଦିର ଧ୍ୱଂସ ପରେ ଶତାବ୍ଦୀ ଶତାବ୍ଦୀ ଧରି ନଷ୍ଟ ଅବସ୍ଥାରେ ରହିଥିବା 'ମୂଳ ସୋମନାଥ ଜ୍ୟୋତିର୍ଲିଙ୍ଗ' ପୁନଃ ଆବିଷ୍କାର ହୋଇଛି। ବର୍ତ୍ତମାନ ଅତ୍ୟନ୍ତ ପ୍ରତିକୂଳ ସ୍ଥିତିରେ ଥିବା ଏହି ଦୁର୍ଲଭ ଶିବଲିଙ୍ଗ ପ୍ରଥମଥର ପାଇଁ ବାରିପଦାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଉପଲବ୍ଧ ହେବାକୁ ଯାଉଛି। ଆସନ୍ତା ସୋମବାର ମହାପୁଣ୍ୟ ଅବସରରେ ରୁଦ୍ରାଭିଷେକ ଓ ସାଧାରଣ ଦର୍ଶନ ହେବ। ଏହି ଐତିହାସିକ ଓ ଧାର୍ମିକ ମହୋତ୍ସବକୁ ନେଇ ସମଗ୍ର ଜିଲ୍ଲା ଏବଂ ପଡ଼ୋଶୀ ଅଞ୍ଚଳରେ ଭକ୍ତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଉଛି। ଏହି ପୁଣ୍ୟ ଦର୍ଶନ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ବାରିପଦାସ୍ଥ ବେଲଗଡ଼ିଆ ରାଜପ୍ରାସାଦ ପଛ ପ୍ରବେଶଦ୍ୱାରରେ ପୂଜା ଓ ରୁଦ୍ରାଭିଷେକ ସକାଳ ୯ଟାରୁ ଆରମ୍ଭ ହେବ। ସାଧାରଣ ଦର୍ଶନ ସକାଳ ୧୦ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିବ। ଅନୁଷ୍ଠାନର ସଙ୍ଗଠକମାନେ କହିଛନ୍ତି ଯେ ଭଗବାନ ଶିବଙ୍କ ଏହି ଦୁର୍ଲଭ ସ୍ୱରୂପର ଦର୍ଶନ କୋଟିକୋଟି ଭକ୍ତଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଆଣିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସାହର ଲହରୀ ଦେଖିବାକୁ ମିଳୁଛି। ଏହି ଅବସରରେ ମୟୂରଭଞ୍ଜର ଅଧିବାସୀମାନଙ୍କ ଭାଗ୍ୟକୁ ସେମାନେ ପ୍ରଶଂସା କରିଛନ୍ତି।

# ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ ହେବେ ହ୍ୟୁମାନ ସାଗର!

ଭୁବନେଶ୍ୱର,୧୫।୧୧(ସମିସ): ଓଲିଉଡ୍‌ର ଲୋକପ୍ରିୟ ଗାୟକ ହ୍ୟୁମାନ ସାଗରଙ୍କ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ବେଳେ ବର୍ତ୍ତମାନ ସେ ଶ୍ୱାସକ୍ରିୟା ପାଇଁ ନନ୍-ଇନ୍‌ଭେସିଭ୍ ଭେଣ୍ଟିଲେଟର୍ ସପୋର୍ଟରେ ଅଛନ୍ତି। ଗତ ୨୪ ଘଣ୍ଟାରେ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ତେଣୁ, ଆଗାମୀ ୭୨ଘଣ୍ଟା ହ୍ୟୁମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ଆଜି ଏମ୍ସରେ ହ୍ୟୁମାନ ସାଗରଙ୍କ ପରିବାର ପହଞ୍ଚିଥିବା ବେଳେ ତାଙ୍କ ମା' ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମୋ' ପୁଅର ସ୍ୱାସ୍ଥ୍ୟ ଅତ୍ୟନ୍ତ ଗମ୍ଭୀର ରହିଛି। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁନଥିବା ଡାକ୍ତର କହୁଛନ୍ତି। ମୋ ପୁଅକୁ ବାହାରକୁ ନେଇ ଚିକିତ୍ସା କରିବାକୁ ଚାହୁଁଛି। ଏଥିପାଇଁ ଓଡ଼ିଶାବାସୀ ଓ ସରକାରଙ୍କୁ ସାହାଯ୍ୟ ପାଇଁ ସେ ନିବେଦନ କରିଛନ୍ତି। ତେବେ ହ୍ୟୁମାନଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇପାରେ ବୋଲି ସୂଚନା ମିଳିଛି।



ସୂଚନା ଅନୁସାରେ, କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର (୩୬) ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଗତକାଲି ଅପରାହ୍ଣ ୧ଟା ୧୦ରେ ତାଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ଏମ୍ସ ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା।

# ୧୨ ଡିଗ୍ରୀ ତଳେ ରାଜ୍ୟର ୧୦ ସହର

ଭୁବନେଶ୍ୱର,୧୫।୧୧(ସମିସ): ରାଜ୍ୟରେ ଗତ ସପ୍ତାହେ ହେବ ଅଧିକାଂଶ ସ୍ଥାନରେ ଶୀତ ଅନୁଭବ ହେଉଛି। ଶୁକ୍ରବାର ରାତିରେ ରାଜ୍ୟର ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ସେମିଲିଗୁଡ଼ାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବା

## ଆଜି ୩ ଜିଲ୍ଲାରେ ଶୀତ ଲହରୀ

ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ପାଣିପାଗ କେନ୍ଦ୍ର ଅନୁଯାୟୀ ଶୁକ୍ରବାର ରାତିରେ ଦାରିଙ୍ଗିବାଡ଼ି ଓ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା। ସେହିପରି ରାଉରକେଲାରେ ୧୦.୨ ଡିଗରୀ, ଝାରସୁଗୁଡ଼ାରେ ୧୦.୩ ଡିଗ୍ରୀ, ଅନୁଗୋଳରେ ୧୦.୬ ଡିଗ୍ରୀ, ଚିପିଲିମାରେ ୧୦.୮ ଡିଗ୍ରୀ, କିଉଝର ଓ କୋରାପୁଟରେ ୧୧.୩ ଡିଗ୍ରୀ, ଭବାନୀପାଟଣାରେ ୧୧.୫ ଡିଗ୍ରୀ ଏବଂ କେନ୍ଦୁଝରରେ ୧୧.୬ ଡିଗ୍ରୀ ତାପମାତ୍ରାରେ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ଅନେକ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏଁ କମ ଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୬ ଡିଗ୍ରୀ ଯାଏଁ କମ ରହିଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱରର ତାପମାତ୍ରା ୧୪.୮ ଡିଗ୍ରୀ ଥିବାବେଳେ କଟକର ରାତି ତାପମାତ୍ରା ୧୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ଅପରପକ୍ଷେ ରବିବାର ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ରେ ଶୀତ ଲହରୀ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

■ ସରକାରୀ ନିୟମର ଉଲଂଘନ

# ନିଯୁକ୍ତି ବୟସ ସୀମା ୩୨ ବର୍ଷକୁ କମାଇଲା ଓଏଚ୍‌ପିସି

ଭୁବନେଶ୍ୱର,୧୫ ।୧୧(ସମିସ): ନିଯୁକ୍ତି ପାଇଁ ସରକାରଙ୍କ ନିୟମକୁ ରାଜ୍ୟ ପିଏସ୍‌ୟୁ ସଂସ୍ଥା ମାନୁ ନାହାନ୍ତି। ସରକାରଙ୍କ ନୀତି ନିୟମକୁ ଅଣଦେଖା କରି ଇଚ୍ଛା ଅନୁଯାୟୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରୁଛନ୍ତି। ନିଯୁକ୍ତି ପାଇଁ ବୟସ ସୀମା ୪୨ ବର୍ଷକୁ ରାଜ୍ୟ ସରକାର ବଢ଼ାଇଥିବାବେଳେ ରାଜ୍ୟ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଏହାକୁ ୩୨ ବର୍ଷ କରିଛି। ଫଳରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଡ଼ିଗଲା ଥାନା...

ଘଟିଥିବା କୁହାଯାଉଛି। କିନ୍ତୁ ତାଙ୍କୁ ଚିହ୍ନଟ କରାଯାଇପାରିନାହିଁ। କୁହାଯାଉଛି ଯେ ଥାନରେ ପୂରା ୩୬୦ କେଜି ବିସ୍ଫୋରକ ରଖାଯାଇଥିଲା। ତେବେ ଏହି ବିସ୍ଫୋରଣ ଏକ ଦୁର୍ଘଟଣା ଥିଲା ବୋଲି ଜମ୍ମୁ-କଶ୍ମୀର ଡିଜିପି ନୀଲମ ପ୍ରଭାତ କହିଛନ୍ତି। ନମୁନା ସଂଗ୍ରହ ବେଳେ ବି।।ସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରକ ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡା ମୁଜାମିଲ ଗନୋଇର ଭଡ଼ା ଘରୁ ଜବତ କରାଯାଇଥିଲା।। ପୁଲିସ ଏବେ ସମ୍ପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରିଦେଇଛି। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ସେମାନଙ୍କୁ ଭିତରକୁ ଛାଡୁନାହିଁ। ବିସ୍ଫୋରଣ କାରଣ ନେଇ ଯାଞ୍ଚ୍ କରାଯାଉଛି ବୋଲି ଜମ୍ମୁ-କଶ୍ମୀର ଡିଭିଜନର ଗୃହ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଇତିମଧ୍ୟରେ ସିଆରପିଏଫ୍‌ର ଆଇଜି ଘଟଣାସ୍ଥଳକୁ ଯାଇଛନ୍ତି।

### ଆଳୁ କେଜି...

ଏହି ଆଳୁ ବର୍ଷକୁ କେବଳ ୧୦୦ ଟନ୍ ଉତ୍ପାଦନ ହେଉଛି। ପ୍ରତି ବର୍ଷ ମେ' ଏବଂ ଜୁନ୍‌ରେ ଏହାର ବିକ୍ରି ହୋଇଥାଏ। ଆଟଲାଣ୍ଟିକ ମହାସାଗରର ଲୋଇରା ଅଞ୍ଚଳ ସ୍ଥିତ ଫ୍ରାନ୍ସର 'ନୋଇରମୌସିର' ଦ୍ୱୀପରେ ଏହି ଆଳୁ ଚାଷ କରାଯାଉଛି। ନିଆରା ସ୍ୱାଦ କାରଣରୁ ଏହାର ଚାହିଦା ଅଧିକ ରହିଛି। ଉତ୍ପାଦନ ଅଧିକ ହେଉ ନ ଥିବାରୁ ଏହାର ମୂଲ୍ୟ ବଢ଼ି ବଢ଼ି ଚାଲିଛି। ସ୍ଥାନୀୟ ଚାଷୀ 'ବିନୋଇଟ ବିନୋଟେ'ଙ୍କ ନାମରେ ଏହି ଆଳୁର ନାମକରଣ ହୋଇଛି। ପାରମ୍ପରିକ ଉପାୟରେ ଏହି ଆଳୁ ଚାଷ କରାଯାଉଛି। ଉତ୍ପାଦନରେ ମେସିନର ବ୍ୟବହାର କରାଯାଏ ନାହିଁ। ଏହି ଆଳୁ ଛୋଟ ହୋଇଥିଲେ ମଧ୍ୟ ଚୋପା ବହୁତ ପତଳା। ସାଧାରଣତଃ ଏହାକୁ ସିଝାଇ ଲୁଣ ଏବଂ ଲହୁଣୀ ସହ ଖିଆ ଯାଇଥାଏ।

### ପ୍ରସ୍ତୁତ ହେବ...

ବିଭାଗକୁ କୁହାଯାଇଛି। ଏହି ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆସନ୍ତା ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏଥିରେ ବିଭାଗ ପ୍ରଚଳିତ ଆର୍ଥିକ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଥିବାବେଳେ ଏଥିପାଇଁ ଅର୍ଥ ଯୋଗାଇ ଦିଆଯିବ। ଏହା ବଜେଟ ବର୍ଷ(ୱାଇ), ୱାଇ+୧ ଏବ ୱାଇ+୨ ଆଧାରରେ କାର୍ଯ୍ୟ କରିବ। ଯାହାଫଳରେ ବିଭାଗଗୁଡ଼ିକୁ ଯୋଜନା କାର୍ଯ୍ୟକାରୀ ପାଇଁ ୩ ବର୍ଷ ପର୍ଯ୍ୟାପ୍ତ ସମୟ ମିଳିବ ଏବଂ ଏଥିପାଇଁ ଆଗୁଆ ବ୍ୟୟ ଅଟକଳ ମଧ୍ୟ କରାଯାଇପାରିବ। ଏହାଫଳରେ ସରକାରଙ୍କୁ ଏକାଧିକ ଲାଭ ମିଳିବା ନେଇ ମତ ରଖିଛନ୍ତି ଅର୍ଥନୀତି ବିଶେଷଜ୍ଞ। ଏହାଦ୍ୱାରା ବିଭାଗଗୁଡ଼ିକ ବହୁ ବର୍ଷୀୟ ପରିଯୋଜନାକୁ କ୍ରିୟାନ୍ୱୟନ କରିବାରେ ସହଜତା ଲଭିପାରିବେ। ସେହିପରି ବିଭାଗ ଗୁଡ଼ିକୁ ନିଜ ନିଜର ଖର୍ଚ୍ଚ ବ୍ୟୟ ପରିସୀମା ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିବାକୁ ଥିବାବେଳେ ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ମଧ୍ୟ ବଜାୟ ରହିପାରିବ। ଏହାଦ୍ୱାରା ବିଭାଗ ଗୁଡ଼ିକର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବାକୁ ଥିବାବେଳେ ଦାୟିତ୍ୱବୋଧତା ମଧ୍ୟ ବଢ଼ିବ ବୋଲି ମତପ୍ରକାଶ ପାଇଛି।

### ଦୁଇ ଦିନରେ..

ଭାରତର ଅଧିନାୟକ ଶୁବମନ୍ ଗିଲ ରିଟାୟାର୍ଡ ହର୍ଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏଭଳି ଘଟଣା ସଂପର୍କରେ ଇଂଲଣ୍ଡର ପୂର୍ବତନ କ୍ରିକେଟର ମାଇକେଲ୍ ଭନ୍ ଏହା ଏକ ଭୟଙ୍କର ପିଚ୍ ବୋଲି କହିଥିବା ବେଳେ ଅନୀଲ୍ କୁମ୍ବଲେ ବାମହାତୀ ବ୍ୟାଟ୍ସମ୍ୟାନ୍ ଏହି ପିଚ୍ ସୁହାଇଥାଏ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ଏଭଳି ଫଳାଫଳ ଦେଖି ବହୁ ଦର୍ଶକ ଓ କ୍ରିକେଟ୍ ଫ୍ୟାନ୍‌ମାନେ ଇଡେନ୍‌ରେ ଆଉ ଟେଷ୍ଟ ମ୍ୟାଚ୍ ଖେଳା ନ ଯିବା ପାଇଁ ଦାବି କରିଛନ୍ତି।

### ପୁଲିସକୁ ପଥର ଛେଚି...

ଉକ୍ରଟ ଦୁର୍ଗନ୍ଧ ହେବାରୁ ଗାଁ ଲୋକଙ୍କ ସନ୍ଦେହ ହୋଇଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ ପୁଲିସ ଗାଁରେ ପହଞ୍ଚି ତଦନ୍ତ କରିଥିଲା। ଅଳିଆ ଗଦାରେ ଖୋଜାଖୋଜି କରି ପୁଲିସ ଉଦୟଙ୍କ ଶବ ଜବତ କରିଥିଲା। ପୁରୁଣାକଟକ ପୁଲିସ, ବୌଦ୍ଧ ଏସ୍‌ଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ, ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାର ସରଜମିନ ତଦନ୍ତ କରି ନମୁନା ସଂଗ୍ରହ କରିଥିଲେ। ଉଦୟଙ୍କ ବଡ଼ଭାଇ ବିହାରୀ ରଞ୍ଜନ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୁରୁଣାକଟକ ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସଂଜୟଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ପଥରକୁ ମଧ୍ୟ ପୁଲିସ ଜବତ କରିଛି। ଏନେଇ ପୁରୁଣାକଟକ ଥାନାରେ ୧୯୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ଅରୁଣ ସିଂ ସୂଚନା ଦେଇଛନ୍ତି।


**AFFIDAVIT**

I, Babita Jena, aged about 42 years, W/o- Pramod Kumar Jena, resident of At- Dolamandap Sai, Patia, PS- Infocity, Bhubaneswar, PIN-751001, Dist- Khordha, Odisha declared by this affidavit No. 46, dtd-12/11/2025 that now onwards I shall be known as **BEBITA JENA** for all future purposes instead of Babita Jena.

**AFFIDAVIT**

By virtue of an affidavit (CF No.10, dtd- 14/11/2025) sworn before the Notary Public, Padampur. I, **Bina Suna,** W/o Bihari Suna, resident of Khuntpali, PS- Gaisilat, Dist- Bargarh, PIN-768036, Odisha declare that I have changed the name of my minor son from **Donraj Suna** (old name) to **Akant Prasad Suna** (new name). Henceforth, he shall be known as **Akant Prasad Suna** for all purposes.

**Bina Suna**

**AFFIDAVIT**

I, Tellavadu, aged about 60 years, S/o- G Enkeya, resident of At- Plot No. 62/3726, Jagannath Nagar, GGP Colony, Rasulgarh, Bhubaneswar, PS- Mancheswar, Dist- Khordha, PIN- 751010, Odisha declared by this affidavit No. 2331, dtd-15/11/2025 that now onwards I shall be known as **G TELEDU** for all future purposes.

**AFFIDAVIT**

By virtue of an affidavit no-1642 sworn before the Executive Magistrate, Dhenkanal on dtd-09/10/2025, I **Mita Padhan,** resident of At- Chhadasingh, Po- Badanagena, Ps- Sadar, Dist- Dhenkanal, Pin- 759014, Odisha, I have changed my name from **Rasmita Dehury** (old name) to **Mita Padhan** (new name). Henceforth, both name **Rasmita Dehury** and **Mita Padhan** is one & same person & I will be known as **Mita Padhan** for all future purposes.

**Sd/- Mita Padhan**

**IN THE COURT OF THE CIVIL JUDGE (SR. DIVISION) RANAPUR**

C.S. No 249/18

ମନୋଜ କୁମାର ଭୁୟାଁ ...ବାଦୀ

ବନାମ

ଅମରୀ ବଉ ଏବଂ ଅନ୍ୟମାନେ ...ପ୍ରତିବାଦୀ

Summon U/O R.5. Rule.20 C.P.C

ପ୍ରାପ୍ତେଷୁ,

ଧରଣୀଧର ମଣ୍ଡଳ, ପିତା- ରଘୁ ମଣ୍ଡଳ, ସା- ପାଟବେରଣା, ପୋ- ସାରଙ୍ଗଧରପୁର, ଥାନା- ରଣପୁର, ଜିଲ୍ଲା-ନୟାଗଡ଼।

ଉପରଲିଖିତ ବାଦୀ ଏହି ଭାଗ ବଣ୍ଟା ମକଦ୍ଦମା ତୁମ ବିପକ୍ଷରେ ଆଣିଛନ୍ତି ଓ ଏଥିରେ ତୁମ ପାଖକୁ ପଠାଯାଇଥିବା ଅଦାଲତ ସମନକୁ ତୁମେ ଉପେକ୍ଷା କରିଛ ଏଥିନିମନ୍ତେ, ତୁମକୁ ଆଦେଶ ଦିଆଯାଉଛି କି ତୁମେ ଏହି ଦିନ ତା. ୦୮/୧୨/୨୦୨୫ ସମୟ ୧୦.୩୦ମିରେ ଅଦାଲତରେ ଉପସ୍ଥିତ ରହିବ ଅଥବା ତୁମ ବିନା ଉପସ୍ଥିତିରେ ଏହି ମୋକଦ୍ଦମା ଶୁଣାଣି ହେବ।

ଜମିଜମା ବିବରଣୀ- ତହସିଲି-ଥାନା ରଣପୁର ଜିଲ୍ଲା-ନୟାଗଡ଼, ମୌ-ରଣପୁରଗଡ଼, ଖା -ନଂ- ୬୧, ଖା-ନଂ୧୫, 'ଖା-ନଂ୨୨୭, ଖା-ନଂ ୬୮

ଏଥିରେ ମୋର ଦସ୍ତଖତ ସହିତ କୋର୍ଟର ସିଲ୍ ଦିନ ୧୩-୧୧-୨୦୨୫ ।

ସିଭିଲ୍ ଜଜ୍ (ସି) ଡିଭିଜନ ରଣପୁର

**LOST**

I, Khageswar Behera, S/o- Late Panchanan Behera,resident of At-Dharosyamsundarpur,P.O- Sukleswar, P.s- Mahanga, Dist-Cuttack. Declare that my original Sale deed vide No-433 dated 16/03/1996 has been lost at any where inspite of my best efforts I could not able trace it out.If anybody has got interest in any manner on the above property in question, may put forth his grievance/complain with supporting documents within 15days of this publication notice, before the advocate mentioned below.

Name- Diptimayee sahoo,

Mobile no - 7978874629.

**AFFIDAVIT**

I, Birendra Kishore Tripathy Sharma, aged about 71 years, S/o- Narasingh Tripathy resident of At: Plot No-1533p, Lane-9, Kukuteswar Colony, Aerodrome Area, Bhubaneswar, Dist- Khurda, Pin- 751020, Odisha declare by this affidavit No.2331, dtd- 15/11/2025, that now onwards I shall be known as **BIRENDRA KISHORE TRIPATHY** for all future purposes.

**AFFIDAVIT**

By virtue of an affidavit sworn before the Notary Public, Swampatna, dated-14/11/2025 vide No.5249, I Rani Kisku, D/o- Jamuna Tudu, resident of At/Po-Damahuda, Ps- Patna, Dist-Keonjhar, Odisha declare that I have changed my name from **Rani Kisku,** D/o- Jamuna Tudu to **Rani Tudu,** D/o- Jamuna Tudu. Henceforth, I shall be known as **Rani Tudu,** D/o- Jamuna Tudu for all future purposes.

**Rani Tudu**

**AFFIDAVIT**

I, Mohammad Hamid Akhter, aged about 61 years, H/o- Farzana Rahman, Resident of Flat No: 4/A4-08, Hi-Tech Heaven Apartment, Matiapada-II, Po- Govindpur, Dist-Puri, Odisha, Pin- 752104 declare by this affidavit No. 947, dated- 15/11/2025 that now onwards I shall be known as **MD HAMID AKHTAR** for all future purposes.

**ଘୋଷଣାନାମା**

ଶ୍ରୀ ଗଦାଧର ବେହେରା ପି.: ୰ ପ୍ରାଣବନ୍ଧୁ ବେହେରା, ଗ୍ରା/ପୋ-ବଡ ଖଲାଡି, ଥାନା- କପ୍ତିପଦା, ଜିଲ୍ଲା- ମୟୂରଭଞ୍ଜ, ପି. କୋଡ- ୭୫୭୦୪୦, ଏତଦ୍ୱାରା ଘୋଷଣା କରୁଅଛୁ କି ମୋର ପୁଅର ନାମ ସାଧୀନ ଭାରତ ଥିଲା। ଏହି ନାମଟି ତାହାର ଜନ୍ମ ପ୍ରମାଣ ପତ୍ର, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର କାର୍ଡ, ପାନ କାର୍ଡ ଆଦିରେ ସାଧୀନ ଭାରତ ଭାବେ ସ୍ଥାନ ପାଇଅଛି। ତାହାର ପାସପୋର୍ଟ ଓ ଅନ୍ୟାନ୍ୟ କାଗଜାତ ନିମନ୍ତେ ବର୍ତ୍ତମାନ ତାହାର ନାମକୁ ସାଧୀନ ରଖାଗଲା ଓ ସଂଜ୍ଞା ଭାବରେ ଭାରତ ରଖାଗଲା। ଉକ୍ତ ବିଷୟ Executive Magistrate cum Addl. Tahasildar, ବାରିପଦାଙ୍କ ସମ୍ମୁଖରେ ଏଫିଡେଭିଟ କରାଯାଇଛି। ବର୍ତ୍ତମାନ ଠାରୁ ତାର ନାମ ସାଧୀନ ଏବଂ ସଂଜ୍ଞା ଭାରତ ଭାବେ ପରିଚୟ ପାଇବେ।

ସା/- ଗଦାଧର ବେହେରା

**AFFIDAVIT**

By virtue of an affidavit No. 6029 sworn before the Executive Magistrate, Champua on dated-01/11/2025, I **Pabani Mahanta,** W/O- Pramod Mahanta resident of Vill- Banguriposi, Po- Padua, Ps- Baria, Dist-Keonjhar, Odisha, Pin-758032, I have changed my minor daughter's name from **Rreetimai Mahanta To Preetimayee Mahanta.** Henceforth she shall be known as **Preetimayee Mahanta** for all future purposes.

**Pabani Mahanta**

यूनियन बैंक ऑफ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**

ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)**

{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** ଋଣଗ୍ରହୀତାମାନେ: ୧) **ଶ୍ରୀମତୀ ଗାୟତ୍ରୀ ବସନ୍ତିଆ,** ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) **ଶ୍ରୀ ଦୁଷ୍ମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୩) **ଶ୍ରୀମତୀ ସୋରାଳୁ ବସନ୍ତିଆ,** ସ୍ୱାମୀ: ଦେବରାଜ ବସନ୍ତିଆ, ୪) **ଶ୍ରୀ ହେମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୫) **ଶ୍ରୀ ସୁକାନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ: ଶ୍ରୀ ଦୁର୍ଗା ପ୍ରସାଦ ପ୍ରଧାନ,** ପିତା: ଉମାକାନ୍ତ ପ୍ରଧାନ, ସା: ବଡ଼ସାହି, ସାହାପୁର, ପୋ.: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା | ୧) **ଶ୍ରୀମତୀ ଗାୟତ୍ରୀ ବସନ୍ତିଆ,** ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) **ଶ୍ରୀ ଦୁଷ୍ମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୩) **ଶ୍ରୀମତୀ ସୋରାଳୁ ବସନ୍ତିଆ,** ସ୍ୱାମୀ: ଦେବରାଜ ବସନ୍ତିଆ, ୪) **ଶ୍ରୀ ହେମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୫) **ଶ୍ରୀ ସୁକାନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ (ମିଳିତ ସମ୍ପତ୍ତି) ଯାହାର ପ୍ଲଟ୍ ନଂ.: ୪୫୨୩, ଖାତା ନଂ.: ୧୮୬୩, କ୍ଷେତ୍ର: ଏକର୦.୦୩୫ ଡିସିମିଲି, ଗ୍ରାମ/ମୌଜା: ସୁନାଥର, ରେଭିନ୍ୟୁ ସର୍କଲ: ପୁରୁଷୋତ୍ତମପୁର, ଥାନା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ବସନ୍ତିଆଙ୍କ ଜମି, ପଶ୍ଚିମ: ଶ୍ରୀ ତ୍ରିନାଥ ବସନ୍ତିଆଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୯.୦୮.୨୦୨୩ / ୦୨.୦୧.୨୦୨୪ / ୧୪.୧୧.୨୦୨୫ |
| **ପୁରୁଷୋତ୍ତମପୁର ଶାଖା-୨, ଫୋନ୍: ୯୩୨୬୯୦୩୦୩୧ /** ଋଣଗ୍ରହୀତା: **ମେସର୍ସ ଜଗନ୍ନାଥ ଗ୍ରୋସରୀ ସପ୍, ସ୍ୱତ୍ୱାଧିକାରୀ: ସୁକେଶ କୁମାର ପଣ୍ଡା,** ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଗ୍ୟାରେଣ୍ଟିଦାତା/କୋ-ଓବ୍ଲିଗାଣ୍ଟ: ସୁଶିଳା ପଣ୍ଡା,** ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀମତୀ ସୁଶିଳା ପଣ୍ଡା,** ସ୍ୱାମୀ: ୰ ହରିହର ପଣ୍ଡା, ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଏକଦାଣ୍ଡ ଷ୍ଟିଟ୍‌ର ସାଉଦର୍ଶ ରୋଡରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖତିୟାନ କ୍ର.ନଂ.: ୪୦୮, ପ୍ଲଟ୍ ନଂ.: ୧୬୨୪, ରେଭିନ୍ୟୁ ମୌଜା/ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଏସ୍‌ଆରଓ/ ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲକ୍ଷ୍ମୀ ଚରଣ ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ବିଶ୍ୱନାଥ ଦାସଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଋଷିକୂଲ୍ୟା ନଦୀ | ୦୭.୦୬.୨୦୨୨ / ୨୬.୦୮.୨୦୨୨ / ୧୪.୧୧.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** ଋଣଗ୍ରହୀତା: **ମେସର୍ସ କାଜଲ ପ୍ଲାଏଉଡ୍, ସ୍ୱତ୍ୱାଧିକାରୀ: ଭଞ୍ଜରାମ ମହାରଣା,** ସା: ପିଡବ୍ଲୁଡି ଅଫିସ୍ ଏବଂ ଲକ୍ଷ୍ମୀ ନାଏକ କଲ୍ୟାଣୀ ମଣ୍ଡପ ନିକଟ, ହିଲପାଟଣା, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୪ / **ଋଣଗ୍ରହୀତା/ବନ୍ଧକଦାତା: ଭଞ୍ଜରାମ ମହାରଣା,** ପିତା: ଅର୍ଜୁନ ମହାରଣା, ସା: ଭବାନୀ ନଗର ୧ମ ଲାଇନ, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ / **ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀ ମହାରଣା,** ସ୍ୱାମୀ: ଭଞ୍ଜରାମ ମହାରଣା, ସା: ଭବାନୀ ନଗର ୧ମ ଲାଇନ, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ | ଭଞ୍ଜରାମ ମହାରଣାଙ୍କ ନାମରେ ଥିବା ଗୃହ ସମ୍ପତ୍ତି (ଘରବାରୀ) ଯାହାର ରେଭିନ୍ୟୁ ମୌଜା: ରାଜେନ୍ଦ୍ରପୁର, ରେଭିନ୍ୟୁ ସର୍କଲ: ଗୋଲନ୍ଥରି, ଥାନା: ବୈଦ୍ୟନାଥପୁର, ତହସିଲ/ଏମ୍‌ସି: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର-୧, ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୨୩୦/୬୮୦, ପ୍ଲଟ୍ ନଂ.: ୩୪୮/୧୯୯୧, କ୍ଷେତ୍ର: ଏକର୦.୦୧୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ମାନସ ପାଣିଗ୍ରାହୀଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଲେନ୍ | ୨୯.୦୪.୨୦୨୫ / ୩୦.୧୦.୨୦୨୫ / ୧୪.୧୧.୨୦୨୫ |
| **ବାଉଁଶିଆପଦା ଶାଖା, ଫୋନ୍: ୯୮୧୯୪୧୦୯୫୧ /** ୧) **ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) **ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) **ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା,** ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାଡିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୧୪.୧୧.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ଋଣଗ୍ରହୀତା: **ଏନ୍ ସୀମା ପାତ୍ର,** ପିତା: ଏନ୍. ବାୟା ପାତ୍ର / **କୋ-ଆପ୍ଲିକାଣ୍ଟ: ଏନ୍. ପର୍ଶୁରାମ ପାତ୍ର,** ପିତା: ଏନ୍. ସାମୀ ପାତ୍ର, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣୀଆପଲ୍ଲୀ, ପୋ.: ଛତ୍ରପୁର, ଗଞ୍ଜାମ-୭୬୧୦୨୦ | ଏନ୍ ସୀମା ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୯୩/୧୭୮୩, ଖାତା ନଂ.: ୨୯୬/୧୫୫, ମୌଜା: ବ୍ରାହ୍ମଣୀଆପଲ୍ଲୀ, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୧୦୦ଡିସିମିଲି ଯାହା ୪୩୫୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ବୁଢ଼ିଆ ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୨), ପଶ୍ଚିମ: ପ୍ଲଟ୍ ନଂ.: ୭୮୬ ଏବଂ ୭୮୭, ପିଏଚ୍‌ଡି ରୋଡ୍, ଉତ୍ତର: ଏନ୍. ସୀମା ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୮୯), ଦକ୍ଷିଣ: ବି. ଚନ୍ଦ୍ର ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୩) | ୩୧.୦୩.୨୦୨୧ / ୩୦.୧୦.୨୦୨୧ / ୧୪.୧୧.୨୦୨୫ |
| **ନୀଳକଣ୍ଠନଗର ଶାଖା, ଫୋନ୍: ୯୮୬୧୨୮୧୨୩୪/** ୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୧୮ | **ଶ୍ରୀ ନୀଳକଣ୍ଠ ମହାନ୍ତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସହରାଞ୍ଚଳ ଜମି ଯାହାର ଖାତା ନଂ.: ୧୫୩୦/୭୯୪୦, ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୬, କ୍ଷେତ୍ର: ଏକର୦.୦୧୪୫/୧୦ ଡିସିମିଲି, ରେଭିନ୍ୟୁ ମୌଜା: ଭାବିନିପୁର, ଅଳକାପୁରୀ, ୟୁସି ଇଞ୍ଜିନିୟରିଙ୍ଗ୍ ସ୍କୁଲ ନିକଟ, ତହସିଲ: ଜନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ପଣ୍ଡାଙ୍କ ସମ୍ପତ୍ତି, ପଶ୍ଚିମ: ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୧.୧୦.୨୦୧୯ / ୦୩.୦୧.୨୦୨୦ / ୧୪.୧୧.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୨୦୫୫୮୧୪୭୧ /** ୧) **ମେସର୍ସ ପାତ୍ର ଜୁଏଲାରୀ, ସ୍ୱତ୍ୱାଧିକାରୀ: ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୨) **ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୩) **ପି ସଂଯୁକ୍ତା ପାତ୍ର,** ସ୍ୱାମୀ: ପି ଗୌରୀ ଶଙ୍କର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୪) ୰ ପି ଦେବେନ୍ଦ୍ର ପାତ୍ର(ବନ୍ଧକଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: କ) **ପି ତେଜଲକ୍ଷ୍ମୀ ପାତ୍ର,** ସ୍ୱାମୀ: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଖ) **ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଗ) **ପି କୈଳାସ ଚନ୍ଦ୍ର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଘ) **ପି ତ୍ରିପତି ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଙ) **ପି ପୂର୍ଣ୍ଣ ଚନ୍ଦ୍ର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା | ୧) **୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ),** ପିତା: ୰ ନର୍ସୁ ପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮୦, ଖାତା ନଂ.: ୭୨୨, କ୍ଷେତ୍ର: ଏକର୦.୦୫୭ ଡ଼ିସିମିଲି ଯାହା ୨୪୮୩ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଗୌରୀଶଙ୍କର ପାତ୍ରଙ୍କ ଗୃହ, ପଶ୍ଚିମ: ସନ୍ତୋଷ ସାହୁଙ୍କ ଗୃହ, ଉତ୍ତର: ବଡ଼ ନଦୀ, ଦକ୍ଷିଣ: ରାଜ ଦାଣ୍ଡ, ୨) **୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ),** ପିତା: ୰ ନର୍ସୁ ପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୭୯, ଖାତା ନଂ.: ୬୧୮, କ୍ଷେତ୍ର: ଏକର୦.୦୩୮ ଡ଼ିସିମିଲି ଯାହା ୧୫୭୫ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ପି ସୁବାଷ ଚନ୍ଦ୍ର ପାତ୍ରଙ୍କ ଗୃହ, ପଶ୍ଚିମ: ପି ଦେବେନ୍ଦ୍ର ପାତ୍ରଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୪.୦୯.୨୦୨୦ / ୧୦.୧୨.୨୦୨୧ / ୧୪.୧୧.୨୦୨୫ |
| **ବାରାକ୍ସ ଶାଖା, ଫୋନ୍: ୭୮୦୦୦୧୬୮୦୦ /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଭି ଜ୍ୟୋତି,** ସ୍ୱାମୀ: ଭି କାଳି / **ଗ୍ୟାରେଣ୍ଟିଦାତା: ଶ୍ରୀ ଭି ଭୋଟିକଲା କାଳି,** ପିତା: ଭି ଦଣ୍ଡାସି, ଉଭୟଙ୍କ ଠିକଣା- ସା: କାମ୍ପ ସାହି, କାମ୍ପୁ ଷ୍ଟ୍ରିଟ, ୧ମ ଲେନ୍, କେ ସି ଟାଉନ୍ ହାଇ ସ୍କୁଲ ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ଆଇନଗତ ମତାମତ ଅନୁଯାୟୀ **ଶ୍ରୀମତୀ ଭି ଜ୍ୟୋତିଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୮/୯୪୯, ଖାତା ନଂ.: ୮୯/୨୦୨, କ୍ଷେତ୍ର: ଏକର୦.୦୦୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୭, ଖାତା ନଂ.: ୧୨୯, କ୍ଷେତ୍ର: ଏକର୦.୦୦୮ ଡିସିମିଲି, ରେଭିନ୍ୟୁ ମୌଜା: ସତ୍ୟନାରାୟଣପୁର, ରେଭିନ୍ୟୁ ସର୍କଲ: ବ୍ରହ୍ମପୁର, ଥାନା: ଟାଉନ୍ ଥାନା, ଏସ୍‌ଆରଓ: ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | ୧୪.୦୯.୨୦୨୩ / ୦୮.୧୨.୨୦୨୩ / ୧୪.୧୧.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ବର୍ଣ୍ଣିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରବର୍ଣ୍ଣିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରବର୍ଣ୍ଣିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର

ତାରିଖ: ୧୫.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଉଚ୍ଛେଦ ହେଲେ ଏନ୍‌ଏଚ୍ ଅବରୋଧକାରୀ ଉଠା ଦୋକାନୀ

## ଦୁଇଥର ଜରିମାନା ସତ୍ତ୍ୱେ ଅମାନିଆ ଗ୍ୟାରେଜ ସିଲ୍ ହେଲା

ଜୟପୁର, ୧୫।୧୧(ସମିସ)



କୋରାପୁଟ ଜିଲ୍ଲା ଜୟପୁର ସହରର ମଧ୍ୟଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅଧିକାଂଶ ବ୍ୟବସାୟୀ ଦୋକାନୀମାନେ ଜବରଦଖଲ କରିବା ସହ ଦୋକାନ ଖୋଲୁଥିବା ଯୋଗୁଁ ରାସ୍ତା ଅବରୋଧ ହୋଇ ଟ୍ରାଫିକ ସମସ୍ୟା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେଣୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ତହସିଲ ଏବଂ ପୌରସଂସ୍ଥା କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଉଚ୍ଛେଦ କରାଯାଉଥିଲା। ଏହିପରି ସ୍ଥାନୀୟ ହାଟପଦା ନିକଟରେ ଗୁପ୍ତା ଗ୍ୟାରେଜ ପକ୍ଷରୁ ମରାମତି ପାଇଁ ଗାଡି ଗୁଡିକରୁ ରାସ୍ତା ପାର୍ଶ୍ୱରେ ରଖିବା ସହିତ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ନେଇ ଉଚ୍ଛେଦ କରିବା ନେଇ ପ୍ରଶାସନ ପକ୍ଷରୁ ବାରମ୍ବାର ତାଗିଦ କରାଯାଇଥିଲା ଏବଂ ଦୁଇଥର ଜରିମାନା କରାଯାଇଛି। କିନ୍ତୁ ଅମାନିଆ ଗ୍ୟାରେଜ ମାଲିକ ଏହିପରି ରାସ୍ତା ପାର୍ଶ୍ୱ ମରାମତି ଗାଡି ରଖୁଥିବା ଯୋଗୁଁ ତହସିଲଦାର ସବ୍ୟସାଚୀ ଜେନା ନିଜେ ଉପସ୍ଥିତ ରହି ଦୋକାନକୁ ସିଲ କରିଥିଲେ। ଏହିପରି ଆଗାମୀ ଦିନରେ ଏହି ଭୁଲ ନ କରିବା ନେଇ ଲିଖିତ ଭାବେ ପ୍ରଶାସନ ନିକଟରେ କ୍ଷମା ପ୍ରାର୍ଥନା ଏବଂ ଜାରି ହୋଇଥିବା ଜରିମାନା ଟଙ୍କା ପୈଠ କରାଗଲେ ଉକ୍ତ ସିଲ ଦୋକାନ ଖୋଲାଯିବ ବୋଲି ତହସିଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହିପରି ଜୟପୁର ସହରର ଶ୍ରୀକ୍ଷିଆ ସାହି ଛକ ଠାରୁ ନୂଆ ସରକାରୀ ବସଷ୍ଟାଣ୍ଡ, ମହିଳା ମହାବିଦ୍ୟାଳୟ, ଡେଙ୍ଗଗୁଡା, ଗାନ୍ଧିଛକ, ହାଟପଦା ନିକଟରେ ରାସ୍ତା ପାର୍ଶ୍ୱରେ ଉଠାଦୋକାନୀ ଏବଂ ଭାରୀଯାନ ଗୁଡିକ ବେଆଇନ ପାର୍କିଂ କରିଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ତେଣୁ ପ୍ରଶାସନ ଏବଂ ପୌରସଂସ୍ଥା ପକ୍ଷରୁ ମିଳିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଉଚ୍ଛେଦ ସମୟରେ ତହସିଲ ରାଜସ୍ୱ ନିରୀକ୍ଷକ ହରିହର ଶତପଥି, ଦିଲ୍ଲୀପ କୁମାର ପ୍ରଧାନ, ପୌରସ୍ୱାସ୍ଥ୍ୟ ନିରୀକ୍ଷକ ଭବାନୀ ହାଲଦା, ପି.ଜଗଦୀଶ ରାଓ, ସତ୍ୟନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ପଲିଥିନ୍ ବ୍ୟବହାର ବୃଦ୍ଧି

ଉମରକୋଟ, ୧୫।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ପଲିଥିନ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁଁ ପରିବେଶରେ ବିଷ ବଳୟ ସୃଷ୍ଟି ହେଉଛି। ଛୋଟିଆ ଦୋକାନଠାରୁ ଆରମ୍ଭକରି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ପର୍ଯ୍ୟନ୍ତ ସାମାନ୍ୟ ସୁବିଧା ପାଇଁ ପଲିଥିନ ବ୍ୟବହାର କରୁଛନ୍ତି। ହୋଟେଲ ଗୁଡ଼ିକରେ ଖଲିପତ୍ର ବଦଳରେ ପଲିଥିନ ଉପରେ ଖାଦ୍ୟ ପରସା ଯାଉଛି। ଦୈନିକ ବଜାର ଠାରେ ମଧ୍ୟ ଛୁଡ଼ କୁଡ଼ ଆବର୍ଜନା ପଡୁଥିବା ପଲିଥିନ ଗାଈଗୋରୁ ଖାଇ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରକୁ ଆସୁଛନ୍ତି। ପଲିଥିନ ଖାଇବା ଦ୍ୱାରା ରୋଗାଗ୍ରସ୍ତ ହେଉଛନ୍ତି। ପଲିଥିନ ବ୍ୟାନ୍ ନିୟମ ରହିଥିଲେ ମଧ୍ୟ ଏହାକୁ ମାନୁନାହାନ୍ତି। ପ୍ରଶାସନିକ ଅଧିକାରୀ ମଧ୍ୟ ସବୁଜାଣି ଆଖି ବୁଜି ଦେଉଛନ୍ତି। ଫଳରେ ପରିବେଶ ଉପରେ କୁପ୍ରଭାବ ପଡୁଛି। ସହରର ଯେଉଁ ସ୍ଥାନରେ ଆବର୍ଜନା ପଡ଼ିରହୁଛି, ସେଠାରେ ୫୦ ପ୍ରତିଶତ କେବଳ ପଲିଥିନ। ପଡ଼ୋଶୀ ରାଜ୍ୟରୁ ପଲିଥିନ ଆଣି ହୋଲସେଲରମାନେ ବିକ୍ରି କରି ବେଶ ମୁନାଫା କରୁଛନ୍ତି। ପୌର ପରିଷଦ ପକ୍ଷରୁ ପଲିଥିନ ବ୍ୟବହାରକୁ ବ୍ୟାନ୍ ଘୋଷଣା କରାଯାଇ କିଛିଦିନ ଧରପଗଡ଼ କରାଗଲା। ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। କିଛି ଦିନ ପରେ ପୁଣିଥରେ ଖୋଲାଖୋଲି ଭାବେ ପଲିଥିନ ବ୍ୟବହାର ସମସ୍ତେ କରୁଛନ୍ତି। କେବଳ କଟକଣା ନୁହେଁ ଲୋକଙ୍କୁ ସଚେତନତାର ଆବଶ୍ୟକ ରହିଛି। ସହରରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଗୋଦାମ ଗୁଡ଼ିକରେ ଚଢ଼ଉ କରିବାର ଆବଶ୍ୟକ ରହିଛି। ତଥାପି ପ୍ରଶାସନ ଏହାକୁ ରୋକିବାରେ ଫେଲ୍ ମାରିଛି। ଏସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ କହିଛନ୍ତି ପୌର ପ୍ରଶାସନ ପକ୍ଷରୁ ପଲିଥିନ ହଟାଇବା ପାଇଁ ସମସ୍ତ ଉଦ୍ୟମ ଚାଲିଛି। ଆଗାମୀ ଦିନରେ ଜୋରଦାର ଧରପଗଡ଼ କରଯିବ।

# ସେମିଲିଗୁଡ଼ାରେ ଶିଶୁ ଦିବସ ପାଳିତ

ସେମିଲିଗୁଡ଼ା, ୧୫।୧୧(ସମିସ): ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଅବସରରେ ସେମିଲିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ ଉତ୍ସବ ଉତ୍ସାହର ସହିତ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ମିଶି କାର୍ଯ୍ୟକ୍ରମକୁ ସଫଳ୍ୟ କରିଥିଲେ। ଅଧ୍ୟାପକ ସୁଭ୍ରାଂଶୁ ସୁନ୍ଦର ଦାସ, ନିରଞ୍ଜନ ପୋଡ଼, ରମେଶ ମଲ୍ଲିକ, ସଙ୍ଗୀତ ପଣ୍ଡା, ଅମିତା ଦାସ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀ




ମାନେ ମିଳିତ ଭାବେ ଦେଶାତ୍ମବୋଧ ଗୀତ ଗାନ କରିଥିଲେ। ଆଜିର ଏହି ଛାତ୍ରଶକ୍ତି ହିଁ ଆଗାମୀ କାଲିର ଭାରତ ଗଠନ କରିବେ। ତେଣୁ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷା ଓ ସୁଯୋଗ ପ୍ରଦାନ କରିବା ସମସ୍ତଙ୍କର ଦାୟିତ୍ୱ। କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଅଧ୍ୟାପକ ରୋହିଣୀ ସିରିକା ଏବଂ ବିଜୟ ଲକ୍ଷ୍ମୀ ଦଳଇ, ହର ପ୍ରସାଦ ପତି, ବିନୋଦ ଲେଙ୍କା ସହିତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

ସେହିପରି ସେମିଲିଗୁଡା ବ୍ଲକ ଅନ୍ତର୍ଗତ ପାଖଝୋଲା ପଞ୍ଚାୟତର ଉପରମାନିଆ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ଠାରେ ଆଜି ଶିଶୁ ଦିବସ ପାଳିତ ହୋଇ ଯାଇଛି ଏହି ଶିଶୁ ଦିବସ ରେ ଏକ ସଭା ଅନୁଷ୍ଠିତ ହୋଇ ଥିଲା ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମ୍ପ୍ରସାରଣ ଅଧିକାରୀ କଫି ବୋର୍ଡ, ଭାରତ ସରକାର, କୋରାପୁଟ ଉପେନ୍ଦ୍ର ଶାହା, ଅତିଥି ଗୋଷ୍ଠୀ ପ୍ରକଳ୍ପ ପରିଚାଳନା, ସେମିଲିଗୁଡା ସ୍ନେହଲତା ମିଶ୍ର, ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଦାଶିବ ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ, ବରିଷ୍ଠ ଶିକ୍ଷକ ଧନେଶ୍ୱର ମହାପାତ୍ର, ବରିଷ୍ଠ ଶିକ୍ଷକ ଚୈତନ୍ୟ ପ୍ରସାଦ ନାୟକ, ସୀମାଞ୍ଚଳ ବାରିକ, ବସନ୍ତ କୁମାର ବେହେରା, ଭ୍ରମରବର ସାହୁ, ରଘୁନାଥ ଗୁଣ୍ଟା ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଚନ୍ଦ୍ରକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ଦିବସ ଓ ଜନଜାତୀୟ ଗୌରବ ଦିବସ

ପଟାଙ୍ଗି, ୧୫।୧୧(ସମିସ): କୋରାପୁଟ ଜିଲ୍ଲା କୁନ୍ଦୁଲି ପଞ୍ଚାୟତ ଅନ୍ତର୍ଗତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପୁଙ୍ଗାର ଠାରେ ଶିଶୁଦିବସ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି।ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗର ଅଧ୍ୟାପକ ପ୍ରଣବ କିଶୋର ପଟ୍ଟନାୟକ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଷଷ୍ଠ ଶ୍ରେଣୀ ଛାତ୍ରୀ ମାନସା ପାଙ୍ଗି ଓ ସପ୍ତମ ଶ୍ରେଣୀ ଛାତ୍ର ନାଗେଶ ଯାନି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିଶୁ ଦିବସକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଛାତ୍ର ଓ ଶିକ୍ଷକ ଏବଂ ଛାତ୍ରୀ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ




ହୋଇଥିଲା। ବିଜୟୀ ଶିକ୍ଷକ ଓ ଛାତ୍ରୀ ଦଳଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରା ଯାଇଥିଲା। ବିଦ୍ୟାଳୟର ସାଂସ୍କୃତିକ ବିଭାଗ ତରଫରୁ ଅର୍ଥନୀତି ଅଧ୍ୟାପିକା ଛାୟା ଯାଦବ ଓ ହିନ୍ଦୀ ଶିକ୍ଷକ ସଞ୍ଜୟ ଖୁସୱା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିବସରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମହେଶ ଚପାଡ଼ିଙ୍କ ନେତୃତ୍ୱରେ ପିଲାଙ୍କ ଦ୍ୱାରା ନିର୍ମିତ ସେଲଫି ପଏଣ୍ଟ ବେଶ୍ ଆକର୍ଷଣୀୟ ହୋଇଥିଲା। ୧ ନଭେମ୍ବରରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧ୍ୟାପକ ଯଶୋବନ୍ତ ମେହେର ଏବଂ ଶିକ୍ଷୟିତ୍ରୀ ତେଜାସ୍ୱିନୀ ଟାକ୍ରି ପରିଚାଳନା ତଥା ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ଅଭିଜିତ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଠିକା ଶ୍ରମିକଙ୍କ ହାଲ୍ ମୁଖ୍ୟ ଫାଟକରେ ଧାରଣା

ସୁନାବେଡ଼ା, ୧୫।୧୧(ସମିସ): ସୁନାବେଡା ସ୍ଥିତ ହାଲ କମ୍ପାନୀରେ କାର୍ଯ୍ୟରତ ପ୍ରାୟ ୨୫୦୦ରୁ ଅଧିକ ଠିକା ଶ୍ରମିକ ବିଭିନ୍ନ ଦାବି ନେଇ ଶନିବାର ସକାଳେ ହାଲର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିଥିଲେ। ଘଟଣାରୁ ପ୍ରକାଶ ଯେ, ଠିକା ଶ୍ରମିକ ମାନଙ୍କୁ ମାସିକ ଦରମା ଠିକ୍ ଭାବରେ ସେମାନଙ୍କ ଦରମା ମିଳି ନ ଥିବା



ବେଳେ ସେମାନେ ୨୦ ବର୍ଷ ପୂର୍ବେ ଯେତିକି ଦରମା ପାଉଥିଲେ, ବର୍ତ୍ତମାନ ମଧ୍ୟ ସେତିକି ଦରମା ପାଉଛନ୍ତି। ତା ' ଛଡ଼ା ମାସକୁ ୨୬ ଦିନ ବଦଳରେ କେବଳ ୧୮ /୨୦ ଦିନର କାମ ହିଁ ମିଳୁଛି। ଯଦ୍ୱାରା ସେମାନଙ୍କ ପରିବାର ଚଳାଇବା କଷ୍ଟସାଧ ହେଉଛି। ସୁରକ୍ଷା ନିମନ୍ତେ ଯାହାବି ସାମଗ୍ରୀ ଦେବା କଥା ସେ ସବୁ କିଛି ଦେଉନାହାନ୍ତି। ତାଙ୍କୁ ମିଳିଥିବା ଘର ବାବଦରେ ଅଧିକ ଟଙ୍କା କଟୁଛି ଏବଂ ତାଙ୍କର ଦାବି ତାହା ଦରମାରୁ କରିବା ବ୍ୟବସ୍ଥା କରିଦିଅନ୍ତୁ। କାରଖାନାରେ ତାଙ୍କୁ କାମରୁ କାଢି ଦେବୁ ବୋଲି କହି ମାନସିକ ନିର୍ଯାତନା ଦିଆଯାଉଛି। ଠିକା ଶ୍ରମିକ ମାନଙ୍କ ଉପରିସ୍ଥ ସମସ୍ୟା ସମ୍ପର୍କରେ ପ୍ରଧାନମନ୍ତ୍ରୀ, ଶ୍ରମ ମନ୍ତ୍ରୀ, ହାଲ୍ ବାଙ୍ଗାଲୋରର କର୍ପୋରେଟ ଅଫିସ, ଲେବର କମିଶନର, ଜିଲ୍ଲାପାଳ, ହାଲର ମହା ପ୍ରବନ୍ଧକଙ୍କୁ ଲିଖିତ ଅଭିଯୋଗ ଜଣାଇଥିବା ଜଣାଯାଇଛି। ଦାବି ଗୁଡ଼ିକର ସମାଧାନ ନ ହେଲେ ଧାରଣ ତୀବ୍ର ହେବ ବୋଲି କହିଛନ୍ତି।

# ପୁଟସିଲଠାରେ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ

ସେମିଲିଗୁଡା, ୧୫।୧୧(ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତ ସ୍ଥିତ ପୁଟସିଲ ଠାରେ ଇକୋ ରିଟ୍ରେଟ ୨୦୨୫ ଆଭାସୀ ମାଧ୍ୟମରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ




ଉଦ୍‌ଘାଟନ ହୋଇଯାଇଛି। ପୁଟସିଲ ଠାରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ସେମିଲିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ, ତହସିଲଦାର ଦେବବ୍ରତ କରାଟି, ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଦୁଧାରୀ ସମିତି ସଭ୍ୟ ସୁଷମା ପାଙ୍ଗି, ସରପଞ୍ଚ ମାଧବ ନନ୍ଦିବାଲୀ, ଜିଲ୍ଲା ପରିଷଦ ସଭ୍ୟ ମୋହନ ଜାନି ଉପସ୍ଥିତ ଥିଲେ। ଏହି ଇକୋ ରିଟ୍ରେଟ ଆଜି ଠାରୁ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ଫେବୃୟାରୀ ମାସ ପର୍ଯ୍ୟନ୍ତ ଖୋଲା ରହିବ। ସମୁଦାୟ ୨୫ଟି ସୁଟ ରହିଛି। ପଞ୍ଚତାରକା ହୋଟେଲର ସୁବିଧା ଏଠି ପର୍ଯ୍ୟଟକ ମାନେ ପାଇପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୟଦ ସବୀର ସାହା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୩ ବିଦ୍ୟାର୍ଥୀ ପୁରସ୍କୃତ

ସୁନାବେଡ଼ା, ୧୫।୧୧(ସମିସ): ଶିଶୁ ଦିବସ ପାଳନ ଅବସରରେ ଏସ୍ ଏଜୁକେସନର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୨ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ସୁନାବେଡ଼ା, ସେମିଲିଗୁଡା, ଦାମନଯୋଡିର ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷା




ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏସ୍ ଏଜୁକେସନର ନିର୍ଦ୍ଦେଶକ ରାଜ ନୃସିଂହ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓ ଏସ ଏଜୁକେସନର ଅଧ୍ୟକ୍ଷା ଭବାନୀ ଆଚାର୍ଯ୍ୟ, ଏକାଡେମିକ୍ ସଂଯୋଜକ ଅମିୟ ରଞ୍ଜନ ବେହେରାଙ୍କ ସହଯୋଗରେ ଅନ୍ୟ କର୍ମଚାରୀ ପୂଜା ସିଂ, ଶୀତଳ ଦଳାଇ, ସୁଜିତ୍ କୁମାର ଗୌଡ଼, ଚନ୍ଦନ ବିଶୋଇ ଉପସ୍ଥିତ ରହି ଏହି ଶିଶୁ ଦିବସ ପାଳିତ ହୋଇଯାଇଛି। ତନ୍ମଧ୍ୟରୁ ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଦାମନଯୋଡିର ସ୍ୱାତୀ ପ୍ରଧାନ ପ୍ରଥମ ସ୍ଥାନ, ଶୁଭସ୍ମିତା ତ୍ରିପାଠୀ ଦ୍ୱିତୀୟ ସ୍ଥାନ, ବରିଷ୍ଠ ବର୍ଗରେ ଆଦ୍ୟାଶା ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ଶିକ୍ଷୟତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ଏମ୍‌ଏସ୍ ସ୍ୱାମୀନାଥନ୍‌ର ଜନଜାତୀୟ ଗୌରବ ବର୍ଷ ଉଦ୍‌ଯାପିତ

ଜୟପୁର, ୧୫।୧୧(ସମିସ): ସ୍ୱାଧୀନତା ସଂଗ୍ରାମୀ ବିରସାମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ଜନଜାତୀୟ ଗୌରବ ବର୍ଷ' କାର୍ଯ୍ୟକ୍ରମ ଉଦ୍‌ଯାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁନ୍ଦୁରା, ବୈପାରିଗୁଡ଼ା, କୋରାପୁଟ, ପଟାଙ୍ଗୀ ଓ ଦଶମନ୍ତପୁର ବ୍ଲକର ୧୦୦ରୁ ଅଧିକ ଜନଜାତି ଚାଷୀ ଯୋଗ ଦେଇଥିଲେ। ସେମାନେ ନିଜର ସମୃଦ୍ଧ ସଂସ୍କୃତି, ପାରମ୍ପରିକ ଜ୍ଞାନ ଓ ପରମ୍ପରାକୁ ସୁରକ୍ଷିତ ରଖି ବାୟୋ ହ୍ୟାପିନେସ ଲକ୍ଷ୍ୟ ସାଧନ କରିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଗବାନ ବିରସା ମୁଣ୍ଡାଙ୍କ ଜୀବନ ଓ ସଂଘର୍ଷ ଜନଜାତି ସମାଜ ପାଇଁ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଏ. ଶସ୍ୟା ରେଡ୍ଡି ଯୋଗ ଦେଇ ଲକ୍ଷ୍ମଣ ନାୟକଙ୍କ ଅମର ତ୍ୟାଗକୁ ସ୍ମରଣ କରି ଭଗବାନ ବିରସା ମୁଣ୍ଡାଙ୍କ ସାହସ ଓ ନେତୃତ୍ୱ ବିଷୟରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ପ୍ରଶାନ୍ତ ପରିଡ଼ା ଓ ଡ.କାର୍ତ୍ତିକ ଚରଣ ଲେଙ୍କା ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ନିଜର ବୀଜ, ପାରମ୍ପରିକ ପ୍ରଥା ଓ ସଂସ୍କୃତିକୁ ସୁରକ୍ଷା କରିବାରେ ଅନବରତ ପ୍ରୟାସ ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ଶ୍ରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ଭବନରେ ନେହେରୁ ଜୟନ୍ତୀ

ଜୟପୁର, ୧୫।୧୧(ସମିସ): ଜୟପୁର ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ପରିସରରେ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ



ତାଙ୍କ ସ୍ମୃତିଚାରଣ କରିଥିଲେ। ଉପସ୍ଥିତ ବକ୍ତାମାନେ ନେହୁରଙ୍କ ଜୀବନୀ ବିଷୟରେ ଆଲୋକପାତ କରିବା ସହ ଜିଲ୍ଲା କଂଗ୍ରେସ ଦଳକୁ ସୁଦୃଢ଼ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇଁ ସରକାର, ମଦନ ମୋହନ ନାୟକ, ହାସନ ମଦାନି, ବ୍ରଜ ନାଗ, ଦୁର୍ଗା ଶର୍ମା, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲିଲା ସାଇବର ସୁରକ୍ଷା ସଚେତନତା ରଥ



କୋଷାଗୁମୁଡା, ୧୫।୧୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାରେ ଆଜି ସାଇବର ସୁରକ୍ଷା ନେଇ ଏକ ସଚେତନ ରଥ ବୁଲିଛି। ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ପାଇଁ ଏହି ସଚେତନ ରଥ କୋଷାଗୁମୁଡା ପୋଲିସ ପକ୍ଷରୁ ସହର ପରିକ୍ରମା କରିଥିଲା। ସ୍କୁଲ କଲେଜ ଯାଇ ଛାତ୍ରୀ ମାନଙ୍କୁ ସାଇବର ସୁରକ୍ଷା ନେଇ ସଚେତନ କରାଯାଇଥିଲା। ଇଣ୍ଟରନେଟ୍‌ର ସୁରକ୍ଷା, ସୋସିଆଲ ମିଡ଼ିଆ ସତର୍କତା, ମୋବାଇଲ ଗେମିଂ, ମୋବାଇଲରେ ଆର୍ଥିକ କାରବାର, ଅନ୍‌ଲାଇନ୍ ବ୍ରାଉଜିଂ, ଫେସବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆରେ ନିଜ ଫୋଟ ନ ଦେବା ନେଇ ବିସ୍ତୃତ ସଚେତନ କରାଯାଇଥିଲା। ସେହିପରି ଅଜଣା ଫୋନ କଲ୍ ଉପରେ ସତର୍କତା ଗ୍ରହଣ କରିବାକୁ କୁହା ଯାଇଥିଲା। ଅସାବଧାନତା ଯୋଗୁଁ ସାଇବର ଠକେଇର ଶିକାର ହେଲେ ୧୯୩୦ ନମ୍ବରରେ ଫୋନ କରିବାକୁ କହିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଇବର ସୁରକ୍ଷା ନେଇ ଏକ ସଚେତନ ଡ୍ରାମା ସହ ନୃତ୍ୟ ପରିବେଷଣ କରାଯାଇଥିଲା।

# କେସିସି ବ୍ୟାଙ୍କରେ ସମବାୟ ସପ୍ତାହ




ଜୟପୁର, ୧୫ ।୧୧(ସମିସ): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏହି ସମବାୟ ସପ୍ତାହ ନଭେମ୍ବର ମାସର ୧୪ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଚଳିତ ବର୍ଷ ସମବାୟ ସପ୍ତାହର ଶୀର୍ଷକ 'ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ' ରହିଛି। ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ଏଜିଏମ୍ ହରିଶଚନ୍ଦ୍ର ବାନାଗାଡି, କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମବାୟ ଅନୁଷ୍ଠାନର ସଭ୍ୟ ପରିଚାଳନା ପରିଷଦ ସଦସ୍ୟ ଓ ସଦସ୍ୟା ଓ ସମବାୟବିତ୍ ଏବଂ ଏହି ଆନ୍ଦୋଳନ ସହିତ ଜଡିତ ପ୍ରତ୍ୟେକ ବ୍ୟକ୍ତି ବିଶେଷ ତଥା ସମସ୍ତ ଜନସାଧାରଣଙ୍କୁ ସମବାୟ ସପ୍ତାହ ପାଳନ ଅବସରରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବାରେ ସମବାୟ ଅନୁଷ୍ଠାନ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବ ବୋଲି ଉପସ୍ଥାପନ କରିଥିଲେ। ଏହି ପରିପେକ୍ଷୀରେ ରମାକାନ୍ତ ରାଉଳ ସମବାୟ ପତାକା ଉତ୍ତୋଳନ କରିଥିଲେ। ଶେଷରେ ଅତୁଲ୍ୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ

# ଡାବୁଗାଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ

ଡାବୁଗାଁ, ୧୫।୧୧(ସମିସ)

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଘୋଡାଖୁଣ୍ଟା ପଞ୍ଚାୟତ ଅଧୀନ କୁରୁପା ଠାରେ ନବ ନିର୍ମିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକ ଉପଲକ୍ଷେ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇ ପ୍ରଥମେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରେ ଡାବୁଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରଯାଇଥିଲା। ନବରଙ୍ଗପୁର ଜିଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ



ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ୍, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଡାବୁଗାଁ ଜୋନ-୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଘୋଡାଖୁଣ୍ଟା ପଞ୍ଚାୟତ ସମିତି ସଭ୍ୟ ପରଶୁରାମ ଶବର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡା, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଶାନ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦି କହଁର, ଡିଆଇପିଆରଓ ମନୋଜ କୁମାର ବେହେରା, ଡାବୁଗାଁ ତହସିଲଦାର ଗୀତା ମୁର୍ମୁ, ବିଡିଓ ଶରତ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଅତିଥି ମାନେ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକକୁ ଆଦିବାସୀଙ୍କ ଗୌରବ ଦିବସ ରୂପେ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୭ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା। ଅପରାହ୍ନରେ ଭିଡିଓ କନଫରେନ୍‌ସି ଦ୍ୱାରା ଭରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାବୁଗାଁରେ ନବନିର୍ମିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ। ଶେଷରେ ଛାତ୍ରୀଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ଏଥିରେ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

● ଗାର୍ଲଫ୍ରେଣ୍ଡଙ୍କୁ ଆଇଫୋନ୍ ଦେବା ପାଇଁ ଗଞ୍ଜେଇ ଚାଲାଣ

## ଧରାପଡ଼ିଲେ ୨ ଯୁବକ

ଏମିଭି, ୭ ୯ (ସମିସ)୧୫ ।୧୧(ସମିସ): ଗାର୍ଲଫ୍ରେଣ୍ଡଙ୍କୁ ଜନ୍ମଦିନରେ ଆଇଫୋନ ଦେବା ପାଇଁ ଟଙ୍କା ଯୋଗାଡ଼ କରିବା ଚକରରେ ଗଞ୍ଜେଇ ଚାଲାଣ କରୁଥିବା ଦୁଇ ଯୁବକ ମାଲକାନଗିରି ଜିଲ୍ଲାର ଏମ୍. ଭି-୭ ୯ ଥାନା ପୁଲିସଙ୍କ ହାତରେ ଧରା ପଡ଼ିଛନ୍ତି । ପାଟ୍ରୋଲିଂ କରୁଥିବା ସମୟରେ ଏମ୍.ଭି-୭ ୯ ପୁଲିସ ଟିମ୍ ଲାଛିପେଟା ଛକ ନିକଟରେ ସନ୍ଦେହଜନକ ଏକ୍ଟିଭା ସ୍କୁଟିକୁ ଚେକିଙ୍ଗ କରିଥିଲେ । ସେଥିରେ ମୋଟ ୨୨ କିଲୋ ଗଞ୍ଜେଇ ମିଳିଥିଲା । ମଧ୍ୟରାତିରେ ସେମାନେ ଗଞ୍ଜେଇକୁ ଅନ୍ୟ ଅଞ୍ଚଳକୁ ନେଇ ଉଚ୍ଚ ମୂଲ୍ୟରେ ବିକି ଟଙ୍କା ଯୋଗାଡ଼ କରିବା ଚେଷ୍ଟା କରୁଥିବା ତଥ୍ୟ ମିଳିଛି । ଧରାପଡ଼ିଥିବା ଯୁବକ ଦୁଇଜଣ ହେଲେ ଟି. ତ୍ରିନାଥ କୁମାର, ବି. ଯୁବାଚାରଣ ଆଦିତ୍ୟ । ଉଭୟେ ତେଲେଙ୍ଗାନା ରାଜ୍ୟର ଖମ୍ମମ ଜିଲ୍ଲାର ବାସିନ୍ଦା । ପୁଲିସ ସୂତ୍ର ଅନୁସାରେ ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବା ସହିତ ଚାଲାଣରେ ବ୍ୟବହୃତ ଏକ୍ଟିଭା ସ୍କୁଟିକୁ ମଧ୍ୟ ଜବତ କରାଯାଇଛି । ତେବେ ଦୁଇ ଯୁବକ ଗାର୍ଲଫ୍ରେଣ୍ଡଙ୍କୁ ଜନ୍ମଦିନ ରେ ଆଇଫୋନ ଗିଫ୍ଟ ଦେବା ପାଇଁ ଟଙ୍କା ଯୋଗାଡ଼ କରିବା ଚକ୍କରରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରା ପଡ଼ିଥିବା ଏମି.ଭି-୭ ୯ ଥାନା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି ।

● ରେଳଯାତ୍ରୀଙ୍କ ଠାରୁ ମୋବାଇଲ୍ ଫୋନ୍ ଲୁଟ୍ ଘଟଣା

## ଚୋରକୁ ୨ ବର୍ଷ କାରାଦଣ୍ଡ

ରାୟଗଡ଼ା, ୧୫।୧୧(ସମିସ): ୯ଟି ମୋବାଇଲ ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ୨ବର୍ଷ ଜେଲ ସହ ୫ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି ଜଜ୍ ବର୍ଷା ଦାସ । ଅନାଦେୟ ହେଲେ ଅତିରିକ୍ତ ୧ମାସ ଜେଲରେ ରହିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ଅଜମିନି ସାହୁ ଓରଫ ବେକି । ମାମଲାରୁ ପ୍ରକାଶ ଯେ, ଚଳିତ ବର୍ଷ ଜୁନ ୮ ତାରିଖରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ରେଳବାଇ ଷ୍ଟେସନରେ ମୁନିଗୁଡା ରେଳବାଇ ପୋଲିସ ସୁରକ୍ଷା ବଳ (ଆରପିଏଫ) ଓ ସରକାରୀ ରେଳବାଇ ପୋଲିସ (ଜିଆରପିଏସ) ଷ୍ଟାଫ୍ ମିଶି ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତକୁ ଟିକଟ ବିଷୟରେ ପଚାରିବା ସମୟରେ ସନ୍ଦେହ କରି ତଲାସ କରିବାରୁ ତା ପାଖରୁ ୯ ଗୋଟି ଚୋରି ମୋବାଇଲକୁ ଆରପିଏଫ ଜବତ କରିଥିଲେ । ତଦନ୍ତ ସମୟରେ ଅଭିଯୁକ୍ତ ଜଣକ ରାୟଗଡ଼ାଠାରୁ ୱାଲଟିୟର (ବିଶାଖାପାଟଣମ) ଭିତରେ ବିଭିନ୍ନ ଟ୍ରେନରେ ଯାତ୍ରା କରୁଥିବା ରେଳଯାତ୍ରୀମାନଙ୍କ ମୋବାଇଲ ଚୋରି କରିବା ସ୍ୱୀକାର କରିଥିଲା । ଏହାକୁ ଆଧାର କରି ଆରପିଏଫ ଏଏସଆଇ କେ.ଏସ.ପ୍ରକାଶ ଏକ ମାମଲା ରାୟଗଡ଼ା ଜିଆରପି ଥାନାରେ ଦାଖଲ କରିଥିଲେ । ଜିଆରପିଏସ କେସ ନମ୍ବର ୨୬/୨୫ରେ ଦଫା ୩୦୫(ସି) ବିଏନଏସରେ ରୁଜୁ କରି ୯ ଟି ମୋବାଇଲ ଜବତ କରିବା ସହ ଆସାମୀକୁ କୋର୍ଟ ଚାଲାଣ କରିଥିଲେ । ଏହି କେସକୁ ଜିଆରପି ଏଏସଆଇ ଜଗଦୀଶ ମହାନନ୍ଦ ତଦନ୍ତ ଭାର ନେଇଥିଲେ । ମୋଟ ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇ ସେହି ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବସ୍ତ୍ୟ କରାଯାଇଥିଲା । ପ୍ରକାଶ ଥାଉ କି, ଅଭିଯୁକ୍ତର ଘର ଛତିଶଗଡ଼ ରାଜ୍ୟରେ ବୋଲି ଜଣାପଡ଼ିଥିବା ବେଳେ ଏହି ମାମଲାକୁ ସରକାରଙ୍କ ତରଫରୁ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ପରିଚାଳନା କରୁଥିଲେ ।

## ଆଶ୍ରମ ବିଦ୍ୟାଳୟରେ ପିତାମାତା ସହଭାଗିତା କାର୍ଯ୍ୟକ୍ରମ



ରାୟଗଡ଼ା, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଜେମାଦେଇପେଣ୍ଠ ଗ୍ରାମପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବଡ଼ରାଇସିଂ ଆଶ୍ରମ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନରେ ପିତାମାତା ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜେମାଦେଇପେଣ୍ଠ ଗ୍ରାମ ପଞ୍ଚାୟତର ସରପଞ୍ଚ ରୀତା ପୁଆଲା ଯୋଗ ଦେଇଥିଲେ । କ୍ଲଷ୍ଟର ସିଆରସିସି ସୀମାଞ୍ଚଳ ଲାଡି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡମ୍ବୁରୁ ପୁଆଲା ଏବଂ ସଭ୍ୟ ଚନ୍ଦ୍ରଶେଖର ପୁଆଲା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ଜେନା ବିଦ୍ୟାଳୟର ବିବରଣୀ ପଠନ କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ତଥା ଶିକ୍ଷାକୁ ନେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ସହକାରୀ ଶିକ୍ଷୟିତ୍ରୀ ଛାୟା ପ୍ରଭା ଦାଶ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଶିକ୍ଷୟିତ୍ରୀ କେ.ନୀଳାବେଣୀ ଓ ମାଟ୍ରୋନ ଦୀପ୍ତିଲତା ଗୌଡ଼ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗର କର୍ମଚାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗ ବିଷୟରେ କହିଥିଲେ । ଅଭିଭାବକ ଓ ଅଭିଭାବିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ମଦରେ ବିଷ ମିଶାଇ ବୃଦ୍ଧଙ୍କୁ ହତ୍ୟା ଘଟଣା

# ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା: ୨ ଗିରଫ

କୋରୁକୋଣ୍ଡା, ୧୫ ।୧୧(ସମିସ)



ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମସାପାଲ୍ଲୀ ପଞ୍ଚାୟତ ଅଧୀନ ଏମଭି-୧୨ ଗ୍ରାମ ନିକଟସ୍ଥ କେନ୍ଦୁଗୁଡା ଗ୍ରାମରେ ଗତ ୨୯ ତାରିଖ ରାତିରେ ଦେବା ମାଡ଼କାମୀ-(୬୧)"ନାମକ ବୃଦ୍ଧଙ୍କୁ ଗ୍ରାମର କେହି ବ୍ୟକ୍ତି ମଦରେ ବିଷ ମିଶାଇ ପିଇବାକୁ ଦେଇ ତାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ଦେବାଙ୍କ ପୁଅ ଭୀମା ମାଡ଼କାମୀ ଗତ ୩୦ ତାରିଖ ଗୁରୁବାର କୋରୁକୋଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଉକ୍ତ କେନ୍ଦୁଗୁଡା ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । କୋରାପୁଟରୁ ୩ ଜଣିଆ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ । ଏହି ଘଟଣାର କାରଣ ପୋଲିସ ଖୋଜି ବାହାର କରିଛି । ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗୁଣି ଗାରେଡି ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଛି । ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କେନ୍ଦୁଗୁଡା ଗ୍ରାମର ସୋମା ମାଡ଼କାମୀ ଫେରାର ଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ସୋମାଙ୍କ ସ୍ତ୍ରୀ ମୁକେ ମାଡ଼କାମୀ ଏବଂ ଉକ୍ତ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ମୁକା କବାସୀଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା କୋରୁକୋଣ୍ଡା ଥାନା ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ପୁଲିସ କହିଛି, କେନ୍ଦୁଗୁଡା ଗ୍ରାମରେ ରହୁଥିବା ସୋମା ମାଡ଼କାମୀ ଓ ତାଙ୍କ ପତ୍ନୀ ମୁକେ ମାଡ଼କାମୀଙ୍କ ପୁଅ ପ୍ରାୟ ୨ ମାସ ପୂର୍ବେ ରୋଗରେ ପୀଡିତ ଥିଲେ । ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନହେବାରୁ ତାର ମୃତ୍ୟୁ ହୋଇଥିଲା ପିଲାଟିର ମୃତ୍ୟୁ ହେବାପରେ ଉକ୍ତ ଗ୍ରାମରେ ରହୁଥିବା ଦେବା ମାଡ଼କାମୀ -(୬୧) ନାମକ ବ୍ୟକ୍ତି ତାଙ୍କ ପୁଅକୁ ଗୁଣି ଗାରେଡି କରି ମାରିଦେଇଛି ବୋଲି ସୋମା ଓ ତାଙ୍କ ସ୍ତ୍ରୀ ମୁକେ ସନ୍ଦେହ କରିଥିଲେ । ଉଭୟେ ସ୍ୱାମୀ ସ୍ତ୍ରୀ ଏହି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ । କିଛିଦିନ ପୂର୍ବେ ଏ ନେଇ ଗ୍ରାମରେ ଏକ ମିଟିଙ୍ଗ ହୋଇ ଘଟଣାର ସମାଧାନ ହୋଇଥିଲା । ଏହାର କିଛି ଦିନ ପରେ ସୋମା ଉକ୍ତ ଗ୍ରାମରେ ରହୁଥିବା ମୁକା କବାସୀ ନାମକ ବ୍ୟକ୍ତଙ୍କୁ ସୋମା ନିଜ ଘରକୁ ଡାକି ମୁକାଙ୍କ ହାତରେ ମଦ ବୋତଲ ଦେଇଥିଲେ । ଉକ୍ତ ମଦକୁ ଦେବାଙ୍କୁ ପିଇବାକୁ ଦେବୁ ବୋଲି କହି ପଠାଇଥିଲେ । ମୁକା ସୋମାଙ୍କ କହିବାନୁସାରେ ବୁଧବାର ରାତିରେ ଦେବାଙ୍କ ପାଖକୁ ଯାଇ ତାଙ୍କୁ ବିଷ ମିଶାଯାଇଥିବା ମଦ ପିଇବାକୁ ଦେଇଥିଲେ । ଏହି ସମସ୍ତ ଘଟଣାରେ ସୋମାଙ୍କ ସ୍ତ୍ରୀ ମୁକେ ସହଯୋଗ କରିଥିବା ନେଇ ପୋଲିସ ପଚରା ଉଚୁରା କରିବା ସମୟରେ ମୁକା ସମ୍ମୁଖରେ ପ୍ରକାଶ କରିଥିଲେ । ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ସୋମାଙ୍କୁ ଶୀଘ୍ର ଗିରଫ କରାଯିବ । ସୋମା ଧରା ପଡ଼ିବା ପରେ ଏହି ଘଟଣାରେ ତାଙ୍କ ସହିତ କେଉଁ ମାନଙ୍କର ସମ୍ପୃକ୍ତି ରହିଛି ତାହା ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶ୍ରୀ ବାରିକ କହିଛନ୍ତି ।

## ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ

କୋରୁକୋଣ୍ଡା, ୧୫ ।୧୧(ସମିସ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ବାଲିମେଳା ମହାବିଦ୍ୟାଳୟ ଓ ବାଲିମେଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପାଳନ କରାଯାଇଛି ।



କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ୧୪ ଗୋଟି ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀ ମାନେ ନିଜ ନିଜ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରିବା ସହିତ ନିଜ ସଂସ୍କୃତି, ଭାଷା, ସଙ୍ଗୀତ ଓ ଜୀବନଶୈଳୀକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଓ ନିଜ ଲୁକ୍କାୟିତ ସଂସ୍କୃତି କୁ ଉଜାଗର କରିଥିଲେ । କାର୍ଯ୍ୟକ୍ରମକୁ ଜିତେନ କୁମାର ପ୍ରଧାନ ପରିଚାଳନା କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ମାଝୀ ଆଦିବାସୀ ସଂସ୍କୃତିର ସୌନ୍ଦର୍ଯ୍ୟତା ଓ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଛାତ୍ର ଡକ୍ଟର ବିଭୁଦତ୍ତ ମହାନ୍ତି, ମମତା ପାତ୍ର ଓ ଡକ୍ଟର କିଶୋର କୁମାର ଦାସ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ କହିଥିଲେ । କାର୍ଯ୍ୟକ୍ରମ ରେ ବର୍ତ୍ତମାନର ଛାତ୍ର ଛାତ୍ରୀଙ୍କ ଗହଣରେ ମହାବିଦ୍ୟାଳୟ ର ପୂର୍ବତନ ଛାତ୍ରଛାତ୍ରୀ (ଆଲୁମିନି) ମାନେ ମଧ୍ୟ ଯୋଗ ଦେଇଥିଲେ ।

## ଜନଜାତୀୟ ଗୌରବ ଦିବସ

କୁଡୁମୁଲୁଗୁମ୍ମା, ୧୫ ।୧୧(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ନିକଟସ୍ଥ ପୁରୁଣାଗୁମ୍ମା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମହାନ୍ ସ୍ୱତନ୍ତ୍ରତା ସେନାନୀ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳନ ସହିତ ଅଭାଭାବକ ଓ ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ଆଜିର କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ସଭାପତିତ୍ୱ କରିଥଲେ । ମୁଖ୍ୟ ଅତିଥି ଭାବେ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢ଼ୀ ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଗଣେଶ ପ୍ରସାଦ ଦାଶ, ମୁଖ୍ୟବକ୍ତା ବାଳକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ସିମାଞ୍ଚଳ ବିଶ୍ୱାଳ, ଭଗବାନ ସାହୁ, ହିମାଂଶୁ ଶେଖର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଲକ୍ଷ୍ମୀ ମାଝୀ, ସଦସ୍ୟ ଶ୍ୟାମସୁନ୍ଦର ମାଝୀ ଓ ସୁଖିରାମ ସଗରୀଆ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱାଳ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରତିଯୋଗୀତାର କୃତକାର୍ଯ୍ୟ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ବର୍ଗର ତର୍କ ପ୍ରତିଯୋଗିତାରେ ସବିତା ପେଦା ଓ କନିଷ୍ଠ ବର୍ଗରେ ଶାନ୍ତିପ୍ରିୟ ଗୁଡିଆ, ସାଧାରଣ ଜ୍ଞାନରେ ଅଞ୍ଜଳି ମାଡକାମୀ ଓ ତୁଳସୀ ଶିଷା, ରଙ୍ଗୋଲି ଚିତ୍ର ପ୍ରତିଯୋଗିତାରେ ଅଞ୍ଜନା ଦିସାରୀ ଓ ସୁମିତା ମାଢ଼ୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଶେଷରେ ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ । ଶିକ୍ଷକ ବିଭୁପଦ ସାହୁ ସମ୍ପୁର୍ଣ୍ଣ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ।

## ଫୁଲପିନ୍ଧାରେ ବିର୍ସାମୁଣ୍ଡାଙ୍କ ଜୟନ୍ତୀ

ଟିକିରି, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ ଫୁଲ ପିନ୍ଧା ଗ୍ରାମରେ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବୃକ୍ଷ ମୂଳରେ ପାଣି



ଦେଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ଜନଜାଗରଣ ମଞ୍ଚର ସଭାପତି ଯୁଧିଷ୍ଠିର ନାୟକ ନେତୃତ୍ୱରେ । କାଶିପୁର ବ୍ଲକ ରେ ସରକାରୀ ବେସରକାରୀ ଅନୁଷ୍ଠାନ ବିଭିନ୍ନ ସ୍ଥାନରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଛି । କିନ୍ତୁ ଲୋକ ସଂଗଠନ ଜନଜାଗରଣ ମଞ୍ଚ ଫୁଲ ପିନ୍ଧା ଗ୍ରାମରେ ସହିଦ ବୀର ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ନିଆରା ପରମ୍ପରା ଢଙ୍ଗରେ ମନାଇଛି । ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗରଣ ମଞ୍ଚ ପକ୍ଷରୁ ୧୦ ଗୋଟି ବ୍ଲକ ସାଙ୍ଗକୁ ଫୁଲପିନ୍ଧା ଗ୍ରାମରେ ସହିଦ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରିବା ସହ ଆଦିବାସୀ ପରମ୍ପରା ବିକାଶ ଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରା କାଶିପୁର ବ୍ଲକର ୧୨୦ ଖଣ୍ଡ ଗ୍ରାମ ପରିଭ୍ରମଣ କରିବ ଏବଂ ୧୨ ଦିନ ଚାଲିବ । ଏହି ସଭାରେ ଜନଜାଗରଣ ମଞ୍ଚର ସଭ୍ୟ ସଭ୍ୟା ରୂପଧର ଗୋଉଡ, ଘାଶି ଝୋଡିଆ, ଚିନ୍ତାମଣୀ ଝୋଡିଆ, ମଦନା ବତି ଝୋଡିଆ, ତାରାବତୀ ଝୋଡିଆ, ମୋହନ ପାତ୍ର, ଅମି ମାଝୀ, ସୁବ୍ରି ମାଝୀ, ରାୟ ସିଙ୍ଗ ମାଝୀ, ବିଶ୍ୱମ୍ବର ନାଏକ ଉପସ୍ଥିତି ରହି ସଂଗଠନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ସ୍ୱାଗତ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ । ସଭାକୁ ଜନଜାଗରଣ ମଞ୍ଚର ସକ୍ରିୟ ସଦସ୍ୟ ସୀମାଞ୍ଚଳ ନାଏକ ପରିଚାଳନା କରିଥିବା ବେଳେ ପଦ୍ମଲୋଚନ ମାଝୀ, ପାଇକ ମାଝୀ, କେଶବ ମାଝୀ, କାହ୍ନୁ ଝୋଡିଆ, ସିଙ୍ଗ ଗଉଡ଼, ସଦା ମାଝୀ, ବିଶେନ୍ଦ୍ର ନାଏକ, ସୁରତ ଗୋପାଳ, ଭାଗୀରଥି ସାହୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ଜାତୀୟସ୍ତରର ଜୁଡୋରେ ଯୋଗ ଦେବେ ଦୁଇ ବଣ ମଲ୍ଲି

ମାଲକାନଗିରି, ୧୫ ।୧୧(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟୀ ମୁଦୁଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ବଡପଡ଼ା ଗ୍ରାମର ବଣ୍ଡା ଜନଜାତି ପରିବାରର ଛାତ୍ର ବିନୋଦ ଚଲାନ(୧୩) ଓ ଗୋବିନ୍ଦପାଲି ପଞ୍ଚାୟତ ଅନ୍ତର୍ଗତ ସୋମାକୁଣ୍ଡ ଗ୍ରାମର ଛାତ୍ର ମହେଶ ହନ୍ତାଳ (୧୩) ଜାତୀୟ ସ୍ତର ଜୁଡୋ ପ୍ରତିଯୋଗୀତାରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି । ଜିଲ୍ଲା ପାଇଁ ଏହା ଏକ ଗର୍ବ ଓ ଗୌରବର ବିଷୟ ହୋଇଥିବା ବେଳେ ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ଉଭୟ ଛାତ୍ର



ମାଲକାନଗିରି ସଦରରେ ଥିବା କୁମୁଟିଗୁଡ଼ା ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଥିବା ବେଳେ ବର୍ତ୍ତମାନ ସେମାନେ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ସାଜିଛନ୍ତି । ଦୁହେଁ ପିଲାଦିନୁ ନିଜ ପିତା ମାତାଙ୍କୁ ଦେଖି ନାହାଁନ୍ତି । ବିଭିନ୍ନ ଅଭାବ ଅନାଟନରୁ ବାହାରି ନିଜ ଦୃଢ ଇଚ୍ଛା ଶକ୍ତିରେ ଜୀବନରେ କିଛି ଅଲଗା କରି ଦେଖେଇବାକୁ ଦୃଢ ସଂକଳ୍ପ ନେଇଛନ୍ତି । ତାଙ୍କ ସ୍ୱପ୍ନକୁ ଡେଣା ଦେଇ ସାକାର କରିବାରେ ଜିଲ୍ଲାର ଆଓମା ଗୁରୁକୁଳ ଏବଂ ଜିଲ୍ଲା ଯୁଡୋ ସଂଘର ସମସ୍ତ ସଦସ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି । ବିନୋଦ ଏବଂ ମହେଶ ଚଳିତ ବର୍ଷ ରାଜ୍ୟ ସ୍ତରୀୟ ସବ ଜୁନିୟର ଯୁଡୋ ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଜିଲ୍ଲା ଓ ବିଦ୍ୟାଳୟର ନାମ ଉଜ୍ଜଳ କରିଛନ୍ତି । ଏବେ ସେମାନେ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦର ଲାଲ ବାହାଦୁର ଷ୍ଟାଡିୟମ ଠାରେ ଚଳିତ ମାସ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଯୁଡୋ ଫେଡରେଶନ ଅଫ ଇଣ୍ଡିଆର ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଜାତୀୟ ସବ୍ ଜୁନିୟର ଯୁଡୋ ପ୍ରତିଯୋଗୀତା ୨୦୨୫ ରେ ଅଂଶଗ୍ରହଣ କରିବେ । ଓଡ଼ିଶା ସବ୍ ଜନିଅର୍ ବିଭାଗର ଅନ୍ୟ ଖେଳାଳୀଙ୍କ ସହିତ ବିନୋଦ ନିଜର -୪୦ ଏବଂ ମହେଶ -୩୦ ଓଜନ କ୍ୟାଟେଗୋରୀରେ ଖେଳିବେ ।

## ରିତମ କଲେଜରେ ବିଜ୍ଞାନ ଉତ୍ସାହ କାର୍ଯ୍ୟକ୍ରମ

ରାୟଗଡ଼ା, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପିତାମହଲ ଉପକଣ୍ଠ ରିତମ କଲେଜ ପରିସରରେ ଅଧ୍ୟକ୍ଷ ଡ. ଏସ. ଶ୍ରୀନିବାସନଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ତରର ସେମିନାର ଓ ଶିଶୁ ଦିବସ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କିଶନ କୁମାର ସ୍ୱାଗତ ଭାଷଣ ଦେଇଥିଲେ । ଅନୁଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ସନତ କୁମାର ପଣ୍ଡା ଅତିଥି ସମ୍ମାନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାୟଗଡ଼ା ସ୍ଥିତ ଜିଆଇଏସିଆରର ପ୍ରଫେସର ଡ. ଜୁଲୀ ମାର୍ଗରିଡ୍ରେସ ଯୋଗ ଦେଇ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । କିଶନ



କୁମାର ବିଜ୍ଞାନ କିପରି ଭାବେ ବ୍ୟବସାୟିକ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭୂମିକା ଗ୍ରହଣ କରିଛି ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ଏସ. ଶ୍ରୀନିବାସନ ଓ ଆସିଷ୍ଟାଣ୍ଟ ପ୍ରଫେସର ସନତ କୁମାର ପଣ୍ଡା ମୁଖ୍ୟ ଅତିଥି ଡ. ଜୁଲୀ ମାର୍ଗରିଡ୍ରେ ଏସଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମର ପରେ ପରେ ଅନୁଷ୍ଠାନର ପ୍ରତିବର୍ଷ ପରି ଶିଶୁଦିବସ ପାଳନ କରାଗଲା । ଛାତ୍ରଛାତ୍ରୀଙ୍କୁ ଶିଶୁ ଦିବସ ନିମନ୍ତେ ଉପହାର ଦେବା ସହ ବିଭିନ୍ନ ପ୍ରତିଯୋଗିତା ରେ ବିଜେତା ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ଦିଆଯାଇଥିଲା । ଏଚଆଣ୍ଡ ବିଏସର ଏଚଓଡି ଆସିଷ୍ଟାଣ୍ଟ ପ୍ରଫେସର ଅରୁଣ ପାଣି ମୁଖ୍ୟ ଅତିଥି, ଅଧ୍ୟକ୍ଷ, ପ୍ରାଧ୍ୟାପକ ପ୍ରଧ୍ୟାପିକା ଓ ଛାତ୍ରଛାତ୍ରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ



ଗୁଡାରି, ୧୫।୧୧(ସମିସ): ଗୁଡାରୀ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ଧୁମଧାମ୍ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଷ୍ଟ ଅଫିସ୍ କାର୍ଯ୍ୟାଳୟର ମୁଖ୍ୟ ନରହରୀ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଏଥିରେ ପ୍ରଥମ ଅଶ୍ୱନୀ ଦଳପତି, ଅଙ୍କିତ ଦଳପତି ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ପ୍ରତ୍ୟୁସି ରଥ ରହିଛନ୍ତି । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲକେଶ୍ୱରୀ ପ୍ରଧାନ । ଏଥିରେ ପ୍ରଧାନ ଆଚାର୍ଯ୍ୟ ଦିଲିପ ସାହୁ ଉପସ୍ଥିତ ରହି କାର୍ଯ୍ୟଭାର ସମ୍ଭାଳିଥିବା ବେଳେ ସମସ୍ତ ଗୁରୁ ଜି ଗୁରୁମା ସହଯୋଗ କରିଥିଲେ । ସେହିପରି ଗୁଡାରୀ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି ।

ରାୟଗଡ଼ାରେ ଖେଳ ସାଂସଦ କାର୍ଯ୍ୟକ୍ରମ

# ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ଅଭାବ ନାହିଁ : କ୍ରୀଡ଼ା ମନ୍ତ୍ରୀ

ରାୟଗଡ଼ା, ୧୫।୧୧(ସମିସ)



ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ଲୁକ୍କାୟିତ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ କୋରାପୁଟ ଲୋକସଭା କ୍ଷେତ୍ରର ରାୟଗଡ଼ା ଠାରେ ସାଂସଦ ଖେଳ ମହୋତ୍ସବ -୨୦୨୫ ଅନୁଷ୍ଠିତ ହେବ । ଆଜି ରାୟଗଡ଼ାର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଅତିଥିମାନେ ଏ ନେଇ ବକ୍ତବ୍ୟ ରଖିଛନ୍ତି । ସାଂସଦ ଖେଳ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଉଚ୍ଚ ଶିକ୍ଷା ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକାଶ କରିଥିଲେ । ରାୟଗଡ଼ା ଜିଲ୍ଲାରେ ମୁଗାଇ ମାଝି, ବିଶ୍ୱକପ୍ ବିଜେତା ଖୋଖୋ ଭାରତୀୟ ଦଳର ଖେଳାଳୀ, ସ୍ୱିଟି ପ୍ରଧାନ ଭଳି ବ୍ୟାଡମିଣ୍ଟନ ଖେଳାଳୀଙ୍କ ସହ ଅନେକ ଯୁବ ପ୍ରତିଭାଙ୍କ ଅଭାବ ନ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ବ୍ଲକରେ ୧୪କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକସ୍ତରୀୟ ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ପ୍ରକାଶ କରିଥିଲେ । ଅଗାମୀ ଡିସେମ୍ବର ୨୫ତାରିଖରେ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତିରେ ଖେଳ ମହୋତ୍ସବ ସମାପ୍ତ ହେବାକୁ ଥିବା ବେଳେ ହାତରେ ୪୦ଦିନ ରହିଛି । ଏଥିପାଇଁ ୮ଟି ଖେଳ ଶୃଙ୍ଖଳିତରେ ଆୟୋଜିତ ହେବ । ସାଂସଦ ଖେଳ ମହୋତ୍ସବ ପୋର୍ଟାଲରେ ଇଚ୍ଛୁକ ମାନେ ଆବେଦନ କରନ୍ତୁ ବୋଲି ନ୍ୟତମ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳୀରାମ ମାଝି, ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା ଶିବଶଙ୍କର ଉଲାକା, ବସନ୍ତ ଉଲାକା, ଉମେଶ ଖୋସଲା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ରାଜେଶ ପାଣିଗ୍ରାହୀ, ଅଜୟ ତୁଲେଟ, ମଞ୍ଜୁଳା ମିଣିଆକା ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ରାୟଗଡ଼ାର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ସେଞ୍ଚୁରୀୟନ ୟୁନିଭରସିଟିର ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ, ଜିଷ୍ଟ କଲେଜ, ମହିଳା ମହାବିଦ୍ୟାଳୟ ଭଳି ଅନ୍ୟ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ମଞ୍ଚରେ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଯୁବକମାନେ ଉପସ୍ଥିତ ରହିଥିଲେ ।

## ଜିଲ୍ଲାସ୍ତରୀୟ ଜନ ଜାତୀୟ ଗୌରବ ଦିବସ

ମାଲକାନଗିରି, ୧୫ ।୧୧(ସମିସ): ଧରତୀ ଆବ୍‌ବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ମାଲ୍ୟବନ୍ତ ହଷ୍ଟେଲ ପରିସରରେ ଜିଲ୍ଲା ସ୍ତରୀୟ ଜନ ଜାତୀୟ ଗୌରବ ଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇ ଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି ଉପସ୍ଥିତ ଥିଲେ । ଆଜି ଟଙ୍ଗଗୁଡା, ନିଳିମାରୀ, ତୁମୁସାପାଲୀ ଓ କୋଟାମାଟେରୁ ସ୍ଥିତ ଆଶ୍ରମ ସ୍କୁଲ୍ ନିମନ୍ତେ ୪ ଗୋଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି । ଜନଜାତି ଯୁବ ଉଦ୍ୟୋଗୀ ମାନଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ହିତାଧୀକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଆଦିବାସୀ ମହାସଂଘ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜନଜାତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୬ ● ପାଉଣ୍ଡ ୧୧୭.୨୪
- ୟୁରୋ ୧୦୩.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୮,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୫୬୨.୦୦
- ନିଫ୍ଟି ୨୫,୯୦୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପରାଜୟ ପରେ ଭାଙ୍ଗୁଛି ଟ୍ରମ୍ପଙ୍କ ଦମ୍ଭ



## କଫି-ଫଳରୁ ହଟାଇଲେ ଶୁଳ୍କ

ୱାଶିଂଟନ, ୧୫ା୧୧ (ଏଜେନ୍ସି): ଭର୍ଜିନିଆ ଏବଂ ନ୍ୟୁଜର୍ସି ନିର୍ବାଚନରେ ହାରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫୁଟାଣୀ ଭାଙ୍ଗି ଯାଇଛି। ପୁଣିଥରେ ଟ୍ରମ୍ପ ପଛଘୁଞ୍ଚା ଦେଇଛନ୍ତି। ସେ ଶୁକ୍ରବାର ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରି ଶୁଳ୍କ ହ୍ରାସ କରିଦେଇଛନ୍ତି। କଫି, ଫଳ, ବିଫ୍ ସହିତ ୧୨ରୁ ଅଧିକ କୃଷିଜାତ ପଦାର୍ଥରେ ଲଗାଯାଇଥିବା ଶୁଳ୍କକୁ ହଟାଇ ଦେଇଛନ୍ତି। ଏହା ପଛରେ ଦରଦାମ ବୃଦ୍ଧି ବଡ଼ କାରଣ ରହିଛି। ତେବେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଉତ୍ପାଦର ମୂଲ୍ୟକୁ ସ୍ଥିର ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ଉପରେ ଲଗାଯାଇଥିବା ଶୁଳ୍କର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡ଼ିଥିଲା। ଚା, ଫଳରସ, ମସାଲା, କୋକୋ, କଦଳୀ, କମଳା, ଟମାଟୋ ସମେତ ଆଉ କିଛି ଉତ୍ପାଦରୁ ଶୁଳ୍କ ଛାଡ଼ି କରିଦିଆଯାଇଛି। ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ଶୁଳ୍କ ଯୋଗୁ ଆମେରିକୀୟଙ୍କ ଉପରେ ବୋଝ ବଢ଼ିଥିଲା। ପରିବାରର ବାର୍ଷିକ ହାରାହାରି ଆୟ ୨ ଲକ୍ଷରୁ ବଢ଼ି ୮ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଖାଦ୍ୟସାମଗ୍ରୀ ମୂଲ୍ୟ ୨.୭%, ବିଫ ୭%, କଦଳୀ ୭% ମହଙ୍ଗା ହୋଇଥିଲା। ଏଥିଯୋଗୁ ମାସିକ ବ୍ୟୟ ୯ ହଜାର ଟଙ୍କାରୁ ବଢ଼ି ୬୬ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା।

ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ଆମେରିକାକୁ ଭାରତ ପରି ଅନେକ ଦେଶର ଯୋଗାଣ ହ୍ରାସ ପାଇଛି। ଶୁଳ୍କ ଯୋଗୁଁ ଲୋକଙ୍କ ଉପରେ ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଫଳ ବିପରୀତ ହୋଇଥିଲା। ଏବେ ପନିପରିବା ଏବଂ ଫଳ ଆମଦାନୀ ବଢ଼ାଇବାକୁ ଆମେରିକା ନିଷ୍ପତ୍ତି ନେଇଛି।

## ଦେବାଳିଆ ହେଲାଣି ୬୫୫ ବଡ଼ କମ୍ପାନୀ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଆମେରିକାରେ ନିବେଶ ପାଇଁ ସାରା ବିଶ୍ୱ ଉପରେ ଚାପ ପକାଉଥିବା ଟ୍ରମ୍ପ ଏବେ ନିଜ ଚାପରେ ଅଛନ୍ତି। କାରଣ ଆମେରିକା କମ୍ପାନୀଗୁଡ଼ିକର ସ୍ଥିତି ଦିନକୁ ଖରାପ ହେବାରେ ଲାଗିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଦେଶର ୬୫୫ଟି ବଡ଼ କମ୍ପାନୀ ଦେବାଳିଆ ହୋଇଗଲେଣି। ଏହା ଗତ ୧୫ ବର୍ଷରେ ସର୍ବାଧିକ। ଯଦି ଏହି ଧାରା ଜାରି ରହେ ତେବେ ବର୍ଷ ଶେଷ ସୁଦ୍ଧା ପ୍ରାୟ ୮୦୦ଟି କମ୍ପାନୀ ଦେବାଳିଆ ହୋଇଯିବେ। ଗତ ବର୍ଷକୁ ଛାଡ଼ିଦେଲେ ଏହା ୨୦୧୦ ପରେ ସବୁଠୁ ଅଧିକ। ୨୦୨୪ରେ ଆମେରିକାର ୬୮୭ଟି ବଡ଼ କମ୍ପାନୀ ଦେବାଳିଆ ହୋଇଥିଲେ। ଆମେରିକାରେ ଚଳିତ ବର୍ଷ ଅଗଷ୍ଟରେ ୭୬, ସେପ୍ଟେମ୍ବରରେ ୬୬, ଅକ୍ଟୋବରରେ ୬୮ କମ୍ପାନୀ ଦେବାଳିଆ ହୋଇଥିଲା। ଏଗୁଡ଼ିକ ମଧ୍ୟରୁ ୯୮ଟି କମ୍ପାନୀ ଶିଳ୍ପ କ୍ଷେତ୍ର ସହ ଜଡ଼ିତ। ଏହା ପରେ କଞ୍ଜୁମର ଡିସକ୍ରିସନାରୀ (୮୦) ଏବଂ ହେଲ୍‌ଥକେୟାର (୪୫) ରହିଛି। ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଆମେରିକାରେ ସବୁ କିଛି ଠିକ୍ ନାହି ବୋଲି ଏଥିରୁ ଜଣାପଡୁଛି। ଏହା ପୂର୍ବରୁ ୨୦୧୦ରେ ୮୨୮, ୨୦୧୧ରେ ୬୩୪ଟି, ୨୦୧୬ରେ ୫୭୬, ୨୦୧୭ରେ ୫୨୦, ୨୦୧୮ରେ ୫୧୮, ୨୦୧୯ରେ ୫୮୯, ୨୦୨୧ରେ ୪୦୫ଟି ବଡ଼ କମ୍ପାନୀ ଦେବାଳିଆ ହୋଇଥିଲା।

## ଫ୍ଲିପକାର୍ଟ ପକ୍ଷରୁ ଜିରୋ କମିଶନ ମଡେଲର ଶୁଭାରମ୍ଭ

ଭୁବନେଶ୍ୱର, ୧୫ା୧୧ (ସମିସ): ଫ୍ଲିପକାର୍ଟ ପକ୍ଷରୁ ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ସମସ୍ତ ଉତ୍ପାଦଗୁଡିକ ପାଇଁ ଜିରୋ କମିଶନ ମଡେଲର ଶୁଭାରମ୍ଭ କରି ସେଲର ରେଟ୍ କାର୍ଡ ପାଇଁ ନୂଆ ଘୋଷଣା ହୋଇଛି। ଏହି ନୂଆ ଢାଞ୍ଚା ଅଧିନରେ ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ଉତ୍ପାଦଗୁଡିକୁ ତାଲିକାଭୁକ୍ତ କରୁଥିବା ସମସ୍ତ ଯୋଗ୍ୟ ସେଲରଙ୍କଠାରୁ କମିଶନ ଫି' ନିଆଯିବ ନାହିଁ। ସପ୍‌ସିରେ ସମସ୍ତ ଉତ୍ପାଦ ଉପରେ ମଧ୍ୟ ଏହି ଜିରୋ କମିଶନ ସୁବିଧା ଉପଲବ୍ଧ। ଫ୍ଲିପକାର୍ଟର ବରିଷ୍ଠ ଉପାଧ୍ୟକ୍ଷ ଓ ମାର୍କେଟପ୍ଲେସ ବିଭାଗ ମୁଖ୍ୟ ସାକେତ ଚୌଧୁରୀ କହିଛନ୍ତି ଯେ ଫ୍ଲିପକାର୍ଟରେ ଆମେ ଅନଲାଇନ ବିକ୍ରିକୁ ସରଳ ଓ ଶକ୍ତିଶାଳୀ କରୁଥିବା ପଦକ୍ଷେପଗୁଡିକ ମାଧ୍ୟମରେ ଭାରତର ଏମ୍‌ଏସଏମଇ ଓ ନୂତନ ଯୁଗର ଉଦ୍ୟୋଗୀମାନଙ୍କର ବିସ୍ତୃତ ନେଟ୍‌ୱର୍କକୁ ସଶକ୍ତ କରିବାକୁ ପ୍ରତିବଦ୍ଧ। ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ଉତ୍ପାଦଗୁଡିକୁ ତାଲିକାଭୁକ୍ତ କରୁଥିବା ସେଲର ଓ ସପ୍‌ସିର ସମସ୍ତ ସେଲରଙ୍କ ସାମଗ୍ରିକ ଖର୍ଚ୍ଚରେ ୩୦% ପର୍ଯ୍ୟନ୍ତ ହ୍ରାସ ଘଟିବ।

## ଏଚ୍-୧ବି ଭିସା ପ୍ରତ୍ୟାହାର କରିବ ଆମେରିକା

ୱାଶିଂଟନ, ୧୫ ।୧୧ (ଏଜେନ୍ସି): ଆମେରିକାରେ ଭାରତୀୟଙ୍କ ପ୍ରବେଶ ନେଇ ଖୁବ୍‌ଶୀଘ୍ର ସମସ୍ୟା ସୃଷ୍ଟି ହେବାକୁ ଯାଉଛି। ଚାକିରି ପାଇଁ ଏଚ୍-୧ବି ଭିସା ସମ୍ପୂର୍ଣ୍ଣ ଭାବେ ଶେଷ ହେବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥି ପାଇଁ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଖୁବ୍‌ଶୀଘ୍ର ବିଲ୍ ଆଣିବାକୁ ଯାଉଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଆମେରିକାରେ ଭାରତୀୟଙ୍କ ଚାକିରି କରିବାର ରାସ୍ତା ବନ୍ଦ ହୋଇଯିବ। ଟ୍ରମ୍ପଙ୍କ ଘନିଷ୍ଠ ତଥା ଆମେରିକା ପ୍ରତିନିଧି ସଭାର ସଦସ୍ୟା ମାର୍ଜୋରୀ ଟେଲର ଗ୍ରୀନ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏ ନେଇ ଖୁବ୍‌ଶୀଘ୍ର ବିଲ୍ ଅଣାଯିବ। ଆମେରିକା ଫାର୍ଷ୍ଟ ଅର୍ଥାତ ଆମେରିକୀୟଙ୍କ ପ୍ରାଧାନ୍ୟ ଦେବା ପାଇଁ ଏଚ-୧ବି ଭିସା ପ୍ରଦାନ ପ୍ରକ୍ରିୟାକୁ ଶେଷ କରିବାକୁ ହେବ ବୋଲି କୁହାଯାଇଛି। ଏହି ଭିସାର ଅପବ୍ୟବହାର ହେଉଛି ବୋଲି ସେ କହିଛନ୍ତି। ତେବେ ଆଗାମୀ ୧୦ ବର୍ଷ ପାଇଁ ପ୍ରତିବର୍ଷ ୧୦ ହଜାର ଡାକ୍ତରଙ୍କୁ ଏଚ୍-୧ବି ଭିସା ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି। ଆମେରିକା ପ୍ରତିବର୍ଷ ଦେଉଥିବା ୮୫ ହଜାର ଏଚ୍-୧ବି ଭିସାରୁ ପାଖାପାଖି ୭୦ ପ୍ରତିଶତ ଭାରତୀୟଙ୍କୁ ହିଁ ପ୍ରଦାନ କରାଯାଇଥାଏ।

## ଶିଶୁ ଦିବସରେ ୯ ହଜାରରୁ ଅଧିକ ପିଲାଙ୍କ ପାଖରେ ପହଞ୍ଚିଲା ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର, ୧୫ା୧୧ (ଏଜେନ୍ସି): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶରେ ଶିଶୁ ଦିବସ ୨୦୨୫ ପାଳନ କରିଛି। ଶିକ୍ଷାଗତ ସହାୟତା, ସାଂସ୍କୃତିକ ସମ୍ପର୍କ, କ୍ରୀଡା ଏବଂ ଦକ୍ଷତା-ନିର୍ମାଣ ଉପରେ କେନ୍ଦ୍ରିତ ଏକ ସମୃଦ୍ଧ ମିଶ୍ରଣ ମାଧ୍ୟମରେ ଏହି ଉତ୍ସବ ୯, ୦୦୦ ରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଥିଲା। ଏହା ଯୁବ ମନକୁ ପୋଷଣ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହାର ବ୍ୟାପକ ସିଏସଆର ଦୃଷ୍ଟିକୋଣର ଅଂଶ ଭାବରେ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତାରେ ନିରନ୍ତର ହସ୍ତକ୍ଷେପ ମାଧ୍ୟମରେ ପିଲାମାନଙ୍କର ସାମଗ୍ରିକ ବିକାଶରେ ନିବେଶ ଜାରି ରଖିଛି। ଅତ୍ୟାଧୁନିକ ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସୁସଜ୍ଜିତ ବିଜ୍ଞାନ ପ୍ରୟୋଗଶାଳାଠାରୁ ଆରମ୍ଭ କରି ଧନୁଯାତ୍ରା ଏକାଡେମୀ ଏବଂ ବ୍ୟାପକ ଦକ୍ଷତା ବିଦ୍ୟାଳୟ ପର୍ଯ୍ୟନ୍ତ, କମ୍ପାନୀର ପଦକ୍ଷେପଗୁଡ଼ିକ ପିଲା ଏବଂ ଯୁବକମାନଙ୍କୁ ସେମାନଙ୍କର ଉନ୍ନତି ପାଇଁ ଆବଶ୍ୟକ ଉପକରଣ ସହିତ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ପିଲାମାନଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଶିଶୁ ଦିବସ ପାଳନ ସେହି ସମାନ ଦର୍ଶନକୁ ପ୍ରତିଫଳିତ କରୁଛି।

## ଟିପିସିଓଡିଏଲର ଅତ୍ୟାଧୁନିକ 'କଷ୍ଟମର୍ କେୟାର୍ ସେଣ୍ଟର୍' ଉଦ୍‌ଘାଟିତ

ଭୁବନେଶ୍ୱର, ୧୫ା୧୧ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ପାୱର ହାଉସ୍ କଲୋନୀ ନିକଟରେ ଏହାର ବିସିଡିଡିୀ ମଡେଲ୍ ଗ୍ରାହକ ସେବା କେନ୍ଦ୍ର ଉଦଘାଟନ କରିଛି। ଏହା ମାଧ୍ୟମରେ ଭୁବନେଶ୍ୱରର ଚାରି ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ



ଗୋଟିଏ ସ୍ଥାନରେ ସବୁ ସମସ୍ୟାର ସମାଧାନ ପାଇପାରିବେ। ଏହି କେନ୍ଦ୍ରକୁ ଗ୍ରାହକ ସେବାର ଏକ ମଡେଲ୍ ଭାବରେ ପ୍ରତିଷ୍ଠା କରାଯାଇଛି। ଏଠାରେ ଆଧୁନିକ ସୁବିଧା ସହିତ ପ୍ରଯୁକ୍ତିବିଦ୍ୟା ଆଧାରିତ ସେବାଗୁଡିକ ଉପଲବ୍ଧ ରହିଛି। ଏଠାରେ ଡିଜିଟାଲ୍ କିଓସ୍କ, ସ୍ୱୟଂ-ସେବା ବିକଳ୍ପ, ଏକ ଉତ୍ସର୍ଗୀକୃତ ଧାଡ଼ି ପରିଚାଳନା ପ୍ରଣାଳୀ, ବାସ୍ତବ-ସମୟ ମତାମତ ବ୍ୟବସ୍ଥା, ସମ୍ମିଳନୀ କକ୍ଷ ଏବଂ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ରହିଛି। ଏହି ସେଣ୍ଟର ଗ୍ରାହକ ସଂପର୍କ ଓ ସଚେତନତାର ଏକ ମୁଖ୍ୟ କେନ୍ଦ୍ର ଭାବେ କାମ କରିବ। ଉଦଘାଟନ ଉତ୍ସବରେ ଟାଟା ପାୱାରର ସିଏଚ୍‌ଆରଓ ଏବଂ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ମୁଖ୍ୟ ହିମଲ ତିୱାରୀ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ହିମଲ ତିୱାରୀ କହିଥିଲେ ଯେ ଏହି କେନ୍ଦ୍ର ସରଳ, ସ୍ୱଚ୍ଛ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସେବା ଅଭିଜ୍ଞତା ପ୍ରଦାନ ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

**ଏମ୍‌ଜଙ୍କ୍‌ସନ୍‌ର ଇସ୍ପାତ ସମ୍ମିଳନୀ**

## ଭାରତର ଇସ୍ପାତକୁ ଅଙ୍ଗାରକମୁକ୍ତ କରିବାର ଚାବି 'ସ୍କ୍ରାପ୍'

ମୁମ୍ବଇ, ୧୫ା୧୧ (ସମିସ): ସବୁଜ ଇସ୍ପାତ ନିମନ୍ତେ ସ୍କ୍ରାପ୍ ଏକ ମୁଖ୍ୟ ଉପାଦାନ ଭାବରେ ଉଭା ହେଉଛି ବୋଲି ଦ୍ୱାଦଶ ଇଣ୍ଡିଆନ ଷ୍ଟିଲ ମାର୍କେଟ୍‌ସ୍ କନ୍‌ଫରେନ୍ସରେ ବକ୍ତାମାନେ ଉଲ୍ଲେଖ କରିଛନ୍ତି। 'ଇସ୍ପାତ ଏଭଳି ଏକ ପଦାର୍ଥ ଯାହାକୁ ନିଜର ସାମର୍ଥ୍ୟ ଅଥବା ଗୁଣବତ୍ତା ନ ହରାଇ ଅପରିମିତ କାଳ ପର୍ଯ୍ୟନ୍ତ ପୁନଃଚକ୍ରଣ କରାଯାଇପାରିବ। ଏହା ଇସ୍ପାତକୁ ଶିଳ୍ପ ଅଭିବୃଦ୍ଧିର କେବଳ ମେରୁଦଣ୍ଡ କରି ଗଢିତୋଳୁନାହିଁ, ବରଂ ଦୀର୍ଘସ୍ଥାୟୀ କରିଛି। ଭାରତ ସମ୍ପ୍ରତି ବାର୍ଷିକ ୪୨ ନିୟୁତ ଟନ୍ ସ୍କ୍ରାପ୍ ବ୍ୟବହାର କରୁଛି। ଏହି ପରିମାଣ ବାର୍ଷିକ ୬% ହାରରେ ବୃଦ୍ଧିପାଉଛି। ଦେଶକୁ ପ୍ରତିବର୍ଷ ପ୍ରାୟ ୯ ନିୟୁତ ଟନ୍ ସ୍କ୍ରାପ୍ ଆମଦାନୀ କରାଯାଏ,' ବୋଲି ଏମ୍‌ଜଙ୍କସନ୍ ସର୍ଭିସେସ୍ ଲିମିଟେଡର ଏମ୍‌ଡି ବିନୟ ବର୍ମା କହିଛନ୍ତି। ଦୁଇଦିନିଆ ଦ୍ୱାଦଶ ଇଣ୍ଡିଆନ୍ ଷ୍ଟିଲ ମାର୍କେଟସ୍ କନ୍‌ଫରେନ୍ସର ଉଦ୍‌ଘାଟନୀ ଅଧିବେଶନରେ ସେ ଏହି ଟିପ୍ପଣୀ



ଦେଇଛନ୍ତି।

ଇସ୍ପାତ କ୍ଷେତ୍ରକୁ ଅଙ୍ଗାରକମୁକ୍ତ କରିବା ନିମନ୍ତେ ବିଶ୍ୱସ୍ତରରେ ଚିନ୍ତା ପ୍ରକାଶ ପାଉଥିବାବେଳେ ଚଳିତ ବର୍ଷ ଏହି ସମ୍ମିଳନୀର ବିଷୟବସ୍ତୁ 'ଇଣ୍ଡିଆନ ଷ୍ଟିଲ ଭାଲ୍ୟୁ ଚେନ- ରିସାଇକଲ, ରିସେପ୍, ଇନୋଭେଟ, ସଷ୍ଟେନ' ରହିଛି। ସେଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜାଭେଦ ଅହମ୍ମଦ କହିଥିଲ ଯେ ଦୀର୍ଘ ସ୍ଥାୟୀତ୍ୱ ଆଉ ଏକ ଇଚ୍ଛାଧୀନ ବିଷୟ ହୋଇ ରହିନାହିଁ ବରଂ ତାହା ରଣକୌଶଳମୂଳକ ହୋଇସାରିଛି। ସେହିପରି ଏହି କାର୍ଯ୍ୟକ୍ରମରେ ଗିରିଶ କୁମାର କଦମ୍ (ସିନିୟର ଭାଇସ ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ୍ ହେଡ୍, କର୍ପୋରେଟ ସେକ୍ଟର ରେଟିଂସ୍, ଆଇସିଆରଏ) ଏବଂ ସନ୍ଦୀପ କୁମାର ସାମିଲ (ଟାଟା ଷ୍ଟିଲ ର ମ୍ୟାଟେରିଆଲ୍ସର ଉପାଧ୍ୟକ୍ଷ) ହୋଇ ନିଜ ମତ ରଖିଥିଲେ। ଏମ୍‌ଜଙ୍କସନ ଗତ ତିନିବର୍ଷ ମଧ୍ୟରେ ୧୫ଟି ରାଜ୍ୟରେ ବୃହତ୍ ସମନ୍ୱିତ ଇସ୍ପାତ କାରଖାନା (ଆଇଏସ୍‌ପି) ଗୁଡିକୁ ୧.୨ ନିୟୁତ ଟନ୍ ସ୍କ୍ରାପ୍ ଯୋଗାଇ ଦେଇଛି ବୋଲି ଶ୍ରୀ ବର୍ମା ଉଲ୍ଲେଖ କରିଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା କୃଷି ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ



ସମ୍ବଲପୁର, ୧୫ା୧୨ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଲାଠୋର ଶାଖା ପକ୍ଷରୁ କୃଷି ଋଣ ସୁବିଧା ସମ୍ବନ୍ଧରେ ସଚେତନତା ସୃଷ୍ଟି ଏବଂ କୃଷକ ସମାଜକୁ ଆର୍ଥିକ ସହାୟତା ପ୍ରଦାନ କରି ସଶକ୍ତ ଉଦ୍ଦେଶ୍ୟରେ ଏକ କୃଷି ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଆଖପାଖ ଅଞ୍ଚଳର ଗ୍ରାମୀଣ ଉଦ୍ୟୋଗୀଙ୍କ ସମେତ ପ୍ରାୟ ୨୫୦ଜଣ ଋଣଗ୍ରହୀତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମୟୋଚିତ କୃଷି ଋଣର ଗୁରୁତ୍ୱ ଏବଂ ବ୍ୟାଙ୍କର ବିଭିନ୍ନ କୃଷି ଉପଯୋଗୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। କରୁଆଁଝରର ସରପଞ୍ଚ ଜପସ୍ୱୀନି ସାହୁ ଏଥିରେ ଯୋଗ ଦେଇ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବାରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଫସଲ ଋଣ, କୃଷି ମିଆଦୀ ଋଣ ଓ ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ କୃଷି ଋଣଗ୍ରହୀତାଙ୍କୁ ପ୍ରାୟ ୧.୫ କୋଟି ଟଙ୍କର ଋଣ ମଞ୍ଜୁରକରାଯାଇଥିଲା। ଲାଠୋର ବ୍ୟାଙ୍କର ଶାଖା ପ୍ରବନ୍ଧକ ମାଧବ ବିଶି ବ୍ୟାଙ୍କର ବିଭିନ୍ନ କୃଷିଯୋଜନାଗୁଡିକ ବିଷୟରେ ସୂଚନା ଦେଇଥିଲେ।

## ଜୋନାଥନ ଗ୍ରାନଫ୍‌ଙ୍କୁ 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର'



ଭୁବନେଶ୍ୱର, ୧୫ା୧୧(ସମିସ): ବିଶ୍ୱଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଜୋନାଥନ୍ ଗ୍ରାନଫ୍‌ଙ୍କୁ ଶନିବାର 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଗ୍ରାନଫ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରି କିସ୍ ନିଜକୁ ଧନ୍ୟ ମନେ କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି ସମ୍ମାନ ଗ୍ରହଣ କରି ଗ୍ରାନଫ୍ କିସ୍‌କୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଏକ ଅସାଧାରଣ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ। ଗ୍ରାନଫ୍ ତାଙ୍କ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପରିଚାଳିତ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ କହିଲେ, ଏହା ହେଉଛି ଦୟା ଓ ପ୍ରେମର ଏକ ଆନ୍ଦୋଳନ। ଆର୍ଟ ଅଫ୍ ଗିଭିଂ ଜୀବନ ସହିତ ଜ୍ଞାନର ବିକଶିତ କରିଥାଏ। ଗ୍ରାନଫ୍ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧି ଧରି ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି। ଏନେଇ ସେ ଆମେରିକା ସଂସଦ, ବ୍ରିଟେନ୍ ସଂସଦ ଓ କାନାଡ଼ା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ଗ୍ରାନଫ୍ ନୋବେଲ୍ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି। ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର୍ ଆସୋସିଏସନ୍ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରିଥିଲା।

ପ୍ରାରମ୍ଭରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ହାତୀଛୁଆର ମୃତଦେହ ଠାବ

ବାରିପଦା, ୧୫ା୧୧ (ସମିସ): ବାରିପଦା ରେଞ୍ଜ ଅଧୀନ ହଳଦୀବଣି ଜଙ୍ଗଲରୁ ଏକ ନବଜାତ ହାତୀ ଶାବକର ମୃତଦେହ ଠାବ ହୋଇଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶାବକର ଶବ ବ୍ୟବଚ୍ଛେଦ କରାଇବା ସହ ନମୁନା ସଂଗ୍ରହ କରିଛି। ୧୫ ଦିନ ବ୍ୟବଧାନରେ ଦୁଇ ଦୁଇଟି ହାତୀ ଶାବକର ମୃତ୍ୟୁ ଘଟିଥିବାରୁ ଏହି ବୃହତ୍‌କାୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପାଚିଲା ଧାନ ଖାଇବାକୁ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ ଟିକିଆ ଏକ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ଏହି ପଲରେ ଥିବା ଏକ ନବଜାତ ହାତୀ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ହଳଦୀବଣି ଜଙ୍ଗଲରେ ମରିପଡ଼ିଥିବା ଖବର ପାଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ ତାରିଖରେ ବାଙ୍ଗରିପୋଷି ଅଞ୍ଚଳରେ ସେହି ପଲରୁ ଏକ ହାତୀ ଶାବକର ମୃତ୍ୟୁ ଘଟିଥିଲା। ସେତେବେଳେ ପଲରେ ଥିବା ଅନ୍ୟ ଗର୍ଭବତୀ ହାତୀ ପରେ ଜନ୍ମ ଦେଇଥିବା କୁହାଯାଉଛି। ତେବେ ଘଞ୍ଚ ଜଙ୍ଗଲ ପରିବର୍ତ୍ତେ ଏହି ହାତୀପଲ ବିଭିନ୍ନ ଧାନକ୍ଷେତ ଓ ଗାଁଗଣ୍ଡା ବୁଲୁଥିବାରୁ ଗୋଟିଏ ପରେ ଗୋଟିଏ ଶାବକ ପ୍ରାଣ ହରାଉଛନ୍ତି। ହାତୀ ମୃତ୍ୟୁର କାରଣ ଓ ସୁରକ୍ଷା ଦିଗରେ ବନବିଭାଗ ପକ୍ଷରୁ ପ୍ରୟାସ ଜରୁରୀ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।



# ଶିମିଳିପାଳରେ ବାଘ ଗଣନା ଆରମ୍ଭ



ବାରିପଦା, ୧୫ା୧୧ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଆଜିଠାରୁ ବାଘ ଗଣନା ଆରମ୍ଭ ହୋଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ଗାଇଡଲାଇନ୍ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଦୁଇଟି ପର୍ଯ୍ୟାୟରେ ବାଘ ଗଣନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା ଓ ଶାକହାରୀ ପ୍ରାଣୀମାନଙ୍କ ସାଇନ ସର୍ଭେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ (ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଗଣନା କରାଯିବ।

- ୨୦୨୬ ମସିହା ମାର୍ଚ୍ଚରେ ଶେଷ ହେବ
- ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା

କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ରୟାଲ ବେଙ୍ଗଲ ଟାଇଗର୍ ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱରେ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନଟସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାସୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଶିମିଳିପାଳ ଉତ୍ତର, ଦକ୍ଷିଣ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଳଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ୧୦୩ଟି ବିଟ୍ ଅଞ୍ଚଳରେ ଏହି ଗଣନା କରାଯିବ। ଏଥିପାଇଁ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ଏହି ପର୍ଯ୍ୟାୟ ନଭେମ୍ବର ୨୨ ପର୍ଯ୍ୟନ୍ତ ଚାଲିବ।

ପର୍ଯ୍ୟାୟ-୧ ଶେଷ ହେବା ପରେ ଡିସେମ୍ବରରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କିମି ଗ୍ରିଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ କ୍ୟାମେରା ଜରିଆରେ ଗଣନା କରାଯିବା। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି।

ବାଘ ଗଣନାର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚରେ ଶେଷ ହେବ। ସମସ୍ତ ତଥ୍ୟ ଏନଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ। ପୂର୍ବ ଗଣନା ଅନୁଯାୟୀ, ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ ପାର୍ କରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ ୨୦୨୨ର ସର୍ବଭାରତୀୟ (ପାନ-ଇଣ୍ଡିଆ) ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଥିଲେ। ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୨୫୦ରୁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା। ତେବେ, ଅଲ୍ ଓଡ଼ିଶା ଟାଇଗର୍ ଏଷ୍ଟିମେଣ୍ଟ ଅନୁଯାୟୀ ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ। ରାଜ୍ୟରେ ଥିବା ମହାବଳ ବାଘ ମଧ୍ୟରୁ ସର୍ବାଧିକ ୩୯ଟି ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି।



# 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ କାମ ଶେଷ

ଲକ୍ଷେଶ୍ୱର ପ୍ରଡକ୍ସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ ଶେଷ ହୋଇଛି। ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି। ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି। ଏହି ସିନେମାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ। କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଗୀତ ଡଃ ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରଗ୍ରହଣ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି। କବିର ପ୍ରସାଦ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ନାୟକ ଶୁଭାଶିଷ ଶର୍ମା (ମଣ୍ଟୁ), ନାୟିକା ଭୂମିକା ଦାଶ, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଲ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର, କ୍ରିଷ୍ଣାରାଣୀ ଦାଶ ଏବଂ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଏଥିରେ ଭରପୂର କମେଡି ମଧ୍ୟ ଅଛି। ଫ୍ୟାମିଲି ଡ୍ରାମା ସହ ଲଭ୍ ରୋମାନ୍ସ ଥିବା ବେଳେ, ଆମ ଓଡ଼ିଶାର ଦୋଳ ପର୍ବ ଅତି ଜାକଜମକରେ ଦେଖିବାକୁ ମିଳିବ।। ଏହି ଫିଲ୍ମ ରେ, ଗାଁ ପରିବେଶ ତଥା ଆମ ମାଟିର ବାସ୍ନା ଅନୁଭବ କରି ହେବ। ■

## ପ୍ରଶଂସା ସାଉଁଟୁଛି ଅଭିଜି ଙ୍କ 'ସଜନା'

# ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ



ରିଲିଜ୍ ହୋଇଛି ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମିଶ୍ରଙ୍କ ଆଉ ଏକ ହିନ୍ଦୀ ମ୍ୟୁଜିକ୍ ଭିଡିଓ 'ସଜନା'। ଯାହା ଦର୍ଶକଙ୍କ ହୃଦୟ ଜିଣୁଥିବା ବେଳେ ୟୁଟ୍ୟୁବରେ ଖୁବ୍ ପ୍ରଶଂସା ସାଉଁଟୁଛି। 'ସଜନା' ଏକ ହୃଦୟସ୍ପର୍ଶୀ ହିନ୍ଦୀ ପପ୍-କ୍ଲାସିକାଲ୍ ଫ୍ୟୁଜନ୍। ସଂଗୀତରେ ସବୁବେଳେ ପରୀକ୍ଷା ନିରୀକ୍ଷାରେ ବିଶ୍ୱାସ କରୁଥିବା ଅଭିଜିତଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। 'ସଜନା' ଚିରନ୍ତନ ପ୍ରେମର ଚିର ସବୁଜ ପ୍ରତୀକ। ଯେଉଁଠି ଗୋଟେ ପ୍ରେମିକା ନିଜ ପ୍ରେମିକ ପାଇଁ ଅନ୍ତରର ଅଭିମାନକୁ ଭାଙ୍ଗି ଅତୀତର ସ୍ମୃତିକୁ ମନେପକାଇ ଆପଣାର ମନର ମଣିଷକୁ ଆମନ୍ତ୍ରଣ କରୁଛି। ଗୀତଟି ବିଚ୍ଛେଦର କୋମଳ ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିବା ବେଳେ ନାୟିକାଙ୍କ ଆତ୍ମସଂଗୀତକୁ ଗାଇ ଶୁଣେଇଛନ୍ତି କଣ୍ଠଶିଳ୍ପୀ ଅଭିଜିତ ମିଶ୍ର। ଏହି ମ୍ୟୁଜିକ୍ ଭିଡିଓରେ ଓଲିଉଡ୍ ନାୟିକା ସୂର୍ଯ୍ୟମୟୀ ମହାପାତ୍ର ଅତି ନିଖୁଣ ଭାବେ ଅଭିନୟ କରିଛନ୍ତି। 'ସଜନା' ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ ହୋଇଥିବା ବେଳେ ଏହି ମ୍ୟୁଜିକ ଭିଡିଓ କରି ସେ ବେଶ୍ ଖୁସି ଥିବାବେଳେ ନୂଆ ଧାରା ସୃଷ୍ଟି କରିଛନ୍ତି। ତେବେ ସଜନାରେ ଅଭିଜିତ ମିଶ୍ର ଉଭୟ କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳି ଥିବା ବେଳେ ରାଜକୁମାର ମାହାତୋ ଗୀତ ରଚନା କରିଛନ୍ତି। ୩୦୦ରୁ ଅଧିକ ଗୀତରେ ନିଜ ନିଆରା ଅନ୍ଦାଜ ପାଇଁ ଦର୍ଶକଙ୍କ ପ୍ରିୟ ପାଲଟିଥିବା ଅଭିଜିତ 'ସଜନା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ■



## ଟେଲିଭିଜନ ପ୍ରିମିୟର

# 'ଗଙ୍ଗା, ଯମୁନା, ସରସ୍ୱତୀ'

ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଟିଭିରେ ଟେଲିଭିଜନ ପ୍ରିମିୟର୍ ହେବ 'ଗଙ୍ଗା, ଯମୁନା, ସରସ୍ୱତୀ'। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଶ୍ରଦ୍ଧା। ଶ୍ରଦ୍ଧା ଏଥିରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ତିନିଟି ଚରିତ୍ରରେ ଅଭିନୟ କରିଛନ୍ତି। ସିନେମାର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ସଞ୍ଜୟ ନାୟକ। ପ୍ରଯୋଜନାରେ ଅଛନ୍ତି କ୍ଷୀରୋଦ ପଟ୍ଟନାୟକ। ସଂଗୀତରେ ସନ୍ଦୀପ ପଣ୍ଡା ଥିବା ବେଳେ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ ସନ୍ଦୀପ। ସେହିପରି ସିନେମାଟିର ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ, ଏସ୍. ଜିତୁ, ପାୟଲ ମହାନ୍ତି। ଶ୍ରଦ୍ଧାଙ୍କ ବ୍ୟତୀତ ସିନେମାରେ ଅଙ୍କିତ କୁମାର, ବିକ୍ରମ କେଶରୀ ମହାନ୍ତି, ରଶ୍ମି, ଜ୍ୟୋତି ପ୍ରକାଶ ପଣ୍ଡା, ଅଭିନବ ସିଂହ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଏହାର ଟିମ୍ ଆଶାବାଦୀ ଅଛି। ■





# ମାଣବସା ଗୁରୁବାରରେ 'ଲକ୍ଷ୍ମୀପୁରାଣ'

ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ଚଳିତ ମାର୍ଗଶିର ମାସ ମାଣବସା ଗୁରୁବାରରେ ନେଇ ଆସିଛି ବଳରାମ ଦାସଙ୍କ ଅନନ୍ୟ କୃତି 'ଲକ୍ଷ୍ମୀ ପୁରାଣ'। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଦର୍ଶକ ଏଥିରେ 'ଲକ୍ଷ୍ମୀ ପୁରାଣ' ପ୍ରତି ଗୁରୁବାର ଭୋର ୫ଟା, ସକାଳ ୭ଟା ଓ ଅପରାହ୍ଣ ୪ଟା ସମୟରେ ଦେଖିବାର ସୁଯୋଗ ପାଇଛନ୍ତି। ଏଥିରେ ମୁଖ୍ୟ ଚରିତ୍ର ସହ ଲକ୍ଷ୍ମୀ ପୁରାଣକୁ ଆବୃତ୍ତି କରିଛନ୍ତି ଓଡ଼ିଆ ଦର୍ଶକଙ୍କର ଅତିପ୍ରିୟ ସ୍ମୃତିରେଖା, ଅନନ୍ୟା ଓ ଅଙ୍କିତା। ଆବୃତ୍ତି ସହିତ ଲକ୍ଷ୍ମୀ ପୁରାଣକୁ ଚିତ୍ର ଓ ଅଭିନୟ ମାଧ୍ୟମରେ ମଧ୍ୟ ଉପସ୍ଥାପନ କରାଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମକୁ ଦେଖି ଆମ ସଂସ୍କୃତି ଓ ପରମ୍ପରା ସହିତ ଦର୍ଶକେ ଯୋଡ଼ି ହେବା ଆଶା କରାଯାଉଛି। ■

## ପରଦା ପଛର କାହାଣୀ

# ରେକର୍ଡିଂ ପୂର୍ବରୁ ଗୀତର ସୁଟିଂ

ସାଧାରଣତଃ ଫିଲ୍ମ ଗୀତଗୁଡ଼ିକ ପ୍ରଥମେ ରେକର୍ଡିଂ କରାଯାଇଥାଏ। ତାପରେ ଗୀତ ଅନୁଯାୟୀ ଏହାର ଦୃଶ୍ୟ ସୁଟିଂ ହୋଇଥାଏ। କିନ୍ତୁ ଏଭଳି ଏକ ଗୀତ ରହିଛି, ଯାହାର ଗୀତ ରେକର୍ଡିଂ ପୂର୍ବରୁ ପ୍ରଥମେ ଦୃଶ୍ୟର ସୁଟିଂ ହୋଇଥିଲା। ଏହି ଗୀତଟି ଥିଲା 'ପଟାଖା ଗୁଡ୍ଡି'। ୧୧ ବର୍ଷ ତଳେ ଆସିଥିବା ଏହି ଗୀତ ରାତାରାତି ସୁପରହିଟ୍ ହୋଇଥିଲା। ୨୦୧୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ହାଇୱେ'ର ଏହା ଏକ ଲୋକପ୍ରିୟ ଗୀତ। ଏହି ଗୀତକୁ ନୁରନ୍ ସିଷ୍ଟର୍ସ ଗାଇଥିଲେ। ଏହାର ମ୍ୟୁଜିକ୍ ଓ କମ୍ପୋଜିସନ୍ ଏଆର୍ ରେହମାନ୍ କରିଥିଲେ। ଗୀତକୁ ରଚନା କରିଥିଲେ ଇରଶାଦ୍ କାମିଲ। ଏହା ଫିଲ୍ମ ଇଣ୍ଡଷ୍ଟ୍ରୀର ପ୍ରଥମ ଗୀତ ଯାହା ରେକର୍ଡିଂ ପୂର୍ବରୁ ପ୍ରଥମେ ସୁଟିଂ ହୋଇଥିଲା। ଇମତିୟାଜ୍ ଅଲ୍ଲୀ ପ୍ରଥମେ ଏହି ଗୀତର ଭିଜୁଆଲ୍ ସୁଟ୍ କରିସାରିଥିଲେ। ସେ ଲୋକେସନ୍, ମୁଡ୍ ଓ ଚରିତ୍ର ଅନୁଯାୟୀ ସ୍ଥାନ ନିରୂପଣ କରିଥିଲେ। ପରେ ଏ.ଆର୍. ରେହମାନଙ୍କୁ ପ୍ରଶ୍ନ କରିଥିଲେ, ଗୀତ ପାଇଁ କେଉଁଭଳି ପରିବେଶ ଆବଶ୍ୟକ।



ହିନ୍ଦୀ ସିନେମାରେ ଏପରି ଦୃଶ୍ୟ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଇମତିୟାଜ୍ ଅଲ୍ଲୀ ଗୀତରେ ବାସ୍ତବ ଯାତ୍ରା ଓ ନୂତନତ୍ୱର ଏକ ଝଲକ ଦେଖାଇବାକୁ ଚାହୁଁଥିଲେ। କେବଳ ସେତିକି ନୁହେଁ, ସୁଟିଂ ଯାଏଁ ଗୀତର ଧୁନ୍ ମଧ୍ୟ ଜଣା ନ ଥିଲା। କିନ୍ତୁ ସେ ଆଲିୟା ଓ ରଣଦୀପ ହୁଡ୍ଡାଙ୍କୁ ନେଇ ଏପରି ଦୃଶ୍ୟ ସୁଟ୍ କରିଥିଲେ, ଯେଉଁଥିରେ ସ୍ୱାଧୀନତା ଓ ବେଫିକର୍ ହୋଇ ବୁଲିବାର ଦିଶୁଥିଲେ। ପରବର୍ତ୍ତୀ ସମୟରେ ରେହମାନ୍ ଏହି ଦୃଶ୍ୟ ଦେଖିବା ପରେ ଫିଲ୍ମର ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିଲେ। ଏଥିପାଇଁ ଏହି ଗୀତରେ ଏକ ବାସ୍ତବ, ଜୀବନ୍ତ ଦୃଶ୍ୟର ଅନୁଭୂତି ଦେଖିବାକୁ ମିଳିଥିଲା। ଏହାକୁ ପଞ୍ଜାବ ଓ ହରିୟାଣାର ସୁନ୍ଦର ରାସ୍ତାରେ ସୁଟିଂ କରାଯାଇଥିଲା। ଖୋଲାପ୍ରାନ୍ତର, ରାସ୍ତା ଓ ଟ୍ରକ୍ସବାରୀ ଗୀତରେ ଏକ ନିଆରା ଅନୁଭୂତି ଦେଇଥିଲା। ୨୫ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଦ୍ୱିଗୁଣା ଆୟ କରିଥିଲା। ■

## ଆଳାପ

ବାପା ତାଙ୍କର କଳା ଜଗତ ସହିତ ଜଡ଼ିତ ଥିଲେ। ତାଙ୍କୁ ଦେଖି ସେ ବି ଜଣେ ଅଭିନେତ୍ରୀ ହେବାକୁ ଚାହିଁଥିଲେ। ସ୍କୁଲରୁ କଲେଜ ସବୁଠି ଏକକ ଅଭିନୟ କରି ସେ ଦର୍ଶକଙ୍କ ମନ କିଣି ପାରୁଥିଲେ। ଅଭିନେତ୍ରୀ ହେବାର ଜିଦ୍ ତାଙ୍କୁ ପରବର୍ତ୍ତୀ ସମୟରେ ଦେଇଥିଲା ସଫଳତା। ଏଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ହେଉଛନ୍ତି କେଉଁଝର ଜିଲ୍ଲା ଆନନ୍ଦପୁରର ମାମାଲି ସାହୁ। କମେଡିରୁ କାମ ଆରମ୍ଭ କରି 'ମୋ ଶାଶୂର ଶାଶୂମା'ରେ ଚମତ୍କାର ଅଭିନୟ କରିଛନ୍ତି। ସେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିଛନ୍ତି। ନିକଟରେ ସେ 'ଚାରିଧାମ' ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ କିଣିଛନ୍ତି। ଜଣେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

# "ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଭଲ ଲାଗେ"



**ମାମାଲି ସାହୁ, ଅଭିନେତ୍ରୀ**

**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

● ପିଲାଟି ଦିନେ ଟିଭିରେ ଯାହା ଦେଖୁଥିଲି ତାକୁ ନକଲ କରୁଥିଲି। 'ଛଅ ମାଣ ଆଠ ଗୁଣ୍ଠ', 'ବଡ଼ ଘର ବଡ଼ ଗୁମର କଥା' ଆଦି ଧାରାବାହିକ ମୋର ପ୍ରିୟ ଥିଲା। ସେଥିରେ ଶ୍ୱେତା ଆଚାର୍ଯ୍ୟଙ୍କ ନେଗେଟିଭ୍ ଚରିତ୍ରକୁ ମୁଁ ଅନୁକରଣ କରୁଥିଲି। ତାଙ୍କର ମୁଁ ପ୍ରଶଂସକ ଥିଲି। ତାଙ୍କ ପରି ଅଭିନୟ କରିବାକୁ ସ୍ୱପ୍ନ ଦେଖୁଥିଲି। ଯେହେତୁ ମୋ ପିତା କଳା ଲାଇନ୍‌ରେ ଥିଲେ ସେ ବି ଚାହୁଁଥିଲେ ଝିଅ ଅଭିନେତ୍ରୀ ହେଉ। ତେଣୁ ମୋର ଏହି ଯାତ୍ରା ସହଜ ହୋଇଯାଇଥିଲା। ପ୍ରଥମେ ପ୍ରଜ୍ଞା ଭାଇଙ୍କ ସହିତ କିଛି କମେଡି କରିଲି। ପରେ ଧାରାବାହିକ 'ମୋ ଶାଶୂର ଶାଶୂମା'ରେ କମେଡି ଚରିତ୍ରରେ ନଜର ଆସିଥିଲି। ପରବର୍ତ୍ତୀ ସମୟରେ 'ଆଭା', 'ଦୁର୍ଗା' ସିନେମାରେ କାମ କରିବାକୁ ସୌଭାଗ୍ୟ ଲାଭ କରିଛି। ସେହିଭଳି 'ବେଶୀ ଜମା ଭଲ ନୁହେଁ' ଆଦି କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛି। ଦର୍ଶକଙ୍କ ଭଲ ପାଇବା ପାଇଛି।

**କମେଡି ସିନ୍‌ରୁ ସିନେମାରେ ନେଗେଟିଭ୍ ଚରିତ୍ର କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

● କମେଡି ଆଉ ଅଭିନୟ ଏ ଦୁଇଟି ମୋତେ କରିବାର ଥିଲା। ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବ। ଏହି କଥାକୁ ମନେ ରଖି ସିନେମାରେ ଅଭିନୟ କରିଛି। 'ଆଭା' ସିନେମାରେ ମୁଁ ଜଣେ ଶିକ୍ଷୟିତ୍ରୀ ଭାବେ ଅଭିନୟ କରିଥିଲି। 'ଦୁର୍ଗା' ଚଳଚ୍ଚିତ୍ରରେ ମୁଁ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଥିଲି। 'ଚାରିଧାମ'ରେ ମୁଁ ବୋହୁ ଭୂମିକାରେ ନଜର ଆସିଥିଲି। ଯିଏକି ନିଜର ଶାଶୂ ଏବଂ ଶ୍ୱଶୁରଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦେଉଛି। ଯଦିଓ କମ୍ ସମୟ ପାଇଁ ଏହି ଚରିତ୍ର ଥିଲା। ହେଲେ ଦର୍ଶକ ମୋ ଚରିତ୍ରକୁ ବହୁତ ଭଲପାଇବା ଦେଇଛନ୍ତି। କେବଳ 'ଚାରିଧାମ' ନୁହେଁ 'ଆଭା' ସିନେମାଟି ମୋତେ ଲୋକପ୍ରିୟ କରାଇଛି।

**'ଚାରିଧାମ'ରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**

● 'ଚାରିଧାମ' ସିନେମାରେ ଅଭିନୟ କରିବା ପୂର୍ବରୁ ମୁଁ କିଛି ସିନେମାରେ କାମ କରିସାରିଥିଲି। ଏହାକୁ ଦେଖି ତାପସ ସରଘରିଆ ଭାଇ 'ଚାରିଧାମ' ପରି ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। ଆଉ ଚରିତ୍ର ଭଲ କେମିତି କରିବି ସେ ନେଇ ସେ ଗାଇଡ୍ କରିଥିଲେ। ତେଣୁ 'ଚାରିଧାମ' ପରି ସିନେମା କରିବା ସୌଭାଗ୍ୟର ବିଷୟ। ବହୁତ ଖୁସି ଲାଗିଥିଲା ଏହି ସିନେମାକୁ ନେଇ।

**ଫିଟ୍ ରହିବାକୁ କଣ କରନ୍ତି?**

● ଆଗରୁ ଧାରାବାହିକରେ କାମ କରୁଥିଲି। ସେଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ପଡୁଥିଲା। ଏହା ଦ୍ୱାରା ମୋର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ତେଣୁ ଧାରାବାହିକ କାମ ଛାଡ଼ି ନିଜକୁ ସମୟ ଦେଉଛି। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ। ବ୍ୟାୟାମ ଓ ଯୋଗ କରେ।

**ଡ୍ରିମ ରୋଲ?**

● ନେଗେଟିଭ୍ ଏବଂ ଲାଜକୁଳା ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛି। ମୌଳିକଧର୍ମୀ କାହାଣୀର ସିନେମାରେ କାମ କରିବାକୁ ଯୋଜନା ରଖିଛି। ଯାହା ବି ମୋତେ ଚରିତ୍ର ମିଳିବ ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେଉଛି।

**ଭଲ ଅଭିନୟ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

● ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ମୋ ମୁହଁର ଭାବ, ବେଶ ପରିପାଟୀ ଖାପ ଖାଉଛି କି ନାହିଁ, କେମିତି ମୋ ଅଙ୍ଗଭଙ୍ଗୀ ରହିବ ତାହାକୁ ସବୁ ଧ୍ୟାନ ଦିଏ। ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ।

**କଳା କ୍ଷେତ୍ରକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ନୂଆ ପିଢ଼ିଙ୍କୁ ଏତିକି କହିବି ଏ ଲାଇନ୍‌କୁ ଆସୁଥିଲେ, ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ। ଧୀରେ ଧୀରେ କାମ ଆରମ୍ଭ କରନ୍ତୁ। କାରଣ ଛୋଟ ଛୋଟ କଥା ମଣିଷଙ୍କୁ ବଡ଼ ସଫଳତା ଦେଇଥାଏ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ଶିଖିବାର ଆବଶ୍ୟକତା ରହିଛି। ଶିଖିଲେ ହିଁ ମଣିଷ ଆଗକୁ ବଢ଼ିବ। ■

## ଦ.ଆଫ୍ରିକା ଧରାଶାୟୀ; ଭାରତ ନିୟନ୍ତ୍ରଣରେ ମ୍ୟାଚ୍

# ଇଡେନ୍‌ରେ ବୋଲରଙ୍କ ରାଜୁତି ଜାରି

କୋଲକାତା, ୧୫ ।୧୧ (ଏଜେନ୍ସି):

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟରେ ବୋଲରଙ୍କ ରାଜୁତି ଜାରି ରହିଛି। ପ୍ରଥମ ଦିବସରେ ୧୧ ୱିକେଟ୍‌ର ପତନ ଘଟିଥିବାବେଳେ ଶନିବାର ଆଉ ୧୫ଟି ୱିକେଟ୍ ପଡ଼ିଛି। ଦୁଇଦିନରେ ମୋଟ୍ ୨୬ଟି ୱିକେଟର ପତନ ଘଟିସାରିଲାଣି।

୩୦ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୩୫ ଓଭରରେ ୭ ୱିକେଟ୍ ହରାଇ ୯୩ ରନ ସଂଗ୍ରହ କରିଛି। ଅଧିନାୟକ ତେମ୍ବା ବଭୁମା ୨୯ ଓ କୋର୍ବିନ ବୋଷ୍ଟ ୧ ରନରେ ଅପରାଜିତ ରହିଛନ୍ତି। ମାର୍କୋ ଜାନସେନ ୧୩, ର୍ୟାନ ରିକ୍ଲେନଟନ ୧୧, ୱିଆନ ମଲ୍ଡର ୧୧, କାଏଲ ଭେରେନୀ ୯, ଆଇଡେନ ମାର୍କରମ ୪, ଟ୍ରିଷ୍ଟାନ ଷ୍ଟବ୍ସ ୫, ଟୋନି ଡି ଜୋରଜି ୨ ରନରେ ଆଉଟ୍ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି ୱିକେଟ୍ ନେଇ ସବୁଠୁ ସଫଳ ବୋଲର ରହିଥିଲେ। କୁଲଦୀପ୍ ଯାଦବ ୨ ଓ ଅକ୍ଷର ପଟେଲ ଗୋଟିଏ ୱିକେଟ୍ ନେଇଛନ୍ତି। ଦ୍ୱିତୀୟ ଇନିଂସରେ ୩ ୱିକେଟ୍ ବଳକା ଥାଇ ଦକ୍ଷିଣ ଆଫ୍ରିକା ମୋଟ୍ ୬୩ ରନରେ ଅଗ୍ରଣୀ ରହିଛି। ମ୍ୟାଚ୍ ଆହୁରି ୩ ଦିନ ବାକି ରହିଥିବାରୁ ଭାରତ ଏବେ ଦୃଢ଼ସ୍ଥିତିରେ ରହିଛି।

### ଦ୍ୱିତୀୟ ଦିନରେ ୧୫ ୱିକେଟ୍‌ର ପତନ

### ରାହୁଲଙ୍କ ୪ ହଜାର ରନ ପୂରଣ

ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନରେ ସୀମିତ ରହିବା ପରେ ଭାରତ ପ୍ରଥମ ଦିବସ ସୁଦ୍ଧା ଗୋଟିଏ ୱିକେଟ୍‌ରେ ୩୭ ରନ କରିଥିଲା। ଶନିବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ମଧ୍ୟ ନିୟମିତ ଅନ୍ତରରେ ୱିକେଟ୍ ହରାଇ ୬୨.୨ ଓଭରରେ ୧୮୯ ରନରେ ସୀମିତ ରହିଥିଲା। ଓପନର୍ ଲୋକେଶ ରାହୁଲ ସର୍ବାଧିକ ୩୯ ରନ କରିଥିଲେ। ଏହିକ୍ରମରେ ସେ ୧୮ତମ ଭାରତୀୟ ଭାବେ ଟେଷ୍ଟରେ ୪ ହଜାର ରନ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୯, ଋଷଭ ପନ୍ତ ୨୭, ଜାଡେଜା ୨୭, ଅକ୍ଷର ୧୬, ଧ୍ରୁବ ଜୁରେଲ ୧୪, ଯଶସ୍ୱୀ ଜୟସ୍ୱାଲ ୧୨ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୪ ରନ କରିଥିବାବେଳେ ବେକରେ ଆଘାତ ପାଇ ରିଟାୟର୍ଡ ହର୍ଟ ହୋଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାଇମନ ହାର୍ମର ୪ ଓ ମାର୍କୋ ଜାନସେନ ୩ଟି ୱିକେଟ ହାସଲ କରିଥିଲେ।



**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦**

**ଭାରତ ପ୍ରଥମ ଇନିଂସ: ୧୮୯/୯** (ଗିଲ୍- ରିଟାୟାର୍ଡ ହର୍ଟ୍- ୪, ରାହୁଲ- ୩୯, ୱାଶିଂଟନ- ୨୯, ଜାଡେଜା- ୨୭, ପନ୍ତ- ୨୭, ଜୁରେଲ- ୧୪, ଅକ୍ଷର- ୧୬, ହାର୍ମର- ୪/୩୦, ଜାନସେନ- ୩/୩୫)।


**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୯୩/୭, ୩୫ ଓଭର** (ବଭୁମା- ୨୯, ଜନସେନ- ୧୩, ମଲ୍ଡର- ୧୧, ମାର୍କରମ- ୪, ଷ୍ଟବ୍ସ- ୫, ଜାଡେଜା- ୪/୨୯, କୁଲଦୀପ୍- ୨/୧୨)।

## ଆଇପିଏଲ୍-୧୯: ଖେଳାଳି ରିଟେନ୍‌ସନ୍ ତାଲିକା ଜାରି

# ଜାଡେଜାଙ୍କୁ ଛାଡ଼ି ସଞ୍ଜୁଙ୍କୁ ଆଣିଲା ସିଏସ୍‌କେ

ନୂଆଦିଲ୍ଲୀ, ୧୫ ।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି ଶନିବାର ଥିବା ରିଟେନସନ୍ ତାଲିକାର ଜାରି କରିବାର ଶେଷଦିନ। ଏହି ଅବସରରେ ସମସ୍ତ ୧୦ଟି ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଦଳରେ ରଖିଲେ ଓ କାହାକୁ ଡିସେମ୍ବର ୧୬ ତାରିଖରେ ହେବାକୁ ଥିବା ମିନି ନିଲାମୀକୁ ଛାଡ଼ିଲେ ତାହାର ତାଲିକା ଜାରି କରିଛନ୍ତି। ସେହିଭଳି ଫ୍ରାଞ୍ଚାଇଜ-ଫ୍ରାଞ୍ଚାଇଜ ମଧ୍ୟରେ ଖେଳାଳି ଅଦଳବଦଳ ନେଇ ଟ୍ରେଡ୍ ଡିଲ୍ ମଧ୍ୟ ହୋଇଛି। ଏହିକ୍ରମରେ ସବୁଠୁ ବଡ଼ ଅଦଳବଦଳ ହୋଇଛି ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ। ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଏହାର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ନେଇ ରାଜସ୍ଥାନ ସହ ଟ୍ରେଡ୍ ଡିଲ୍ କରିଛି। ଜାଡେଜା ରାଜସ୍ଥାନକୁ ଯାଇଥିବାବେଳେ ରାଜସ୍ଥାନର ନିର୍ଭରଯୋଗ୍ୟ ବ୍ୟାଟର୍ ସଞ୍ଜୁ ସାମସନ ଚେନ୍ନଇ ଦଳରେ ସାମିଲ ହୋଇଛନ୍ତି। ସିଏସ୍‌କେର ବାସନ୍ଦ ୨ ବର୍ଷ (୨୦୧୬ ଓ ୨୦୧୭)କୁ ଛାଡ଼ି ଜାଡେଜା ୨୦୧୨ରୁ ଏହି ଫ୍ରାଞ୍ଚାଇଜ ପାଇଁ ଖେଳୁଛନ୍ତି। ତାଙ୍କର ମୂଲ୍ୟ ୧୪ କୋଟି ଟଙ୍କା ରହିଥିଲା। ଏଥିପୂର୍ବରୁ ଜାଡେଜା ଆଇପିଏଲ୍ ଆରମ୍ଭ ସମୟରେ ରାଜସ୍ଥାନ ଦଳର ସଦସ୍ୟ ଥିଲେ। 'ଏବେ ଜାଡେଜାଙ୍କ ଘର ବାହୁଡ଼ା ହୋଇଛି' ବୋଲି ରାଜସ୍ଥାନର ମାଲିକ ମନୋଜ ବଦଲେ କହିଛନ୍ତି। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ସିଏସ୍‌କେ ଜାଡେଜାଙ୍କୁ ଛାଡ଼ିଥିବା କୁହାଯାଉଛି। ଅପରପକ୍ଷରେ ଅନ୍ୟ ବଡ଼ ଡିଲ୍ ମଧ୍ୟରେ ସନରାଇଜର୍ସ ହାଇଦରାବାଦ୍‌ର ମହମ୍ମଦ ସାମି ଟ୍ରେଡ୍ ଡିଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ଯାଇଛନ୍ତି। ସେହିଭଳି ସାମ୍ କୁରନ ଚେନ୍ନାଇରୁ ରାଜସ୍ଥାନକୁ, ନୀତୀଶ ରାଣା ରାଜସ୍ଥାନରୁ ଦିଲ୍ଲୀ କ୍ୟାପିଟାଲ୍ସକୁ, ଅର୍ଜୁନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସରୁ ଲକ୍ଷ୍ନୌକୁ, ଶାର୍ଦ୍ଦୁଳ ଠାକୁର ଲକ୍ଷ୍ନୌରୁ ମୁମ୍ବାଇକୁ ଟ୍ରେଡ୍ ଡିଲରେ ଯାଇଛନ୍ତି।

### ରିଲିଜ୍ ହେଲେ ମ୍ୟାକ୍ସୱେଲ ଓ ରସେଲ୍



ସେହିପରି ବିଭିନ୍ନ ଫ୍ରାଞ୍ଚାଇଜ ବଡ଼ ବଡ଼ ଖେଳାଳିଙ୍କୁ ଦଳରୁ ରିଲିଜ କରି ନିଲାମୀକୁ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଦିଲ୍ଲୀ ଫାଫ୍ ଡୁ ପ୍ଲେସିସଙ୍କୁ, ବେଙ୍ଗାଲୁରୁ ମୟଙ୍କ ଅଗରୱାଲ, ଟିମ୍ ସେଇଫର୍ଟ, ଲିଆମ ଲିଭିଂଷ୍ଟୋନଙ୍କୁ, ପଞ୍ଜାବ ଗ୍ଲେନ ମ୍ୟାକ୍ସୱେଲ, ଜୋଶ୍ ଇଂଲିଶଙ୍କୁ, ଚେନ୍ନାଇ ରାଚିନ ରବୀନ୍ଦ୍ର, ଦୀପକ ହୁଦା, ବିଜୟ ଶଙ୍କର, ମହୀଷ ପଥିରାଣାଙ୍କୁ, ଗୁଜରାଟ ଦସୁନ ଶନକା, ଗେରାଲ୍ଡ କୋର୍ଜିଙ୍କୁ, କୋଲକାତା ଆନ୍ଦ୍ରେ ରସେଲ, ଭେଙ୍କଟେଶ ଆୟର, କ୍ୱିଣ୍ଟନ ଡି କକ୍, ମୋଇନ ଅଲିଙ୍କୁ, ଲକ୍ଷ୍ନୌ ଡେଭିଡ୍ ମିଲର, ଆକାଶ ଦୀପ୍, ରବି ବିଷ୍ଣୋଇଙ୍କୁ, ମୁମ୍ବାଇ ରିସି ଟୋପଲୀ, କର୍ନ ଶର୍ମା, ମୁଜିବ ଉର୍ ରେହମାନ, ରାଜସ୍ଥାନ ୱାନିନ୍ଦୁ ହାସରଙ୍ଗା, ମହୀଷ ଥିକସାନା ଏବଂ ହାଇଦରାବାଦ୍ ଆଦାମ ଜାମ୍ପା, ରାହୁଲ ଚହର, ୱିଆନ ମଲ୍ଡର ପ୍ରମୁଖଙ୍କୁ ଦଳରୁ ରିଲିଜ ଅର୍ଥାତ୍ ବାହାର କରିଛି।

## ଷ୍ଟେଟ୍-ଏ ଟ୍ରଫି: ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୧୫ ।୧୧ (ସମିସ): ଭଦୋଦରାରେ ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୩୭ ରନରେ ଗୁଜରାଟକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ଓମ୍ ଟି ମୁଣ୍ଡେ (୫୪) ଓ ଶ୍ରେୟାଂଶ ଭରଦ୍ୱାଜ (୫୩)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୭ ରନ କରିଥିଲା। ଗୁଜରାଟର କୁଶନ ଶ୍ୟାମ ପଟେଲଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କୁଶନଙ୍କ ୬୦ ରନ ସତ୍ତ୍ୱେ ୪୭.୪ ଓଭରରେ ୨୩୦ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଏମ୍‌ଡି ଡାନିସ ୩ ଓ ବିମଳ କୁମାର ୨ଟି ୱିକେଟ୍ ହାତେଇଥିଲେ। ଏଥିସହ ଓଡ଼ିଶା ୪ର୍ଥ ମ୍ୟାଚରୁ ୩ ବିଜୟ ସହ ୧୨ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ରେ ମୁମ୍ବଇ (୧୬) ଓ ଆନ୍ଧ୍ର (୧୨) ପଛକୁ ରହିଛି।

## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ | ୧୦ମ ରାଉଣ୍ଡ ଶେଷରେ ଶୀର୍ଷରେ ଗାର୍ଡିଆନ୍ସ

ଭୁବନେଶ୍ୱର, ୧୫ ।୧୧ (ସମିସ): ଏଠାରେ ଚାଲିଥିବା ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ରେ ଶନିବାର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ୧୦ ରାଉଣ୍ଡ ଖେଳ ଶେଷ ହୋଇଛି। ଏହି ସମୟରେ ଗୋଲକୁଣ୍ଡା ଗାର୍ଡିଆନ୍ସ ସର୍ବାଧିକ ୧୬ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ରହିଛି। ସେହିଭଳି ବାରବାଟୀ ବ୍ୟାଟେଲର୍ସ ଓ ଭିକ୍ଟୋରିଆ ଭିକ୍ଟର୍ସ ୧୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ଦୁଇଟି ସ୍ଥାନରେ ରହିଛନ୍ତି। ରାଜଧାନୀ ଚ୍ୟାଲେଞ୍ଜର୍ସ (୧୩) ଓ ଅମ୍ବର ଆଭେଞ୍ଜର୍ସ (୧୩) ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଛନ୍ତି। ରବିବାର ଅନ୍ତିମ ତଥା ୧୧ତମ ରାଉଣ୍ଡ ଖେଳାଯିବ। ଏହାପରେ ନକ୍‌ଆଉଟ୍ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଚେସ୍ ଲିଗ୍‌ରେ ୧୨ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି।

## ଟେଷ୍ଟରେ ୪ ହଜାର ରନ ଓ ୩୦୦ ୱିକେଟ୍

# କପିଳଙ୍କ ପରେ ଜାଡେଜା ଦ୍ୱିତୀୟ ଭାରତୀୟ

କୋଲକାତା, ୧୫ ।୧୧ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଚଳିତ କୋଲକାତା ଟେଷ୍ଟର ଦ୍ୱିତୀୟ ଦିବସରେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ଓ ୪ ହଜାର ରନ ସଂଗ୍ରହ ଭଳି ଏଲିଟ୍ କ୍ଲବରେ ଜାଡେଜା ସାମିଲ ହୋଇଛନ୍ତି। ପ୍ରଥମ ଇନିଂସରେ ୨୭ ରନର ଛୋଟିଆ ପାଳି ଖେଳିବା ସହ ଜାଡେଜା ଟେଷ୍ଟରେ ୪ ହଜାର ରନ ପୂରଣ କରିଛନ୍ତି। ଜାଡେଜା ବର୍ତ୍ତମାନ ସୁଦ୍ଧା ୮୮ଟି ଟେଷ୍ଟ ଖେଳି ୪୦୧୭ ରନ ସହ ୩୪୨ଟି ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହି ସଫଳତା ପାଇବାରେ ସେ କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଓ ଓଭରଅଲ୍ ବିଶ୍ୱର ୪ର୍ଥ କ୍ରିକେଟର୍।

**ଟେଷ୍ଟରେ ୪୦୦୦ ରନ ଓ ୩୦୦ ୱିକେଟ୍**

| ଖେଳାଳି | ମ୍ୟାଚ୍ | ରନ | ୱିକେଟ |
|---|---|---|---|
| କପିଳ ଦେବ | ୧୩୧ | ୫୨୪୮ | ୪୩୪ |
| ଇଆନ ବୋଥାମ | ୧୦୨ | ୫୨୦୦ | ୩୮୩ |
| ଡାନିଏଲ୍ ଭିଟ୍ଟୋରୀ | ୧୧୩ | ୪୫୩୧ | ୩୬୨ |
| ରବୀନ୍ଦ୍ର ଜାଡେଜା | ୮୮ | ୪୦୧୭ | ୩୪୨ |



# ଚିନ୍ତାରେ ଗିଲ୍‌ଙ୍କ ଆହତ ସମସ୍ୟା

କୋଲକାତା, ୧୫ ।୧୧ (ଏଜେନ୍ସି): ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କ ଆହତ ସମସ୍ୟା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ବ୍ୟାଟିଂ କରୁଥିବାବେଳେ ଗିଲ୍‌ଙ୍କ ବେକରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ଯେଉଁଥି ପାଇଁ ସେ ୪ ରନ କରି ରିଟାୟର୍ଡ ହର୍ଟ ନେଇଥିଲେ ଏବଂ ପରେ ଆଉ ଖେଳିବାକୁ ଆସି ନ ଥିଲେ। ତାଙ୍କୁ ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଥିବା ଜଣାପଡ଼ିଛି। ବିସିସିଆଇ ମେଡିକାଲ୍ ଟିମ୍ ଏବେ ତାଙ୍କ ଆହତ ସମସ୍ୟା ଉପରେ ତୀକ୍ଷ୍ଣ ନଜର ରଖିଛି। ସେ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବେ କି ନାହିଁ ତାହା ତାଙ୍କ ସୁସ୍ଥତା ଉପରେ ନିର୍ଭର କରେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୩ଟି ଯାକ ଫର୍ମାଟ୍‌ରେ ଖେଳୁଥିବାରୁ ଗିଲ୍‌ଙ୍କ ଉପରେ କାର୍ଯ୍ୟଭାର ପଡ଼ି ଏଭଳି ଆହତ ସମସ୍ୟା ଉପୁଜିଥିବା ଅଭିଯୋଗକୁ ଭାରତୀୟ ଦଳର ବୋଲିଂ କୋଚ୍ ମର୍ନେ ମୋର୍କେଲ ଖଣ୍ଡନ କରିଛନ୍ତି।

## ରଣଜୀ ଟ୍ରଫି: ଆଜିଠୁ ନାଗାଲାଣ୍ଡ ବିପକ୍ଷ ଲଢ଼େଇ

# ୭ ବର୍ଷ ପରେ କିଟ୍‌ରେ ଖେଳିବ ଓଡ଼ିଶା

ଭୁବନେଶ୍ୱର, ୧୫ ।୧୧ (ସମିସ): ଚଳିତ ରଣଜୀ ଟ୍ରଫିର ୫ମ ରାଉଣ୍ଡ ମ୍ୟାଚ୍ ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଚଳିତ ରଣଜୀ ସିଜନରେ ଏହି ଦୁଇ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରି ନାହାନ୍ତି। ଓଡ଼ିଶା ଓ ନାଗାଲାଣ୍ଡ ୩ଟି ଲେଖାଏ ମ୍ୟାଚ୍ ହାରିଥିବାବେଳେ ଗୋଟିଏ ମୁକାବିଲା ଡ୍ର' ରଖି ୧ ପଏଣ୍ଟ ପାଇଛନ୍ତି। ତେଣୁ ଉଭୟ ଦଳ ନିକଟରେ ଏଠାରେ ବିଜୟ ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ସେହିଭଳି ଟେବଲ୍‌ର ସର୍ବନିମ୍ନ ସ୍ଥାନ ଲାଗି ଏଠାରେ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଲଢ଼େଇ ହେବ। ପରାଜିତ କିମ୍ବା ପ୍ରଥମ ପାଳିରେ ପଛୁଆ ରହିଥିବା ଦଳ ଗ୍ରୁପ୍-ଏ'ର ସର୍ବନିମ୍ନ ୮ମ ସ୍ଥାନରେ ରହିବ। ଓଡ଼ିଶା-ନାଗାଲାଣ୍ଡ ମ୍ୟାଚ୍ ସହ ଦୀର୍ଘ ୫ ବର୍ଷ ପରେ କିଟ୍‌କୁ ରଣଜୀ ଟ୍ରଫି ମ୍ୟାଚ୍ ଫେରିଛି। ଶେଷଥର ଲାଗି ୧୯ ଜାନୁଆରୀ ୨୦୨୦ରେ ମିଜୋରାମ ଓ ସିକ୍କିମ ମଧ୍ୟରେ ଏଠାରେ ଏକ ରଣଜୀ ମ୍ୟାଚ୍ ଖେଳାଯାଇଥିଲା। ତେବେ ଓଡ଼ିଶା ୭ ବର୍ଷର ବ୍ୟବଧାନ ପରେ ଏଠାରେ ଖେଳିବ। ଶେଷଥର ଲାଗି ୨୦୧୮-୧୯ ସିଜନ (୧୪ ଡିସେମ୍ବର ୨୦୧୮)ରେ ଓଡ଼ିଶା ଏହି ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲା। କିଟ୍ ଗ୍ରାଉଣ୍ଡରେ ଏହା ୧୩ତମ ରଣଜୀ ଟ୍ରଫି ମ୍ୟାଚ୍ ହେବାକୁ ଯାଉଛି।



ଚିତ୍ର: ସାମସୁଦ୍ଦିନ

### ଚର୍ଚ୍ଚାରେ ଦେବାଶିଷ

ଏହି ମ୍ୟାଚରେ ସବୁଠୁ ଅଧିକ ରହିଛନ୍ତି ଚର୍ଚ୍ଚାରେ ଦେବାଶିଷ ମହାନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ଚଳିତ ରଣଜୀ ସିଜନରେ ନାଗାଲାଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ଭୂମିକା ନିଭାଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନାଗାଲାଣ୍ଡ ଶକ୍ତିଶାଳୀ ତାମିଲନାଡୁକୁ କଡା ଟକ୍କର ଦେଇ ମ୍ୟାଚ୍ ଡ୍ର ରଖିଥିଲା। ପୂର୍ବରୁ ରାଜ୍ୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିବାରୁ ଦେବାଶିଷ ଓଡ଼ିଶାର ଖେଳାଳିଙ୍କ ଦୋଷ ଦୁର୍ବଳତା ବିଷୟରେ ବେଶ୍ ଭଲ ଭାବରେ ପରିଚିତ। ତେଣୁ ସେ କିଭଳି ରଣନୀତି ଆପଣାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
5th Anniversary
'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by: BHARAT MASALA — AN ISO 9001 : 2015 & HACCP CERTIFIED COMPANY — The Taste of New India
In Association with: CBSE-XI & XII SRI VINAYAKA Concept School BHUBANESWAR
୨୩ ନଭେମ୍ବର - ୨୦୨୫
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।
ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.
କୋରାପୁଟ - ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର (ସୁପ୍ରିତ ପୂଜାରୀ - ୯୪୩୭୮୭୨୧୦୫)
ମାଲକାନଗିରି - ମାଲକାନଗିରି ମହାବିଦ୍ୟାଳୟ, ମାଲକାନଗିରି (ଅଶୋକ ମିଶ୍ର - ୯୦୭୮୯୩୨୨୬୬)
ନବରଙ୍ଗପୁର- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର (ଗୌରାଙ୍ଗ ପାତ୍ର - ୭୯୭୮୭୩୩୭୩୬)
ରାୟଗଡା - ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା (ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬)

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS